# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଶନିବାର, ଜୁଲାଇ ୧୨/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 12/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 227 | ମୂଲ୍ୟ ₹୭/-




**ବୁମ୍ରାଙ୍କୁ ୫ ଉଇକେଟ ସଫଳତା**

ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ୫ଉଇକେଟ ସଫଳତା ହାସଲ କରିଛନ୍ତି ଭାରତୀୟ ବୋଲର ଯଶପ୍ରୀତ ବୁମ୍ରା।

୧୪

୧୧

**ସନ୍ନିଙ୍କୁ ମାତ୍ର ୧୫ ମିନିଟ୍**

'ରାମାୟଣ' ଚଳଚ୍ଚିତ୍ରରେ ହନୁମାନଙ୍କ ଭୂମିକାରେ ଅଭିନୟ କରିବାକୁ ଥିବା ସନ୍ନି ଦେଓଲ ମାତ୍ର ୧୫ ମିନିଟ୍ ପାଇଁ ପରଦାକୁ ଆସିବେ।





ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ର ସିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗ୍ରାମରେ ପ୍ରେମୀଯୁଗଳଙ୍କୁ ଜୁଆଳିରେ ଯୋଚାଯାଇ ହଳ କରାଯାଉଛି।

# ପ୍ରେମୀଯୁଗଳଙ୍କୁ ହଳ କରାଇଲେ ଗ୍ରାମବାସୀ

**ପ୍ରେମ କରିବାରୁ ବଳଦ ଦଣ୍ଡ**

ରାୟଗଡ଼ା/ କଲ୍ୟାଣସିଂହପୁର, ୧୧।୭ (ଆଶିଷ ରଞ୍ଜନ ପଣ୍ଡା /ଦୀପକ କୁମାର ପରିଡ଼ା)

ପ୍ରେମକଲେ ବୋଲି ବିଲରେ ବଳଦ ଭଳି ପ୍ରେମୀଯୁଗଳଙ୍କୁ ହଳ କରାଇଲେ। ବାଉଁଶରେ ତିଆରି ହୋଇଥିବା ଜୁଆଳି ପକାଇ ଦୁଇପଟେ ଯୁବତୀଯୁବକଙ୍କୁ ବାନ୍ଧି ଲଙ୍ଗଳରେ ହଳ କଲେ। ସମ୍ପର୍କୀୟ ପିଉସୀ ଓ ପୁତୁରାଙ୍କ ପ୍ରେମ ସମ୍ପର୍କକୁ ନେଇ ଗାଁ ଲୋକେ ବୈଠକ କରି ପ୍ରେମୀଯୁଗଳଙ୍କୁ ଏଭଳି ଦଣ୍ଡ ଦେଇଛନ୍ତି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ର ସିକରପାଇ ପଞ୍ଚାୟତ ଅନ୍ତର୍ଗତ କଞ୍ଚାମଯୋଡ଼ି ଗ୍ରାମରେ ଗୁରୁବାର ଏଭଳି ଘଟଣା ଘଟିଥିବାବେଳେ ଶୁକ୍ରବାର ଏହା ପଦାକୁ ଆସିଛି। ତେବେ ସେମାନଙ୍କୁ ଦଣ୍ଡ ମିଳିବା ପରେ ଉଭୟ ଯୁବତୀଯୁବକଙ୍କ ପତ୍ତା ମିଳୁନାହିଁ। ସେମାନେ କେଉଁଆଡ଼େ ଚାଲିଯାଇଛନ୍ତି, କିଏ ନେଇ କିଛି ଜଘନ୍ୟ କାଣ୍ଡ ଘଟିଛି ସେ ସମ୍ପର୍କରେ ଗାଁର କେହି ବି ମୁହଁ ଖୋଲୁନାହାନ୍ତି।


ଘଟଣାରୁ ପ୍ରକାଶ, କଞ୍ଚାମଯୋଡ଼ି ଗ୍ରାମର କୋଡ଼ିଆ ସାରକା (୨୮) ଓ ତାଙ୍କର ଜଣେ ଦୂର ସମ୍ପର୍କୀୟ ୩୨ ବର୍ଷୀୟ ପିଉସୀ ପରସ୍ପରକୁ ଦୀର୍ଘଦିନରୁ ପ୍ରେମ କରିଆସୁଥିଲେ। ଉଭୟେ ବିବାହ ପାଇଁ ଯୋଜନାକରି ଫେରାର ହୋଇଯାଇଥିଲେ। ଏ ବିଷୟରେ ପରିବାର ଲୋକେ ଜାଣିବା ପରେ ବିରୋଧକରିବା ସହ ଗାଁକୁ ଆସିବାକୁ ମନା କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ଉଭୟଙ୍କୁ ଗାଁକୁ ଡକାଇଥିଲେ। ପରେ ଗାଁରେ ବୈଠକ ବସି ଉଭୟଙ୍କୁ ବଳଦ ବଦଳରେ ହଳ କରାଇବାକୁ ଦଣ୍ଡ ଦେଇଥିଲେ। ଏପରିକି ଗ୍ରାମବାସୀ ଜୋରଜବରଦସ୍ତ ସେମାନଙ୍କୁ ଲଙ୍ଗଳରେ ଯୋଚି ହଳ କରାଇବା ସହ ମାଡ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଅଧିକାରୀ ଅଭାବ

# ପୁଞ୍ଜିପତିଙ୍କ ପାଇଁ ଭାଜପା, ଗରିବଙ୍କର କଂଗ୍ରେସ: ରାହୁଲ

**କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ**

**■ ଆଦାନୀ ଚଳାଉଛନ୍ତି ସରକାର, ତାଙ୍କ ଯୋଗୁ ଅଟକିଥିଲା ରଥ**



ସମ୍ବିଧାନ ବଞ୍ଚାଅ ସମାବେଶରେ ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର,୧୧।୭ (ରବିନାରାୟଣ ଜେନା)

ଓଡ଼ିଶାରେ ଆଦାନୀ ସରକାର ଚଳାଉଛନ୍ତି। ମୋଦିଙ୍କୁ ମଧ୍ୟ ଚଳାଉଛନ୍ତି। ରାଜ୍ୟ ସରକାର ୫ରୁ ୬ କମ୍ପାନୀ ସହିତ ବୁଝାମଣା କରିଛନ୍ତି। ସେମାନଙ୍କୁ ଦଳିତ ଓ ଆଦିବାସୀଙ୍କ ଜମି ମନଇଚ୍ଛା ଟେକି ଦେଉଛନ୍ତି। ଶୁକ୍ରବାର ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶରେ ଏହିଭଳି ଶବ୍ଦ ପ୍ରୟୋଗ କରି କଂଗ୍ରେସ ନେତା ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ବିକାଶ ଧନୀଙ୍କ ପାଇଁ ନୁହେଁ, ଓଡ଼ିଶା ଜନତାଙ୍କ ପାଇଁ କରାଯିବା ଆବଶ୍ୟକ। ଏଠାକାର ସରକାର ଗରିବଙ୍କ ଧନ, ଜନ, ଭୂମି ଲୁଟିବାରେ ଲାଗିଛନ୍ତି । କ୍ଷତିପୂରଣ ନ ଦେଇ ଧମକ ଚମକ ଦେଉଛନ୍ତି। ପୁଞ୍ଜିପତିଙ୍କ ପାଇଁ ଭାଜପା ରହିଛି। ହେଲେ ଆଦିବାସୀ, ଚାଷୀ, ଗରିବ ଯାହା ଉପରେ ସରକାର ନିର୍ଯାତନା ଦେଉଛନ୍ତି ତାଙ୍କ ☞ପୃଷ୍ଠା-୪


ନିକଟରେ ଓଡ଼ିଶାରେ କୌଣସି ନିର୍ବାଚନ ନାହିଁ କିନ୍ତୁ ନିଜ ନେତାଙ୍କୁ ଶୁଣିବା ପାଇଁ କଂଗ୍ରେସ କର୍ମୀଙ୍କ ଉତ୍ସାହ ଶୁକ୍ରବାର ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଦେଖିବାକୁ ମିଳିଛି। କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ସମାବେଶରେ ରାହୁଲ ଗାନ୍ଧୀ ସମବେତ ଦଳୀୟ ନେତା ଓ କର୍ମୀଙ୍କୁ ସମ୍ବୋଧନ କରି କହିଛନ୍ତି, ଭାଜପା ପୁଞ୍ଜିପତିଙ୍କ ପାଇଁ କାମ କରୁଥିବା ବେଳେ ତାଙ୍କ ଦଳ ଗରିବ, ଅସହାୟ, ଦଳିତ ଓ ଆଦିବାସୀଙ୍କ ସ୍ୱାର୍ଥ ଲାଗି ଅଭିପ୍ରେତ। କେନ୍ଦ୍ରରେ ଭାଜପା ସମ୍ବିଧାନକୁ ନଷ୍ଟ କରିଦେଇଥିବା ବେଳେ ହାତଗଣତି କର୍ପୋରେଟ୍ ସଂସ୍ଥାକୁ ଦେଶର ସମ୍ପତ୍ତି ଟେକି ଦେଇଛି। ଏଠି ଓଡ଼ିଶାରେ ଆଦାନୀ ସରକାର ଚଳାଉଥିବା ବେଳେ ନିକଟରେ ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ରଥକୁ ତାଙ୍କ ପାଇଁ ଅଟକାଇ ଦିଆଯାଇଥିଲା ବୋଲି ରାହୁଲ କହିଛନ୍ତି। ସେହିପରି ସମାବେଶରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ସମ୍ବିଧାନକୁ ଭାଜପା ସରକାର ନଷ୍ଟ କରିଛି। ମୋଦି ସରକାର ଇଡି ଓ ସିବିଆଇର ଭୟ ଦେଖାଇ ସମସ୍ତଙ୍କୁ ଡରାଉଛନ୍ତି। ତେବେ ଏଥିରେ କେହି ଭୟଭୀତ ହୁଅନ୍ତୁ ନାହିଁ ବୋଲି ଖାର୍ଗେ ଦଳୀୟ ନେତା ଓ କର୍ମୀଙ୍କୁ କହିଛନ୍ତି।

# ନେତାଙ୍କ ଅବସର ବୟସ ୭୫ ବର୍ଷ: ଭାଗବତ

**ସେପ୍ଟେମ୍ବରରେ ବିଦା ହୁଅନ୍ତୁ ମୋଦି: ବିରୋଧୀ**

ନାଗପୁର/ ନୂଆଦିଲ୍ଲୀ, ୧୧।୭ (ପି.ଟି./ଏଜେନ୍ସି)

ବରିଷ୍ଠ ନେତାମାନଙ୍କ ସ୍ୱାଭାବିକ ଅବସର ବୟସ ୭୫ ବର୍ଷ ହେବା ଉଚିତ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କହିଛନ୍ତି। ମହାରାଷ୍ଟ୍ରର ନାଗପୁରରେ ସଂଘର ପୂର୍ବତନ ନେତା ମୋରୋପନ୍ତ ପିଙ୍ଗଲେଙ୍କ ଜୀବନୀ ଆଧାରିତ ପୁସ୍ତକ ଉନ୍ମୋଚନ ଅବସରରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତକରି ସେ ଏହି ମନ୍ତବ୍ୟ ଦେଇଛନ୍ତି। ୨୦୨୫ ସେପ୍ଟେମ୍ବରରେ ଉଭୟ ଭାଗବତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୭୫ ବର୍ଷ ପୂରିବାକୁ ଥିବାବେଳେ ତାଙ୍କର ଏହି ମନ୍ତବ୍ୟକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ପ୍ରଧାନମନ୍ତ୍ରୀ ମୋଦି ୨ ମାସ ମଧ୍ୟରେ ୭୫ ବର୍ଷରେ ପଦାର୍ପଣ କରିବାକୁ ଥିବାରୁ ଭାଗବତ ତାଙ୍କ ଉଦ୍ଦେଶ୍ୟରେ ଏହି ପରାମର୍ଶ ଦେଇଥିବା ବିରୋଧୀ କଂଗ୍ରେସ ଓ ଶିବସେନା ପକ୍ଷରୁ କୁହାଯାଇଛି।




ମୋହନ ଭାଗବତ

'ଦି ଆର୍କିଟେକ୍ ଅଫ୍ ହିନ୍ଦୁ ରିସର୍ଜେନ୍ସ ଇନ୍ ନାଗପୁର' ଶୀର୍ଷକ ପୁସ୍ତକ ଉନ୍ମୋଚନ ବେଳେ ଆର୍‌ଏସ୍‌ଏସ୍ ସରସଂଘ ଚାଳକ ଭାଗବତ ସଂଘର ପୂର୍ବତନ ନେତା ମୋରୋପନ୍ତ ପିଙ୍ଗଲେଙ୍କ ସହ ବୃନ୍ଦାବନରେ ସାକ୍ଷାତ୍ ସମୟର ଏକ ମୁହୂର୍ତ୍ତ ସମ୍ପର୍କରେ ଅବତାରଣା କରିଥିଲେ। ସେହି ସମୟରେ ଭାଗବତ କହିଥିଲେ, ଏହି କାର୍ଯ୍ୟକ୍ରମରେ ସାରା ଦେଶର ପଦାଧିକାରୀମାନେ ଉପସ୍ଥିତ ଅଛନ୍ତି। ବୈଠକ ଶେଷ ହେବାର ଠିକ୍ ପୂର୍ବରୁ ଶେଷାଦ୍ରୀଜୀ କହିଥିଲେ, ଆଜି ଆମ ମୋରୋପନ୍ତଜୀ ☞ପୃଷ୍ଠା-୪





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in




## ସମ୍ବିଧାନ ବଞ୍ଚାଅ ନୁହେଁ, କଂଗ୍ରେସ ବଞ୍ଚାଅ ଅଭିଯାନ ଭଳି ଲାଗିଲା: ଭାଜପା

ଭୁବନେଶ୍ୱର,୧୧।୭(ସୁନିତ୍ ମିଶ୍ର)

କଂଗ୍ରେସ ଲଗାତର ଗଣତନ୍ତ୍ରର କଣ୍ଠରୋଧ କରିଛି। ଦେଶର ବିରୋଧୀ ଦଳ ନେତା ଓ କଂଗ୍ରେସ ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମ ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି। ମାତ୍ର ଏବେ ବି କଂଗ୍ରେସ ହତାଶା ଭିତରେ ରହିଛି। ଏହି ଦଳ ଓଡ଼ିଶାର ସାଧାରଣ ଲୋକଙ୍କଠାରୁ ଦୂରେଇଯାଇଛି। ପ୍ରତି ନିର୍ବାଚନରେ ତା'ର ଭୋଟ ପ୍ରତିଶତ କମିବାରେ ଲାଗିଛି। ଦେଶରେ ଗତ ୩ଟି ସାଧାରଣ ନିର୍ବାଚନରେ କଂଗ୍ରେସର ସାଂସଦ ସଂଖ୍ୟା ୩ ଅଙ୍କ ଛୁଇଁପାରି ନାହିଁ। ପ୍ରତିଦିନ କଂଗ୍ରେସ ସଙ୍ଗଠନର ଯେଉଁଭଳି ଭାବେ ନିମ୍ନଗାମୀ ହେଉଛି ସେଥିରୁ ଲାଗୁଛି ଏହା ସମ୍ବିଧାନ ନୁହେଁ, କଂଗ୍ରେସ ବଞ୍ଚାଅ ସମାବେଶ। କଂଗ୍ରେସ ଗଣତନ୍ତ୍ର କଥା କହିବା, ନିଜେ କାଚଘର ମଧ୍ୟରେ ରହି ଅନ୍ୟକୁ ପଥର ଫୋପାଡିବା ସଦୃଶ। ଓଡ଼ିଶା ଆସିଥିବା ରାହୁଲ ଗାନ୍ଧୀ ବାରମ୍ବାର ସମ୍ବିଧାନକୁ ହତ୍ୟା କରିଛନ୍ତି ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। ଏନେଇ ଉଭୟେ ପ୍ରଥମେ ଓଡ଼ିଶା ମାଗିରେ କ୍ଷମା ମାଗନ୍ତୁ ବୋଲି ଭାଜପା ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିରଞ୍ଚି କହିଛନ୍ତି, ଏହି ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ। ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥା ଦେଖିଲେ ଜଣାପଡ଼ିବ, ଜବାହରଲାଲ ନେହେରୁଙ୍କ ସମୟରେ ଏହା ବାପ-ଝିଅର ଦଳ ଥିଲା। ଇନ୍ଦିରା ଗାନ୍ଧୀଙ୍କ ସମୟରେ ଏହା ମା'-ପୁଅର ଦଳ ହେଲା। ରାଜୀବ ଗାନ୍ଧୀଙ୍କ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ଦଳ ଥିଲା। ଏବେ କଂଗ୍ରେସ ମା', ପୁଅ, ଝିଅ ଓ ଜ୍ୱାଇଁଙ୍କ ଦଳ ପାଲଟିଛି। ଗଣତନ୍ତ୍ରର କଥା କହୁଥିବା ଏହି ରାଜନୈତିକ ଦଳ ସମ୍ବିଧାନର ହତ୍ୟାକାରୀ ଥିଲା। କିଛିଦିନ ପୂର୍ବେ ମଲ୍ଲିକାର୍ଜୁନ ଖାର୍ଗେ ଦେଶର ରାଷ୍ଟ୍ରପତିଙ୍କୁ ଅପମାନିତ କରିଥିଲେ। ଏହା ପୂର୍ବରୁ ରାଷ୍ଟ୍ରପତି ଥିବା ଅନୁସୂଚିତ ଜାତି ବା ଦଳିତବର୍ଗର ରାମନାଥ କୋବିନ୍ଦଙ୍କୁ ନେଇ ମଧ୍ୟ ସେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ତାହାକୁ ଯେତେ ନିନ୍ଦାକଲେ ମଧ୍ୟ କମ୍ ହେବ। ଏଥିପାଇଁ ସେ ଓଡ଼ିଶା ମାଗିରେ ପ୍ରାୟଶ୍ଚିତ୍ତ କରିବା ଦରକାର। ଏସବୁ କଥାକୁ ଦେଖିଲେ ଓଡ଼ିଶାରେ କଂଗ୍ରେସ ଏକ ଅସ୍ତଗାମୀ ରାଜନୈତିକ ଦଳ ଭାବେ ପ୍ରତୀୟମାନ ହେଉଛି ବୋଲି ବିରଞ୍ଚି କହିଛନ୍ତି।

## ପୁଅ ବଦଳରେ ମା'ଙ୍କୁ ଇଞ୍ଜେକ୍ସନ

### ମେଡିକାଲ ଇନ୍‌ଚାର୍ଜ କହିଲେ ତଦନ୍ତ ହେବ

ଖଡ଼ିଆଳ,୧୧।୭(ସୁଜିତ କୁମାର ପ୍ରଧାନ)

ପୁଅ ବଦଳରେ ମା'ଙ୍କୁ ଇଞ୍ଜେକଶନ ଦେଲେ ଜଣେ ଷ୍ଟାଫନର୍ସ। ଶୁକ୍ରବାର ଏଭଳି ଏକ ଘଟଣା ନୂଆପଡ଼ା ଜିଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ସମ୍ପୃକ୍ତ ଷ୍ଟାଫ୍‌ନର୍ସ ଘଟଣାକୁ ଅସ୍ୱୀକାର କରିଥିବାବେଳେ ମେଡିକାଲ ଇନ୍‌ଚାର୍ଜ ଏହାର ତଦନ୍ତ ହେବ ବୋଲି କହିଛନ୍ତି। ସୂଚନା ମୁତାବକ ଖଡ଼ିଆଳ ବ୍ଲକ ବରଗାଁର ରାଜୁ ତାଣ୍ଡି ଓ ଅଞ୍ଜୁ ତାଣ୍ଡି ନିଜର ଦୁଇବର୍ଷର ପୁଅ ଡୁଲେଶ୍ୱରଙ୍କୁ ଜ୍ୱର ହେବାରୁ ପୂର୍ବାହ୍ନରେ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେମାନେ ଶିଶୁ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର କୁମାର ମାଝୀଙ୍କୁ ଦେଖାଇଥିଲେ। ଡାକ୍ତର ଚିଠା ଲେଖି ଇଞ୍ଜେକଶନ ଦେବା ପାଇଁ ନର୍ସଙ୍କ ପାଖକୁ ପଠାଇଥିଲେ। କାର୍ଯ୍ୟରତ ନର୍ସ ଛୁଆ ବଦଳରେ ମା' ଅଞ୍ଜୁଙ୍କ ପେଟରେ ଇଞ୍ଜେକଶନ ଫୋଡ଼ି ଦେଇଥିଲେ। ଇଞ୍ଜେକଶନ ନେବା ପରେ ତାଙ୍କ ପେଟ ଦରଜ ହେଉଥିବା ଅଞ୍ଜୁ କହିଛନ୍ତି। ଏ ନେଇ ସମ୍ପୃକ୍ତ ନର୍ସଙ୍କୁ ପଚାରିବାରୁ ସେ ଘଟଣାକୁ ଅସ୍ୱୀକାର କରିବା ସହ ଇଞ୍ଜେକଶନ ଫୋଡ଼ିବା ସମୟରେ ବାଜି ଯାଇଥିବ ବୋଲି କହିଥିଲେ। ମେଡିକାଲ ଇନଚାର୍ଜ ଡାକ୍ତର ମହେନ୍ଦ୍ର କୁମାର ମାଝୀଙ୍କୁ ପଚାରିବାରୁ ଏହାର ତଦନ୍ତ ହେବ ବୋଲି କହିବା ସହ ଅଞ୍ଜୁଙ୍କ ଚିକିତ୍ସା କରାଯାଇଛି, କୌଣସି ଅସୁବିଧା ହେବ ନାହିଁ ବୋଲି ପ୍ରକାଶ କରିଥିଲେ।

# ଆନ୍ଦୋଳନରେ ସାମିଲ ନ ହେବାରୁ ନିର୍ଯାତନା

### ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତଙ୍କ ନାଁରେ ଏତଲା

### ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିକଲା ନିଖିଳ ଓଡ଼ିଶା ମିନିଟ୍ରକ୍ ମହାସଂଘ

ଭୁବନେଶ୍ୱର,୧୧।୭(ସତ୍ୟଜିତ୍ ରାଉତ)

ବିଭିନ୍ନ ଦାବି ପୂରଣ ପାଇଁ ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ୪ଦିନ ହେବ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି। ଏଥିପାଇଁ ରାଜ୍ୟବ୍ୟାପୀ ପରିବହନ ସେବାରେ ବାଧା ସୃଷ୍ଟି ହୋଇଥିବାବେଳେ ଆନ୍ଦୋଳନରେ ସାମିଲ ହେଉ ନ ଥିବା ଡ୍ରାଇଭର ଓ ଟ୍ରକ ମାଲିକମାନଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏଥିପାଇଁ ରାଜ୍ୟ ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଟୁଲି ଏବଂ ତାଙ୍କ ସହଯୋଗୀ ଆଦିତ୍ୟ ପ୍ରସାଦ ବେହେରାଙ୍କ ନାଁରେ ନିଖିଳ ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ପକ୍ଷରୁ ଶୁକ୍ରବାର ମଞ୍ଚେଶ୍ୱର ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଡ୍ରାଇଭର ସଂଘ ପ୍ରଥମେ ଗଣତାନ୍ତ୍ରିକ ପଦ୍ଧତିରେ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବ ବୋଲି କହିଥିଲା। ହେଲେ ଏହା ଏବେ ହିଂସାତ୍ମକ ଆନ୍ଦୋଳନରେ ରୂପାନ୍ତରିତ ହୋଇଛି। ଡ୍ରାଇଭର ସଂଘ ସଦସ୍ୟମାନଙ୍କ ପଦକ୍ଷେପ ଓ ବ୍ୟବହାର ହିଂସାତ୍ମକ ଏବଂ ଅଗଣତାନ୍ତ୍ରିକ ଭାବେ ଦେଖିବାକୁ ମିଳିଛି। ଆନ୍ଦୋଳନରେ ସାମିଲ ହେଉ ନ ଥିବା ଟ୍ରକ୍ ମାଲିକ ଓ ଡ୍ରାଇଭରଙ୍କୁ ସେମାନେ ନିର୍ଯାତନା ଦେବା ସହ ଅପମାନିତ କରୁଛନ୍ତି। ଏହା ପ୍ରଶାନ୍ତ ଏବଂ ତାଙ୍କ ସହଯୋଗୀ ଆଦିତ୍ୟଙ୍କ ଦ୍ୱାରା କରାଯାଉଛି। ଯଦି ଏହାକୁ ତୁରନ୍ତ ନିୟନ୍ତ୍ରଣ କରା ନ ଯାଏ ତେବେ ରାଜ୍ୟବ୍ୟାପୀ ଗମ୍ଭୀର ଆଇନଶୃଙ୍ଖଳା ସ୍ଥିତି ଉପୁଜିପାରେ। ଏଥିରେ ସମ୍ପୃକ୍ତ ବ୍ୟକ୍ତି ଓ ସେମାନଙ୍କ ସହଯୋଗୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଖିଳ ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ସଭାପତି ଗଣେଶ ମାହାରି ଏତଲାରେ ଉଲ୍ଲେଖ କରିଛନ୍ତି।



ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ସଭାପତି ଗଣେଶ ମାହାରିଙ୍କ ସହ ଅନ୍ୟମାନେ ମଞ୍ଚେଶ୍ୱର ଥାନାରେ ଏତଲା ଦେଉଛନ୍ତି।

## ଷଣ୍ଢ ଆକ୍ରମଣରେ ଜଣେ ମୃତ, ୪ ଆହତ

ବାସୁଦେବପୁର,୧୧।୭(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣଗାଁ ପଞ୍ଚାୟତର ଚଣ୍ଡିଆ ଗାଁରେ ଶୁକ୍ରବାର ସକାଳେ ଏକ ଷଣ୍ଢ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ନେପାଳୀ ଜେନା(୫୫)। ଆହତମାନେ ହେଉଛନ୍ତି ମୃତ ନେପାଳୀଙ୍କ ପୁଅ ମାନସ କୁମାର ଜେନା, ଗ୍ରାମର ଦୀପକ ପାଢ଼ୀ, ପ୍ରମୋଦ ପାଢ଼ୀ ଓ ରୀତାରାଣୀ ପାଢ଼ୀ। ସୂଚନା ଅନୁଯାୟୀ, ଗ୍ରାମର ବାସନ୍ତୀ ଜେନା ସକାଳ ପ୍ରାୟ ୬ଟା ବେଳେ ବାହାରକୁ ଆସିଥିବା ବେଳେ ଏହି ଷଣ୍ଢଟି ତାଙ୍କୁ ଆକ୍ରମଣ ପାଇଁ ଗୋଡ଼ାଇଥିଲା। ଭୟଭୀତ ହୋଇ ବାସନ୍ତୀ ବଡ଼ପାଟିରେ ପରିବାର ଲୋକଙ୍କୁ ଡାକିବା ସହ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ତାଙ୍କ ପାଟି ଶୁଣି ସ୍ୱାମୀ ନେପାଳୀ ଓ ପୁଅ ମାନସ ଘରୁ ବାହାରି ଆସିଥିଲେ। ଷଣ୍ଢଟି ହଠାତ୍ ହିଂସ୍ର ହୋଇ ନେପାଳୀଙ୍କୁ ଶିଙ୍ଗ ଓ ଗୋଡ଼ରେ ଆକ୍ରମଣ କରିଥିଲା। ନେପାଳୀ ଗୁରୁତର ହୋଇ ସଂଜ୍ଞାହୀନ ଅବସ୍ଥାରେ ପଡ଼ି ରହିଥିବାବେଳେ ତାଙ୍କ ପୁଅ ମାନସଙ୍କୁ ମଧ୍ୟ ଷଣ୍ଢଟି ଆକ୍ରମଣ କରି ମୁଣ୍ଡରେ କ୍ଷତ ସୃଷ୍ଟି କରିଥିଲା। ପରେ ସେହି ଗାଁର ଦୀପକ, ରୀତାରାଣୀ ଓ ପ୍ରମୋଦଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଘଟଣାସ୍ଥଳରୁ ନେପାଳୀଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୫) ରୁଜୁ କରିଛି। ଷଣ୍ଢଟିକୁ କୌଣସି ପାଗଳା କୁକୁର କିମ୍ବା ବିଷଧର ସାପ କାମୁଡ଼ିଥିବା ସନ୍ଦେହ କରାଯାଉଛି। ଏହା ପ୍ରଭାବରେ ଷଣ୍ଢଟି ଏପରି କାଣ୍ଡ ଘଟାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଘଟଣାର କିଛି ଘଣ୍ଟା ପରେ ଷଣ୍ଢଟି ଏକ ଜାଲରେ ଛନ୍ଦି ହୋଇଯିବା ସହ ତା'ର ମୃତ୍ୟୁ ଘଟିଛି।

## ଆଜିଠୁ ବସ୍ ଗଡ଼ିବ: ବସ୍ ମାଲିକ ସଂଘ

### ଲିଖିତ ପ୍ରତିଶ୍ରୁତି ନ ଦେଲେ ଉଠିବୁନି: ଡ୍ରାଇଭର ମହାସଂଘ

ଭୁବନେଶ୍ୱର,୧୧।୭(ରବିନାରାୟଣ ଜେନା)

ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ୍ ଆନ୍ଦୋଳନ ଏବେ ରୋଚକ ମୋଡ଼ ନେଇଛି। ଶୁକ୍ରବାରକୁ ଆନ୍ଦୋଳନ ଚାରିଦିନରେ ପହଞ୍ଚିଛି। କଂଗ୍ରେସର ସମାବେଶ ଲାଗି ସଂଘ ଆଜି ଟିକିଏ କୋହଳ ମନୋଭାବ ପୋଷଣ କରିଥିଲେ ହେଁ ଜିଦ୍‌ରେ ଅଟଳ ରହିଛି। ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଭାପତି ପ୍ରଶାନ୍ତ ମେଣ୍ଟୁଲି କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତାକାଲି(ଶନିବାର)ଠାରୁ ଘରୋଇ ବସ୍ ପରିବହନ ସେବା ଚାଲୁ ରହିବ ବୋଲି ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି।

ଗୋଟିଏ ପଟେ ଡ୍ରାଇଭର ସଂଘ ଓ ଅନ୍ୟପଟେ ବସ୍ ମାଲିକ ସଂଘର ନିଷ୍ପତ୍ତି ଯୋଗୁ ସାଧାରଣ ଲୋକେ ଛଟପଟ ହେଉଛନ୍ତି। ତେବେ ଏହି ବିବାଦର କୌଣସି ସମାଧାନର ରାସ୍ତା ଫିଟିପାରୁ ନ ଥିବାରୁ ରାଜ୍ୟରେ ଗମନାଗମନ ସହ ସାମଗ୍ରୀ ପରିବହନ ବାଧାପ୍ରାପ୍ତ ହୋଇଛି। ପେଟ୍ରୋଲ ଟାଙ୍କିରୁ ତେଲ ସରି ସରି ଆସୁଛି। ଆନ୍ଦୋଳନ ଜାରି ରହିଲେ ସମସ୍ୟା ଜଟିଳ ହେବ ବୋଲି ଆଶଙ୍କା କରାଯାଉଛି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଡିଜେଲ ଏବଂ ଆବଶ୍ୟକ ସାମଗ୍ରୀ ମହଜୁଦ ରହିଛି। ସେ କହିଛନ୍ତି, ଡ୍ରାଇଭର ମହାସଂଘ କଂଗ୍ରେସ ପ୍ରତି ଅଚାନକ ଦରଦ ଦେଖାଇଛି। ଏହା ପଛରେ ରାଜନୀତି ରହିଛି। ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ପାଇଁ ପିସିସି ସଭାପତି ଅନୁରୋଧ କଲେ, ସଂଘ ତାଙ୍କ କଥାରେ ରାଜି ହେଲା। ତେବେ କାହା କଥାରେ ନ ପଡ଼ି ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଡ୍ରାଇଭର ସଂଘକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲୟୋଲା ସ୍କୁଲର ସିଲଭର ଜୁବୁଲି, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା।
- ୧୬ତମ ରୋଜଗାର ମେଳା, ସ୍ଥାନ: ରେଲ ଅଡିଟୋରିୟମ୍, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମ ଶତବର୍ଷିକୀ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ମଡେଲ ପବ୍ଲିକ ସ୍କୁଲ ଓ ଜୟ ଓଡ଼ିଶା ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୬ତମ ସିଏସ୍‌ସି ଦିବସ ସମାରୋହ, ସ୍ଥାନ: କୃଷି ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏମ୍.ବି. ମେମୋରିଆଲ କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଗଙ୍ଗାଧର ପାଇକରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ପକ୍ଷରୁ ଗଙ୍ଗାଧରଙ୍କ ୧୦୯ତମ ଜୟନ୍ତୀ ସମାରୋହ, ସ୍ଥାନ: ଭଗବତୀ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଆ ସଙ୍ଗୀତ 'ଇନ୍ଦ୍ରଧନୁ', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଉତ୍କଳ ସାହିତ୍ୟ ସମାଜ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧୯୮୦ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସ୍ମୃତିଚାରଣ ସଭା, ସ୍ଥାନ: ଡାକବଙ୍ଗଳା ପରିସର, ରୂପସା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ପଞ୍ଚାୟତ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପଧାନପଡ଼ା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଏକ୍ସପୋ ଆଣ୍ଡ ଫନ୍ ଫେୟାର,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- କମ୍ରେଡ ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ, ସ୍ଥାନ: ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବହ୍ନ ୧୦ଟା।
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ: ସିନେଟ ହଲ ଭଞ୍ଜ ବିହାର, ସମୟ: ମଧାହ୍ନ ୧୨ଟା୩୦।
- ରାଜ୍ୟସ୍ତରୀୟ ଯୋଗ ଶିକ୍ଷା ଶିବିର, ସ୍ଥାନ: ବୈକୁଣ୍ଠ ନଗର ଦ୍ୱିତୀୟ ଗଳି, ସମୟ: ଅପରାହ୍ନ ୪ଟା୩୦।

## ଯାଜପୁର

- ଯାଜପୁର ସୟଦପୁର ବ୍ରଜସୁନ୍ଦର ସରକାରୀ ହାଇସ୍କୁଲର ୭୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ମାଗୁଣି ଗ୍ରାମର ୬୬ତମ ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ, ସ୍ଥାନ: ଦାରୁବ୍ରହ୍ମ ଭାଗବତ ଟୁଙ୍ଗି ପରିସର, ମୁନିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନୋଡାଲ ହାଇସ୍କୁଲ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଶ୍ରୀକଳିଙ୍ଗ ବିଦ୍ୟାପୀଠ କୋଠା ଉଦ୍‌ଘାଟନ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜାତୀୟ ଅନୁସୂଚିତ ଜାତି, ଜନଜାତି ହବ୍ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, କୋରାପୁଟ, ସମୟ : ଅପରାହ୍ନ ୪ଟା।

## ସମ୍ବଲପୁର

- ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ରୋଜଗାର ମେଳା, ସ୍ଥାନ: ଗଙ୍ଗାଧର ମେହେର ପ୍ରେକ୍ଷାଳୟ, ସମୟ: ସକାଳ ୯ଟା ୩୦।
- ସମ୍ବଲପୁରୀ ଏକତା ମଞ୍ଚର ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: କୁଚିଣ୍ଡା ସ୍ଥିତ ଆଇଟିଡିସି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଲମ ପରିବାର ଟ୍ରଷ୍ଟ ଓ ଆସାମ ଗୋହାଟିର ଆଜିର କବିତା ଅନୁଷ୍ଠାନ ଆୟୋଜିତ ଜାତୀୟ କବି ସମ୍ମିଳନୀ ଉଦଘାଟନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଉପଯୋଗୀତା କେନ୍ଦ୍ର, ସମୟ: ଅପରାହ୍ନ ୫ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଓଡିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଜାରି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ସରକାରୀ ହାଇସ୍କୁଲ ଆରଇସି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଆଇଟି କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ମହିଳା ମହାବିଦ୍ୟାଳୟରେ କର୍ମଶାଳା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ୍, ସମୟ: ସକାଳ ୯ଟା।

## କଳାହାଣ୍ଡି

- ମୂଳନିବାସୀ ବହୁଜନ ମିଳିତ ମହାସଂଘ ବୈଠକ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ହାତୀ ନଦୀ ନିକଟ, ସମୟ: ସକାଳ ୮ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

.ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ନୂଆପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ପଞ୍ଚମ ଦିବସ, ସ୍ଥାନ: କୋମନା ବ୍ଲକ କ୍ରିଷ୍ଟା ଛକ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରବିଙ୍କ ନକ୍ଷତ୍ରରେ ଚନ୍ଦ୍ର ହେତୁ ପାରିବାରିକ ଜୀବନ ସୁଖ,ସମୃଦ୍ଧିରେ ଅତିବାହିତ ହେବ। ଗତ କିଛିଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ଆନୁଷ୍ଠାନିକ କାମ ତଥା କର୍ମାରମ୍ଭ ପ୍ରଭୃତିରେ ସୁଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।

**ବୃଷ**
ଶୁକ୍ର ତୃତୀୟାଧିପ ଚନ୍ଦ୍ର ନକ୍ଷତ୍ରସ୍ଥ ହେତୁ ଆତ୍ମୀୟ, ବନ୍ଧୁ କିମ୍ବା ସହକର୍ମୀଙ୍କ ସହୃଦୟତା ପାଇବାରେ ସାହାଯ୍ୟ କରିବ। ଆର୍ଥିକ ଉନ୍ନତିରେ, ମନୋରଞ୍ଜନ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ବିଭିନ୍ନ ଘରୋଇ ଝମେଲାରୁ ମନଟା ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ**
ବୁଧ ସ୍ୱନକ୍ଷତ୍ରରେ ରହି ଲୋକପ୍ରିୟତା ବୃଦ୍ଧି କରିବା ସହ ପାରିବାରିକ ଓ କର୍ମକ୍ଷେତ୍ରକୁ ସରସ, ସୁନ୍ଦର କରିବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ ଏବଂ ଆକସ୍ମିକ କଳହକୁ ଏଡି ହେବ ନାହିଁ। ଅଲୋଚନା ପରିସରରେ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ କଥାକୁ ଠିକ୍ ଭାବେ ବୁଝି ପାରନ୍ତି ନାହିଁ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତିର ଆଶା ରହିଛି।

**କର୍କଟ**
କର୍ମାଧିପ ନୀଚସ୍ଥ ଓ ପାପଗ୍ରହ ଯୁକ୍ତ ହେତୁ ସମସ୍ୟା ଜାଲରେ ଛନ୍ଦି ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଅତୀତ କଥାକୁ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ। ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେମିତି କିଛି ହେବନି। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ଆସିପାରେ।

**ସିଂହ**
ରାଶ୍ୟାଧିପ ରବି ଦେବଗୁରୁଙ୍କ ନକ୍ଷତ୍ରସ୍ଥ ହୋଇ ଏକାଦଶସ୍ଥ ଯୋଗୁ ସମ୍ମୁଖରେ ପ୍ରକାଶ କରି ମନକୁ ହାଲୁକା କରିପାରନ୍ତି। ସ୍ୱାସ୍ଥ୍ୟ କ୍ରମଶଃ ଅବନତି ଦିଗକୁ ଗତି କରିବା ସଙ୍ଗେ ସଙ୍ଗେ ପାରିବାରିକ ପରିସ୍ଥିତି ଭଲ ରହି ନ ପାରେ। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ,କିନ୍ତୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇବେ।

**କନ୍ୟା**
ଭାଗ୍ୟାଧିପ ଭାଗ୍ୟସ୍ଥ ହୋଇ ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ଯୋଗୁ ଯାତ୍ରାରେ ଆନନ୍ଦ, ଉପରିସ୍ଥଙ୍କ ଅନୁକମ୍ପା ଲାଭ କରିବେ। କାମରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ। ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇପାରନ୍ତି।

**ତୁଳା**
ଚତୁର୍ଥାଧିପ ଦୁଃସ୍ଥାନରେ ରହିଥିବାରୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ ବିତର୍କ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବା କଷ୍ଟସାଧ୍ୟ ହେବ। ଶିଳ୍ପ, ବାଣିଜ୍ୟ, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଶିକ୍ଷା, ସନ୍ତାନ, ପ୍ରଶାସନିକ ଓ ଆଲୋଚନା କ୍ଷେତ୍ର ଭଲ ରହିବ।

**ବିଛା**
ନବମାଧିପତି ଅଷ୍ଟମଭାବସ୍ଥ ଯୋଗୁ ଅଭିଳାଷ ପୂରଣ ହେବା କଷ୍ଟକର ହୋଇପାରେ। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଘରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, କ୍ରୀଡ଼ାରେ ସମସ୍ୟା ସମାଧାନ ହେବ।

**ଧନୁ**
ପାରିବାରିକ କ୍ଷେତ୍ରରେ ଅଯଥା ଗୁଡାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୌଣସି ବନ୍ଧୁ ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। କଚେରି ମାମଲା ସପକ୍ଷରେ ଯିବାର ବହୁତ ସମ୍ଭାବନା ଦେଖାଦେଇପାରେ।

**ମକର**
ଶାରୀରିକ ସୁସ୍ଥତା କାମ କରିବାର ଉତ୍ସାହକୁ ବହୁଗୁଣିତ କରିଦେବ। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। ଆନୁଷ୍ଠାନିକ କାମ, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି। ରପ୍ତାନି କାରବାର, ଧାତୁ ଅଳଙ୍କାର, ଷ୍ଟେସନାରୀ ଓ ଯାନ୍ତ୍ରିକ ଜିନିଷ ବ୍ୟବସାୟରେ ଲାଭବାନ୍ ହେବେ ।

**କୁମ୍ଭ**
ଶନିକ୍ଷେତ୍ରସ୍ଥ ଚନ୍ଦ୍ର ଦୂରଯାତ୍ରା, ବ୍ୟୟବୃଦ୍ଧି, ପରୋକ୍ଷ ଶତ୍ରୁତା ଓ ଋଣ ପରିଶୋଧକୁ କେନ୍ଦ୍ର କରି କଳହ ଲାଗିପାରେ। ପାରିବାରିକ କ୍ଷେତ୍ରରେ ଜଣେ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିପାରନ୍ତି। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ ଜରିଆରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ।

**ମୀନ**
ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିଦାୟକ ମନେ ହେବା ସହ ନୂତନ ବନ୍ଧୁଙ୍କ ସାନ୍ନିଧ ମିଳିବ। କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ସାମାଜିକ ସ୍ତରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହି ନ ପାରେ।

ଆଜି ଜୁଲାଇ ୧୨ ତାରିଖ, ମାଲାଲା ଦିବସ, ଶ୍ରାବଣ କୃଷ୍ଣ ଦ୍ୱିତୀୟା, ଶନିବାର, ରାଶି ନକ୍ଷତ୍ର-ଶ୍ରବଣା ମକର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୧୨।୧୮ ମଧ୍ୟେ, ଘ.୦୩।୦୮ ଗତେ ଘ.୦୩।୪୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୫ ମି. ଗତେ ଘ.୧୦।୧୩ ମଧ୍ୟେ ରାହୁ କାଳ ॥



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତା ଦୌଲାଲ ବୈଷ୍ଣବଙ୍କୁ ଶୁକ୍ରବାର ନୂଆଦିଲ୍ଲୀର ଲୋଧିରୋଡ୍‌ସ୍ଥିତ ଚିନ୍ମୟ ମିଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ରାଧେ ରାଧେ
ତୋର ଅଧେକୁ ମୋର ଅଧେ।**

ଧର୍ମର ଛଳନା କରି ଲାଭ ଉଠାଇବା। ସଲାସୁତୁରା ହୋଇ ନିଜ ନିଜ ଭିତରେ ଆତ୍ମସାତ୍ କରିନେବାର ଫନ୍ଦିଫିକର। ଅତି ଗୋପନରେ ଭାଗବଣ୍ଟା କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ରଙ୍କୁଣୀ ସଞ୍ଚିଲା ଧନ
ମୂଷା କଲା ଜଳପାନ।**

ଯାହା ପାଖରେ ଯେଉଁଟା ଯେତେ ଅଭାବ ତା' ପାଇଁ ସେଇଟା ସେତେ ମୂଲ୍ୟବାନ୍। ଅଭାବୀ ବ୍ୟକ୍ତି ପକ୍ଷେ ଦୁଃଖକଷ୍ଟରେ ପେଟରୁ କାଟି ଗଚ୍ଛିତ ରଖିଥିବା ଧନ ପ୍ରତି ମନରେ ଅହେତୁକ ଦୁର୍ବଳତା ଭାବ ରହିବା ସ୍ୱାଭାବିକ। ଏପରି ସ୍ଥଳେ ସେହି ଧନକୁ ଆତ୍ମସାତ୍ କରିନେବା ଅମାନବିକତାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପୁଞ୍ଜିପତିଙ୍କ ପାଇଁ ଭାଜପା...

ସହିତ କଂଗ୍ରେସ ଅଛି ବୋଲି ରାହୁଲ କହିଛନ୍ତି । ରାହୁଲ ଆହୁରି କହିଛନ୍ତି, ଯେଉଁମାନଙ୍କ ରକ୍ତରେ କଂଗ୍ରେସ ଅଛି, ସେମାନେ ଡରିବା କ'ଣ ଜାଣି ନାହାନ୍ତି। ତାଙ୍କ ରକ୍ତ ତଥା ଡିଏନ୍‌ଏରେ ଗାନ୍ଧୀ ବିଚାରଧାରା ଓ ସମ୍ବିଧାନର ବିଚାରଧାରା ରହିଛି। ତେଣୁ ସେମାନେ ଏକଜୁଟ୍ ହୋଇ ଲଢ଼ିଲେ ରାଜ୍ୟରେ କଂଗ୍ରେସ ସରକାର ଗଢ଼ିବ। ଓଡ଼ିଶାର ଅସହାୟ ଜନତାଙ୍କୁ ସେମାନେ ରକ୍ଷା କରନ୍ତୁ। ଏଠି ସରକାରକୁ ବଦଳାନ୍ତୁ ବୋଲି ରାହୁଲ ଆହ୍ୱାନ ଦେଇଛନ୍ତି।

ରହୁଲ କହିଛନ୍ତି, ରାଜ୍ୟ ସରକାର ଜନତାଙ୍କୁ ଲୁଟୁଛନ୍ତି। ଭାଜପା ସରକାର ଦେଶରେ ସମ୍ବିଧାନ ଉପରେ ଆକ୍ରମଣ କରୁଛି। ମହାରାଷ୍ଟ୍ରରେ ୧କୋଟି ଭୋଟ ଚୋରି କରିଛନ୍ତି। ଲୋକ ସଭା ନିର୍ବାଚନ ଏବଂ ବିଧାନସଭା ନିର୍ବାଚନ ମଧ୍ୟରେ ୧କୋଟି ଭୋଟ ଅନ୍ତର ରହିଛି। ଏତେ ସଂଖ୍ୟକ ଭୋଟର ଆସିଲେ କେଉଁଠୁ ? ଏନେଇ ଭାରତର ନିର୍ବାଚନ ଆୟୋଗଙ୍କୁ ପ୍ରଶ୍ନ କଲେ ଉତ୍ତର ମିଳୁନାହିଁ କି ଭିଡିଓ ଫୁଟେଜ୍ ମିଳୁନାହିଁ। ମହାରାଷ୍ଟ୍ରରେ ଗୋଟିଏ ଚୋର ସରକାର ରହିଛି। ଠିକ୍ ଅନୁରୂପ ବ୍ୟବସ୍ଥା ବିହାର ନିର୍ବାଚନରେ ଆପଣାଇବାକୁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରୁଛନ୍ତି। ଏଥିପ୍ରତି ନିର୍ବାଚନ ଆୟୋଗ ତୀକ୍ଷ୍ଣ ଦୃଷ୍ଟିଦେବା ଆବଶ୍ୟକ ବୋଲି ସେ ସତର୍କ କରାଇଛନ୍ତି।

ରହୁଲ କହିଛନ୍ତି, ଜଳ, ଜମି ଓ ଜଙ୍ଗଲ ଆଦିବାସୀଙ୍କର ଥିଲା, ରହିଛି ଏବଂ ରହିବ। ଆଦିବାସୀଙ୍କୁ ହକ୍ ଦେବାପାଇଁ କଂଗ୍ରେସ ଲଢ଼େଇ କରିଥିଲା ଏବଂ ଆଗକୁ ମଧ କରିବ। କେନ୍ଦ୍ରରେ କଂଗ୍ରେସ ସରକାର କ୍ଷମତାକୁ ଆସିଲେ ଆଦିବାସୀଙ୍କୁ ତାଙ୍କର ଅଧିକାର ମିଳିବ। ଜମି ପଟ୍ଟା ଯୋଗାଇ ଦିଆଯିବ। ରାଜ୍ୟ ସରକାର ଏଠାରେ 'ପେସା' ଆଇନ ଲାଗୁ କରୁନାହାନ୍ତି। କିନ୍ତୁ ଆମ ସରକାର ଆସିଲେ ତାହାକୁ ଲାଗୁ କରିବ। ସେ କହିଛନ୍ତି, ଦେଶରେ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି କଂଗ୍ରେସ ଫସଲ ବୀମା ଯୋଜନା ଲାଗୁ କରିଥିଲା। ବନ୍ୟା, ବାତ୍ୟା ସମୟରେ ଏହି ବୀମା ଯୋଜନାରେ ଚାଷୀଙ୍କ ମେରୁଦଣ୍ଡ ସଳଖିବ ବୋଲି ଲକ୍ଷ୍ୟ ରହିଥିଲା। ହେଲେ ମୋଦି ସରକାର ଏହାକୁ ବ୍ୟବସାୟୀକରଣ କରିଛନ୍ତି। କୃଷକଙ୍କ ଜମା ରାଶିକୁ ଲୁଟିବା ପାଇଁ ୨/୩ଟି କମ୍ପାନୀକୁ ବୀମା ବ୍ୟବସ୍ଥା ଟେକି ଦେଇଛନ୍ତି। ଫଳରେ ରାଜ୍ୟର କୃଷକମାନେ ଫସଲ କ୍ଷତିଜନିତ ବୀମା ରାଶି ପାଇପାରୁ ନାହାନ୍ତି।

ରାହୁଲ କହିଛନ୍ତି, ଓଡ଼ିଶା ସରକାରକୁ ଆଦାନୀ ଚଳାଉଛନ୍ତି। ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରାକୁ ସରକାର ଡ୍ରାମାରେ ପରିଣତ କରିଦେଲେ। ଲକ୍ଷାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ରଥ ଟାଣିବାପାଇଁ ଅପେକ୍ଷା କରିଥିଲେ। ହେଲେ ସରକାର ପୁଞ୍ଜିପତି ଆଦାନୀଙ୍କ ପାଇଁ ରଥଟଣାକୁ ରୋକି ଦେଲେ। ସରକାର କହୁଛନ୍ତି, ରାଜ୍ୟରେ ଶିଳ୍ପ ହେଲେ ବିକାଶ ହେବ। ହେଲେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି, ଜଙ୍ଗଲ ଗରିବମାନେ ଦେବା ପରେ କ'ଣ ପାଉଛନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ସରକାର ସେମାନଙ୍କୁ ନା ଥଇଥାନ କରୁଛନ୍ତି ନା ରୋଜଗାର ଯୋଗାଉଛନ୍ତି ବୋଲି ରାହୁଲ କହିଥିଲେ। ସେ କହିଛନ୍ତି, ଓଡ଼ିଶାରେ ପ୍ରତିଦିନ ୧୫ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ୪୦ ହଜାରରୁ ଉର୍ଦ୍ଧ୍ୱ ମହିଳା ନିଖୋଜ ହୋଇଛନ୍ତି । ମହିଳାଙ୍କୁ ସୁରକ୍ଷା ନାହିଁ କି ଯୁବକଙ୍କୁ ରୋଜଗାର ନାହିଁ। ଇଏ କି ସରକାର ? ଆସ ଆମେ ଏକଜୁଟ୍ ହେବା, ସମସ୍ତ ଶକ୍ତି ଖଟାଇ ସରକାର ବିରୋଧରେ ଲଢ଼ିବା। ଯେଉଁଦିନ ଆମେ ଏକାଠି ହେବା, ସେଦିନ ଏ ସରକାରକୁ ଉପାଡ଼ି ଫିଙ୍ଗିଦେବା ବୋଲି ରାହୁଲ କର୍ମୀଙ୍କୁ ସମ୍ବୋଧନ କରି କହିଛନ୍ତି।

କାର୍ଯ୍ୟକ୍ରମରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ସମ୍ବିଧାନକୁ ଭାଜପା ସରକାର ନଷ୍ଟ କରି ଚାଲିଛି। ସମ୍ବିଧାନରୁ 'ସିକୁଲାର' ଶବ୍ଦ ହଟାଇବାକୁ ଚକ୍ରାନ୍ତ କରାଯାଉଛି। ମୋଦି ସରକାର ଇଡି, ସିବିଆଇ ଦେଖାଇ ସମସ୍ତଙ୍କୁ ଡରାଇବାକୁ ଚେଷ୍ଟା କରୁଛନ୍ତି। ହେଲେ ଆପଣ ଡରିବେନି, ଡରିଲେ ମରିବେ। ଦୃଢ଼ତାର ସହ ଏହାର ମୁକାବିଲା କରନ୍ତୁ ବୋଲି ଖାର୍ଗେ ଆହ୍ୱାନ ଦେଇଥିଲେ। ସେ କହିଛନ୍ତି, ଓଡ଼ିଶାରେ ଯାହା ବି କଳକାରଖାନା ପ୍ରତିଷ୍ଠା ହୋଇଛି ତାହା କେବଳ କଂଗ୍ରେସ କରିଛି । ଭୁବନେଶ୍ୱରରେ ଏମ୍‌ସ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ କଂଗ୍ରେସ କରିଛି । ରାଉରକେଲା ଷ୍ଟିଲ ପ୍ଲାଣ୍ଟଠାରୁ ଆରମ୍ଭ କରି ହୀରାକୁଦ ନଦୀବନ୍ଧ, ନାଲ୍‌କୋ, ଏନ୍‌ଟିପିସି, ରେଳଡବା ମରାମତି କାରଖାନା ସବୁ କଂଗ୍ରେସ କରିଛି। ଭୁବନେଶ୍ୱରକୁ ରାଜଧାନୀ ଭାବେ ପଣ୍ଡିତ ଜବାହର ଲାଲ ନେହେରୁ ପ୍ରତିଷ୍ଠା କରିଛନ୍ତି। କଂଗ୍ରେସ ସବୁବେଳେ କାମରେ ବିଶ୍ୱାସ କରେ। ହେଲେ ଭାଜପା ସରକାର ସବୁବେଳେ ଶ୍ରେୟ ନେବା ଜାଣିଛି, କାମରେ ଶୂନ୍ ବୋଲି ଖାର୍ଗେ କହିଥିଲେ। ମୋଦି କେବଳ ଦେଶକୁ ବିକ୍ରି କରିବାରେ ଲାଗି ପଡ଼ିଛନ୍ତି। ରାଜ୍ୟ ସରକାର ମଧ ବାଲି, ଖଣି, ପାଣି ବିକ୍ରି କରି କମିଶନ୍ ଖାଇବା ଜାଣିଛନ୍ତି। ଡବଲ ଇଞ୍ଜିନ ସରକାର ଗରିବଙ୍କ ପାଇଁ ନୁହେଁ, କେବଳ ଧନୀଙ୍କ ଲାଗି। ଦେଶର ସମ୍ବିଧାନକୁ ସମାପ୍ତ କରିବା ମୋଦିଙ୍କ ଲକ୍ଷ୍ୟ । ଧର୍ମ ନାଁରେ ବିଭାଜନ ରାଜନୀତି ଭାଜପା କରୁଛି ବୋଲି ଖାର୍ଗେ କହିଥିଲେ। ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ ଅତିଥିଗଣଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ କହିଛନ୍ତି, ରାହୁଲ ଏଭଳି ଜଣେ ନେତା ଯିଏ କି ଆବଶ୍ୟକତା ପୂର୍ବରୁ ପହଞ୍ଚନ୍ତି। ରାହୁଲଙ୍କୁ ସ୍ୱାଗତ କରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଆଜି ଓଡ଼ିଶା ଇତିହାସ ରଚିଛି। ସମାବେଶରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଏମ୍‌ପି ସପ୍ତଗିରି ଉଲାକାଙ୍କ ସହିତ ପୂର୍ବତନ ପିସିସି ସଭାପତି, ବିଧାୟକ ଓ ବରିଷ୍ଠ ନେତୃବୃନ୍ଦ ସାମିଲ ଥିଲେ।

### ନେତାଙ୍କ ଅବସର ବୟସ ...

୭୫ ବର୍ଷ ପୂରଣ କରିଛନ୍ତି। ଆମେ ତାଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରୁଛୁ। ମୋରୋପନ୍ତଙ୍କୁ ଶାଲ ପ୍ରଦାନ ସହ କିଛି କହିବାକୁ ଅନୁରୋଧ କରାଯାଇଥିଲା। ମୋରୋପନ୍ତ ଛିଡ଼ାହେବା ମାତ୍ରେ ଲୋକେ ହସିବାକୁ ଲାଗିଲେ। ମୋରୋପନ୍ତ କହିଥିଲେ, ସେ ଯେତେବେଳେ ବି କିଛି କହିବାକୁ ଛିଡ଼ା ହୁଅନ୍ତି, ଲୋକେ ହସିବା ଆରମ୍ଭ କରନ୍ତି। ଏପରି କି କିଛି ମଜାଳିଆ କଥା ନ କହିଲେ ମଧ ଲୋକେ ହସନ୍ତି। କାରଣ ଲୋକେ ତାଙ୍କୁ ଗମ୍ଭୀରତାର ସହ ନିଅନ୍ତି ନାହିଁ। ଯେତେବେଳେ ସେ ମରିଯିବେ, ପ୍ରକୃତରେ ସେ ମୃତ ନା ଜୀବିତ ତାହା ଯାଞ୍ଚ କରିବା ପାଇଁ ଲୋକେ ତାଙ୍କ ଉପରକୁ ଠେକା ମାରିବେ।

ଭାଗବତଙ୍କ ଅନୁସାରେ ମୋରୋପନ୍ତ ସେତେବେଳେ କହିଥିଲେ, ଆପଣମାନେ ମୋତେ ୭୫ ବର୍ଷ ବୟସରେ ଏକ ଶାଲ ଦେଇଛନ୍ତି। ମୁଁ କିନ୍ତୁ ଏହାର ତାତ୍ପର୍ଯ୍ୟ ବୁଝିପାରୁଛି। ଯେତେବେଳେ ଜଣେ ୭୫ ବର୍ଷରେ ସମ୍ବର୍ଦ୍ଧିତ ହୁଅନ୍ତି, ସେତେବେଳେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି ବୋଲି ବୁଝିବାକୁ ପଡ଼ିବ। ମୋରୋପନ୍ତଙ୍କ ପାଇଁ ସବୁକିଛି ସମ୍ମାନର ସହ କରାଯାଇଥିଲା ବୋଲି ଭାଗବତ କହିଛନ୍ତି। ଏହା ପୂର୍ବରୁ ଭାଜପା ଲାଲକୃଷ୍ଣ ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀଙ୍କ ଭଳି ବରିଷ୍ଠ ନେତାଙ୍କୁ ୭୫ ବର୍ଷ ବୟସରେ ଅଣାନୁଷ୍ଠାନିକ ଭାବେ ଅବସର ଦେଇଥିଲା। ମୋଦି ୨୦୧୪ରେ କ୍ଷମତାକୁ ଆସିବା ପରେ ସେମାନଙ୍କୁ ମାର୍ଗଦର୍ଶକ ମଣ୍ଡଳକୁ ହଟାଇ ଦିଆଯାଇଥିଲା।

ଏବେ ଭାଗବତଙ୍କ ଉପରୋକ୍ତ ମନ୍ତବ୍ୟକୁ ବିରୋଧୀ ଦଳଗୁଡ଼ିକ 'ଏକ ଭଲ ଖବର' କହି ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଭାଗବତ ଆସନ୍ତା ସେପ୍ଟେମ୍ବର ୧୧ ଓ ମୋଦି ୧୭ ତାରିଖରେ ୭୫ ବର୍ଷରେ ପଦାର୍ପଣ କରିବାକୁ ଥିବାରୁ ଉଭୟେ ଅବସର ନେବେ। ଦୁହେଁ ନିଜ ବ୍ୟାଗ୍ ଧରି ଯିବା ପାଇଁ ପ୍ରସ୍ତୁତ ହୁଅନ୍ତୁ। ଏହା ଦେଶ ଓ ଭାରତୀୟ ସମ୍ବିଧାନ ପାଇଁ ଅଚ୍ଛେ ଦିନ୍ ଆଣିବ ବୋଲି ବିରୋଧୀ ଦଳଗୁଡ଼ିକ କହିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ କହିଛନ୍ତି, 'ପୁଅର୍ ଆୱାର୍ଡଜୀବୀ' ପ୍ରଧାନମନ୍ତ୍ରୀ! ଏହା ଏକ ହୋମ୍‌କମିଂ। ଏହା ଭାଗବତଙ୍କ ଗୋଟିଏ ତୀରରେ ଦୁଇଟି ଶିକାର ବୋଲି ଜୟରାମ କହିଛନ୍ତି। ସେହିପରି କଂଗ୍ରେସ ମିଡିଆ ପବ୍ଲିସିଟି ବିଭାଗ ମୁଖ୍ୟ ପବନ ଖେରା କହିଛନ୍ତି, ଭାଗବତ ଏପରି ମନ୍ତବ୍ୟ ଦେବା ପରଠୁ ଲୋକଙ୍କ ମଧ୍ୟରେ ଉତ୍ସାହ ଓ ଖୁସିର ଲହରି ଖେଳିଯାଇଛି। ଶିବସେନା ୟୁବିଟି ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ପ୍ରଥମେ ଭାଗବତ ଓ ପରେ ମୋଦି। ଉଭୟେ ୭୫ର ନିକଟବର୍ତ୍ତୀ। ଆର୍‌ଏସ୍‌ଏସ୍‌ରେ ଅବସର ବୟସ ସୀମା ୭୫ ହୋଇଥିବାବେଳେ ରାଜନୀତିରେ କାହିଁକି ଲାଗୁ ହେବ ନାହିଁ। ଏଭଳି ନିଷ୍ପତ୍ତିରୁ ଦେଶ ଲାଭାନ୍ୱିତ ହେବ ବୋଲି ସଞ୍ଜୟ କଟାକ୍ଷ କରିଛନ୍ତି। ଅନ୍ୟପକ୍ଷେ ଭାଜପାରେ ଅବସର ବୟସ ସୀମା ୭୫ ବୋଲି ଧାର୍ଯ୍ୟ ହୋଇନାହିଁ। ପ୍ରଧାନମନ୍ତ୍ରୀ କେତେ ଦିନ ପର୍ଯ୍ୟନ୍ତ ରହିବେ ତାହା ଦେଶର ଜନସାଧାରଣ ନିଷ୍ପତ୍ତି ନେବେ ବୋଲି ମହାରାଷ୍ଟ୍ର ଭାଜପା ମୁଖ୍ୟ ଚନ୍ଦ୍ରକାନ୍ତ ବଓ୍ୱାଙ୍କୁଲେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି। ଏହା ପୂର୍ବରୁ ମଧ ମୋଦି ୨୦୨୯ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଭିନ୍ନ ଏକ ଅବସରରେ ସ୍ପଷ୍ଟ କରିଥିଲେ।

### ପ୍ରେମୀଯୁଗଳଙ୍କୁ ହଳ ...

ମାରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ କଲ୍ୟାଣସିଂହପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ନିକଟକୁ ସେଭଳି କୌଣସି ଅଭିଯୋଗ ଆସି ନ ଥିବା ସେ କହିଛନ୍ତି । ରାୟଗଡା ଏସ୍‌ଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ଘଟଣାକୁ ପୋଲିସ ଗୁରୁତ୍ୱର ସହିତ ନେଇ ଶୁକ୍ରବାର କଞ୍ଚାମଯୋଡ଼ି ଗ୍ରାମକୁ ଯାଇ ତଦନ୍ତ ଆରମ୍ଭ କରିଛି । ଉକ୍ତ ଯୁବତୀ ଓ ଯୁବକଙ୍କୁ ଦଣ୍ଡବିଧାନ କରିଥିବା ଲୋକଙ୍କ ବିରୋଧରେ କଲ୍ୟାଣସିଂହପୁର ଥାନାରେ ଏକ ମାମଲା ରୁଜୁ କରି ସେମାନଙ୍କୁ ଧରିବା ପାଇଁ ପୋଲିସ ଯୋଜନା କରିଥିବା ସେ କହିଛନ୍ତି । ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନା କହିଛନ୍ତି, କଲ୍ୟାଣସିଂହପୁର ବିଡିଓ ଏବଂ ତହସିଲଦାରଙ୍କ ସମେତ ସମାଜ ମଙ୍ଗଳ ବିଭାଗକୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଚିଠି ନଂ ୩୭୪୬ରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ବ୍ଲକ୍ ସମାଜ ମଙ୍ଗଳ ଅଧିକାରୀ ବିଶ୍ୱଜିତ ସାମନ୍ତସିଂହାର କହିଛନ୍ତି । ଏ ନେଇ ସେଠାକାର ୱାର୍ଡମେମ୍ବର କହିଛନ୍ତି, ପିଉସୀ ଓ ପୁତୁରାର ସମ୍ପର୍କ ହେଉଛି ମା' ଓ ପୁଅର ସମ୍ପର୍କ। ସେମାନଙ୍କର ଏଭଳି ପ୍ରେମ କରିବା ଆଦିବାସୀ ସମାଜରେ ଆଦୌ ଗ୍ରହଣୀୟ ନୁହେଁ । ତେଣୁ ସେମାନଙ୍କ ବିରୋଧରେ ଏହିଭଳି ପଦକ୍ଷେପ ନିଆଯାଇଛି। ଅନ୍ୟପଟେ ଏହି ମାମଲା ଗଣମାଧ୍ୟମରେ ପ୍ରଚାର ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ବିଦ୍ୟାଳୟରେ ଅଚେତ ହୋଇପଡ଼ିଲେ ୫ ଛାତ୍ରୀଛାତ୍ର



ମେଡିକାଲରେ ଚିକିତ୍ସିତ ହେଉଥିବା ଛାତ୍ରୀଛାତ୍ର ।

**କୋରୁକୋଣ୍ଡା,୧୧ା୭(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ବାଲିମେଳାସ୍ଥିତ ନବୋଦୟ-୨ ବିଦ୍ୟାଳୟରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ୪ଜଣ ଛାତ୍ରୀ ଜଣେ ଛାତ୍ର କୌଣସି କାରଣରୁ ହଠାତ୍ ଅଚେତ ହୋଇପଡ଼ିଥିଲେ। ସ୍କୁଲ କର୍ତ୍ତୃପକ୍ଷ ଅସୁସ୍ଥ ୫ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ନିମନ୍ତେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କ ଚିକିତ୍ସା କରିବାର କିଛି ଘଣ୍ଟା ପରେ ଛାତ୍ରୀଛାତ୍ର ଧୀରେ ଧୀରେ ସୁସ୍ଥ ହୋଇଥିଲେ । ତେବେ କେଉଁ କାରଣ ଯୋଗୁ ଏପରି ଘଟିଲା ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ଆର୍.ରାମୁଙ୍କୁ ପଚାରିବାରୁ ସେ କହିଥିଲେ, ସକାଳେ ସ୍କୁଲରେ ସବୁ ପିଲା ଜଳପାନ କରିବା ପରେ ନିଜ ନିଜ କୋଠରିକୁ ଯାଇଥିଲେ। ଯୁକ୍ତ -୨ ଶ୍ରେଣୀରେ ପଢୁଥିବା ୪ ଜଣ ଛାତ୍ରୀ ଓ ଜଣେ ଛାତ୍ର କୌଣସି କାରଣରୁ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଠିକ୍ ହେବା ପରେ କେଉଁ କାରଣରୁ ଏପରି ହେଲା ତାହା ଜଣାପଡିବ ବୋଲି ସେ କହିଛନ୍ତି।

# ୬ ମାଓବାଦୀ ଗିରଫ, ବିସ୍ଫୋରକ ସାମଗ୍ରୀ ଜବତ



**ମାଲକାନଗିରି,୧୧ା୭ (ଦୁର୍ଯ୍ୟୋଧନ ପାତ୍ର)**




ମାଲକାନଗିରିଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୬ ମାଓବାଦୀଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ମାଓବାଦୀମାନେ ହେଲେ କୁଞ୍ଜାମ ମୁକା, ମାଡବି ମୁୟା, ମାଡବି ସୁକା, ସୋଡି ଚନ୍ଦ୍ର, ମୁଚାକୀ ଲଖମା, ସୋଡି ଦେବା। ସେମାନଙ୍କ ନିକଟରୁ ପୋଲିସ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରିଛି।ସୂଚନା ଅନୁଯାୟୀ, ସୁକ୍‌ମା ଜିଲା କୋଣ୍ଟା ଓ ଭେଜି ଥାନାର ଡିଆର୍‌ଜି, ସିଆର୍‌ପିଏଫ୍ ବାହିନୀ ୨ଭାଗରେ ବିଭକ୍ତହୋଇ ନିଲାମଡଗୁଡା ଓ ପିଲାବାୟା ଗ୍ରାମ ନିକଟସ୍ଥ ଜଙ୍ଗଲରେ କୋମ୍ବିଂ ଅପରେଶନ କରିଥିଲେ। ପିଲାବାୟା ଗ୍ରାମରୁ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ କୁଞ୍ଜାମ ଓ ୨ ଲକ୍ଷ ପୁରସ୍କାର ଘୋଷିତ ମାଡବିଙ୍କୁ ଗିରଫ କରିଥିଲେ। ସେହିପରି ଭେଜି ଅଞ୍ଚଳର ମୁଖ୍ୟ ରାସ୍ତାରେ ୪ ଜଣ ଯୁବକଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ମାଓବାଦୀ ବୋଲି ଜଣାପଡ଼ିଥିଲେ। ଏହି ୪ ମାଓବାଦୀ କୌଣସି ଅଘଟଣ ଘଟାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ମାଓବାଦୀଙ୍କ ନିକଟରୁ ଗୋଟିଏ ଟିଫିନ୍ ବୋମା, ୭ ମିଟର କୋଡେକ୍ସ ତାର, ୧ଥ୫ ମିଟର ବିଦ୍ୟୁତ୍ ତାର, ୫ଟି ବିଦ୍ୟୁତ୍ ଡିଟୋନେଟର ଜବତ କରାଯାଇଛି। ସମସ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ଆଜି ମୁମ୍ବାଇରୁ ଫେରିବେ ନବୀନ

**ଭୁବନେଶ୍ୱର,୧୧ା୭(ସୁନିତ୍ ମିଶ୍ର)**




ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର ମୁମ୍ବାଇରୁ ଫେରିବେ। ସେ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ଭିତରେ ଭୁବନେଶ୍ୱର ବିମାନବନ୍ଦରେ ପହଞ୍ଚିବେ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଏହି ଅବସରରେ ଦଳର ସଭାପତିଙ୍କୁ ସ୍ୱାଗତକରିବା ଲାଗି ପ୍ରାୟ ୧୦ ହଜାର ଲୋକଙ୍କୁ ଏକାଠି କରିବା ପାଇଁ ଦଳୀୟ ନେତାମାନେ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ଏଥିଲାଗି ନେତାମାନଙ୍କୁ ଲୋକ ଯୋଗାଡକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ଅସ୍ତ୍ରୋପଚାର ଲାଗି ନବୀନ ଗତ ୨୦ରୁ ମୁମ୍ବାଇ ଗସ୍ତରେ ଅଛନ୍ତି। ତାଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ସେ ହସ୍ପିଟାଲରୁ ମଧ୍ୟ ଗତ ସପ୍ତାହରେ ଡିସ୍‌ଚାର୍ଜ ହୋଇଥିଲେ। ଡିସ୍‌ଚାର୍ଜ ହେବା ସମୟରେ ସେ ଡାକ୍ତରମାନଙ୍କ ସହ ଭେଟୁଥିବାର ଏକ ଭିଡିଓ ମଧ୍ୟ ଜାରି କରିଥିଲେ। ଏହାପରେ ସେ ଫିଜିଓଥେରାପି ନେବା ଲାଗି କିଛିଦିନ ପାଇଁ ମୁମ୍ବାଇରେ ରହିବେ ବୋଲି ତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ସୂଚନା ମଧ୍ୟ ଦେଇଥିଲେ।

# ରତ୍ନଭଣ୍ଡାର ଗଣତିମଣତିରେ କେବେ ରିଜର୍ଭ ବ୍ୟାଙ୍କ ସହାୟତା ନିଆଯାଇଥିଲା: ବିଜେଡି

**ଭୁବନେଶ୍ୱର,୧୧ା୭(ସୁନିତ୍ ମିଶ୍ର)**

ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ବର୍ଷେ ହେଲା ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଦଳର ମୁଖପାତ୍ର ଲେନିନ୍ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ଗତ ବର୍ଷେ ହେଲା ରତ୍ନଭଣ୍ଡାରର ଗଣତି ମଣତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଆଇନମନ୍ତ୍ରୀ ଆହୁରି ୩ ମାସ ଲାଗିବ ବୋଲି କହିବା ଦୁର୍ଭାଗ୍ୟଜନକ। ଗଣତି ମଣତି ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ା ଯାଇଛି ବୋଲି ଆଇନମନ୍ତ୍ରୀଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ପୂର୍ବରୁ ଗଣତି ମଣତି ସମୟରେ କେବେ ରିଜର୍ଭ ବ୍ୟାଙ୍କର ସହାୟତା ନିଆଯାଇଥିଲା। ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ଗଣତି ମଣତି ସମୟରେ ରିଜର୍ଭ ବ୍ୟାଙ୍କର ସହାୟତା ନେବା ବ୍ୟବସ୍ଥା ରହିଛି କି ମନ୍ତ୍ରୀ ତା'ର ଉତ୍ତର ଦିଅନ୍ତୁ। ଯଦି ନାହିଁ କେଉଁ କାରଣ ପାଇଁ ଏହାକୁ ରିଜର୍ଭ ବ୍ୟାଙ୍କ ନାମରେ ବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି। ରତ୍ନଭଣ୍ଡାରର ଗଣତି ମଣତି କରିବା ପରିବର୍ତ୍ତେ ଗତ ବର୍ଷେ ଧରି ଠାକୁରଙ୍କ ବହୁ ମୂଲ୍ୟ ଅଳଙ୍କାର ସମୂହ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏବେ ଅଳିଆଗଦା ମାଧ୍ୟମରେ ସୃଷ୍ଟି ହୋଇଥିବା ୫ମ ଦ୍ୱାର ଦେଇ କେତେଜଣ ଲୋକ ପ୍ରବେଶ କରୁଥିବା ଦୃଶ୍ୟ ଓଡ଼ିଶାବାସୀଙ୍କୁ ବିଚଳିତ କରିବା ସହ ରତ୍ନଭଣ୍ଡାର ବାହାରେ ଥିବା ରତ୍ନ ସୁରକ୍ଷିତ ଅଛି କି ନାହିଁ, ସେନେଇ ଜଗନ୍ନାଥପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି। ରାଜ୍ୟ ସରକାର ରତ୍ନଭଣ୍ଡାରର ଗଣତି ମଣତିକୁ ନେଇ ଆଉ ଅଧିକ ରାଜନୀତି ନ କରି ଜନସାଧାରଣଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ବୋଲି ଲେନିନ୍ କହିଛନ୍ତି।



“ ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ଅଧିକାରୀ ଅଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତ୍ରିପୁରାରୁ ଏକ ଡଜନରୁ ଊର୍ଦ୍ଧ୍ୱ ଆଇଏଏସ୍ ଅଧିକାରୀ ଛାଡ଼ି ଚାଲିଯିବା ଫଳରେ ରାଜ୍ୟରେ ସେମାନଙ୍କ ସଂଖ୍ୟା କମିଚାଲିଛି। ୨୦୧୯ରୁ ୨୦୨୩ ମଧ୍ୟରେ ୨୦୧୯, ୨୦୨୦, ୨୦୨୧ ଓ ୨୦୨୨ ଆଇଏଏସ୍ ବ୍ୟାଚର ଯୁବ ଅଧିକାରୀମାନେ ବାହାର ରାଜ୍ୟ ଯଥା ରାଜସ୍ଥାନ, ବିହାର, ତାମିଲନାଡ୍ରୁ, ଉତ୍ତରପ୍ରଦେଶ, ପଞ୍ଜାବ, ହିମାଚଳପ୍ରଦେଶ ଏବଂ ହରିୟାଣା ଭଳି ରାଜ୍ୟଗୁଡ଼ିକୁ ଚାଲିଯିବାରେ ଲାଗିଛନ୍ତି। ବିବାହ କିମ୍ବା ବ୍ୟକ୍ତିଗତ କାରଣ ଦର୍ଶାଇ ସେମାନେ ବାହାର ରାଜ୍ୟକୁ ଚାଲିଯିବା ଯୋଗୁ ଧୀରେ ଧୀରେ ପ୍ରଶାସନିକ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। ଫଳରେ ତ୍ରିପୁରା ସରକାର ଖାଲି ପଦବୀ ପୂରଣ କରିବା ଲାଗି ତ୍ରିପୁରା ସିଭିଲ ସର୍ଭିସ୍(ଟିସିଏସ୍) ଅଧିକାରୀଙ୍କୁ ନିଯୁକ୍ତି ଦେଉଛନ୍ତି। ଏପରିକି କାର୍ଯ୍ୟନିର୍ବାହୀ ଏସ୍‌ଡିଏମ୍ ଭଳି ଅତିରିକ୍ତ ଦାୟିତ୍ୱ ରାଜ୍ୟର ନବନିଯୁକ୍ତ ବାବୁଙ୍କ ଉପରେ ନ୍ୟସ୍ତ କରାଯାଇ ସେମାନଙ୍କ ଉପରେ ଅଧିକ ବୋଝ ଲଦି ଦିଆଯାଉଛି। ଏହା ସଂସ୍ଥାଗତ କ୍ଷମତାକୁ ଧୀରେ ଧୀରେ ହ୍ରାସ କରିବା ସହ ଜିଲା ସ୍ତରରେ ନେତୃତ୍ୱକୁ ଦୁର୍ବଳ କରୁଛି। ଫଳରେ ବିକାଶ ଯୋଜନାଗୁଡ଼ିକ ଦିଗହରା ହୋଇଯାଉଛି। ନିର୍ଦ୍ଧାରିତ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ କମ୍ ଅଭିଜ୍ଞ ଅଧିକାରୀଙ୍କୁ ନିଯୁକ୍ତ କରାଯାଉଛି। ସୂତ୍ରରୁ ଜଣାପଡ଼ିଛି, ୨୦୨୩ ଜୁଲାଇରୁ ଆଇଏଏସ୍ ଅଧିକାରୀ ସୋନାଲ ଗୋଏଲଙ୍କୁ ତ୍ରିପୁରା ଭବନର ରେସିଡେଣ୍ଟ କମିଶନର ଭାବେ ବଦଳି କରାଯାଇଥିଲା ଏବଂ ତାଙ୍କ ଦେଖା ନ ଥିବା କୁହାଯାଉଛି। ସେବେଠାରୁ ସେ ସେଠାରେ କାମ କରୁଛନ୍ତି ନା ଚାଇଲ୍ଡ କେୟାର ଲିଭ୍‌ରେ ଅଛନ୍ତି, ଅଗରତାଲାରେ କେହି ନିଶ୍ଚିତ କରିପାରୁନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏସବୁ ଉପରେ କୌଣସି ମନ୍ତବ୍ୟ ରଖିନାହାନ୍ତି। ଏଣୁ ଯଦିଓ ପୁନର୍ବାର ଆଇଏଏସ୍ ପଦବୀ ପୂରଣକୁ ପ୍ରାଥମିକତା ଦିଆ ନ ଯାଉଛି, ତେବେ ଟିସିଏସ ଅଧିକାରୀଙ୍କ ପାଇଁ ରହିଥିବା ବୋନସ, ଗ୍ରାମାଞ୍ଚଳ ନିଯୁକ୍ତି ବିକାଶର ନେତୃତ୍ୱ ପାଇଁ ପ୍ରୋତ୍ସାହନ ଯୋଗାଇଦେବା ଉପରେ ବିଚାର କରାଯିବା ପାଇଁ ପଦକ୍ଷେପ ନିଆଯିବା ଉଚିତ।

### ବରିଷ୍ଠତାକୁ ଅଣଦେଖା

କେରଳର ସବୁଠୁ ବରିଷ୍ଠ ତଥା ୧୯୮୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ନୀତିନ ଅଗରୱାଲଙ୍କୁ ତାଙ୍କ ଭାଗ୍ୟ ସହଯୋଗ କରୁ ନ ଥିବା ଜଣାପଡ଼ିଛି। ରାଜ୍ୟର ଶୀର୍ଷ ପୋଲିସ ଦାୟିତ୍ୱ ପାଇଁ ପୁଣିଥରେ ତାଙ୍କୁ ଅଣଦେଖା କରାଯାଇ ସେହି ପଦବୀରେ ୧୯୯୧ ବ୍ୟାଚର କନିଷ୍ଠ ଅଧିକାରୀ ଆର୍.ଏ. ଚନ୍ଦ୍ରଶେଖରଙ୍କୁ ନିଯୁକ୍ତ କରାଯାଇଛି। ସୂତ୍ରରୁ ଜଣାପଡ଼ିଛି, କେରଳ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଭାବେ ଚନ୍ଦ୍ରଶେଖରଙ୍କ ନିଯୁକ୍ତି ଥିଲା ଏକ ନାଟକୀୟ ପଦକ୍ଷେପ। ସେ ଇଣ୍ଟେଲିଜେନ୍ସ ବ୍ୟୁରୋର ସ୍ୱତନ୍ତ୍ର ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। କେନ୍ଦ୍ର ତାଙ୍କୁ କ୍ୟାବିନେଟ ସେକ୍ରେଟାରିଏଟକୁ ସଚିବ(ସୁରକ୍ଷା) ଭାବେ ଦୁଇ ସପ୍ତାହ ପାଇଁ ନେଇଥିବା ବେଳେ ସେଠାରୁ କେରଳ ସରକାର ତାଙ୍କୁ ବିନା ବାଧାରେ ନେଇଆସିଲେ। କେନ୍ଦ୍ର ଓ ରାଜ୍ୟର ସହମତିରେ ଏଭଳି ହୋଇଥିବା ସନ୍ଦେହ କରାଯାଉଛି। ଅଗରୱାଲଙ୍କ କ୍ଷେତ୍ରରେ ପୂର୍ବରୁ ଆଉଥରେ ଏଭଳି ଘଟିଥିଲା। ୨୦୨୩ରେ ତାଙ୍କ ବଦଳରେ ୧୯୯୦ ବ୍ୟାଚରୁ ଶେକ୍ ଦର୍ଭେଶ ସାହେବଙ୍କୁ ରାଜ୍ୟ ଚୟନ କରିଥିଲା। ଏବେ ପୁନର୍ବାର ଜଣେ କନିଷ୍ଠ ଅଧିକାରୀ ଚନ୍ଦ୍ରଶେଖରଙ୍କୁ ଆସନ୍ତା ବର୍ଷ ଜୁଲାଇ ପର୍ଯ୍ୟନ୍ତ ନିଯୁକ୍ତ କରାଯାଇଛି। କେତେକେ କହୁଛନ୍ତି, ଅଗରୱାଲଙ୍କ ରାଜନୈତିକ ସମର୍ଥନ ନାହିଁ। ତେବେ କେନ୍ଦ୍ର ଓ ସିପିଏମ ମଧ୍ୟରେ ବୁଝାମଣା ହୋଇଥିବାରୁ କଂଗ୍ରେସ ଚନ୍ଦ୍ରଶେଖରଙ୍କ ନିଯୁକ୍ତିକୁ ବିରୋଧ କରିଛି। ବାମଦଳ ନିଜକୁ ରକ୍ଷା କରିବାକୁ ଯାଇ କହିଛି ଯେ, ଚନ୍ଦ୍ରଶେଖରଙ୍କର ଅତୀତ ବିବାଦୀୟ। ୧୯୯୪ରେ କୁଥୁପରମ୍ବା ଗୁଳିକାଣ୍ଡ ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ଅଭିଯୋଗ ଅଛି, ଯେଉଁଥିରେ ୫ଜଣ ଡିୱାଇଏଫ୍‌ଆଇ କର୍ମକର୍ତ୍ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୋଷ ମୁକ୍ତ ହୋଇଥିଲେ ମଧ୍ୟ ସେହି ଘଟଣା ଏବେ ମଧ୍ୟ ଜନମାନସରେ ଅଛି। ତେବେ ଏଭଳି ନିଯୁକ୍ତିରୁ ଏହା ସ୍ପଷ୍ଟ ଯେ, ତୁମର କୌଣସି ସମର୍ଥନ ନଥିଲେ, କ୍ୟାରିୟରର ଶେଷ ସମୟରେ ବରିଷ୍ଠତା, ସେବା ଓ କଳଙ୍କ ବିହୀନ ରେକର୍ଡର ମୂଲ୍ୟ କିଛି ନୁହେଁ।

### ଜୈନ ରହିଲେ

ଛତିଶଗଡ଼ର ମୁଖ୍ୟ ଶାସନ ସଚିବ ଅମିତାଭ ଜୈନ ୫୫ ମାସ ଦାୟିତ୍ୱ ତୁଲାଇବା ପରେ ଅବସର ନେବାକୁ ଯାଉଥିଲେ। ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ରାଜ୍ୟପାଳ ରାମେନ ଡେକା ତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ ଓ କ୍ୟାବିନେଟ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ପରେ ଘଟଣା ମୋଡ ନେଲା। ରାଜ୍ୟର ଶୀର୍ଷ ବ୍ୟକ୍ତିତ୍ୱବୃନ୍ଦ ଉପସ୍ଥିତ ଥିବା ସମୟରେ ବିଦାୟ(ଅବସର) ଉପରେ ରୋକ ଲଗାଇବାକୁ ଦିଲ୍ଲୀରୁ କଲ୍ ଆସିଥିଲା, ଯେଉଁଥିରେ କେନ୍ଦ୍ର ପକ୍ଷରୁ ପୁଣି ଜୈନଙ୍କ କାର୍ଯ୍ୟକାଳ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ୨୦୦୦ରେ ଛତିଶଗଡ଼ ରାଜ୍ୟ ହେବା ପରଠାରୁ ଏହା ଏକ ଅପ୍ରତ୍ୟାଶିତ ପଦକ୍ଷେପ। ବିଦାୟକାଳୀନ ଅଭିଭାଷଣ ସେହିଠାରେ ଅଟକିଗଲା, ବାବୁମାନେ ଏହାକୁ ବିଶ୍ୱାସ କରିପାରିଲେ ନାହିଁ। ରାଜ୍ୟର ଇତିହାସରେ ମୁଖ୍ୟ ଶାସନ ସଚିବଙ୍କ ଅବସର ପର କାର୍ଯ୍ୟକାଳ ବୃଦ୍ଧି ହେବାରେ ଜୈନ ହେଉଛନ୍ତି ପ୍ରଥମ। କେନ୍ଦ୍ରରୁ କଲ୍ ଆସିବା ପର୍ଯ୍ୟନ୍ତ ଚାରିଜଣ ବରିଷ୍ଠ ଅଧିକାରୀ ଯଥା ରେଣୁ ପିଲୟ, ସୁବ୍ରତ ସାହୁ, ଅମିତ ଅଗ୍ରୱାଲ ଏବଂ ମନୋଜ ପିଙ୍ଗୁଏଙ୍କ ନାମକୁ ନେଇ ଗୁଞ୍ଜରଣ ଉଠିଥିଲା। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ନାମ ସ୍ଥିର ହୋଇ ସାରିଥିଲା। କିନ୍ତୁ ପ୍ରଶ୍ନ ଥିଲା, କେନ୍ଦ୍ର ଫାର୍ମାସ୍ୟୁଟିକାଲ ସଚିବ ଅମିତ ଅଗ୍ରୱାଲଙ୍କୁ ଦିଲ୍ଲୀ ରାଜ୍ୟକୁ ପଠାଇବ ନା ରାଜ୍ୟକୁ ଚୟନ କରିବାକୁ ଛାଡ଼ିବ। ଏହି କାର୍ଯ୍ୟକାଳ ବୃଦ୍ଧି ଯୋଗୁ ଦିଲ୍ଲୀକୁ ଅଧିକ ସମୟ ମିଳିଲା, କିନ୍ତୁ ରାୟପୁରରେ ରାଜନୈତିକ ଉଷ୍ମତା ବଢ଼ିଗଲା। ତେବେ ଜୈନ ଗୋଟିଏ ଦିନରେ ଅବସର ନେବାକୁ ଯାଉଥିବାବେଳେ ନିଯୁକ୍ତି ପାଇଲେ।

Email: dilipcherian@gmail.com

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 3 | | 2 | | 9 | |
| | 3 | | | 1 | | 5 | | 7 |
| | | | 4 | | | | 8 | |
| | 2 | | | 9 | 4 | 6 | | |
| 6 | | | | | | | | |
| 1 | | | | | | 7 | 5 | 8 |
| | | | 5 | | 7 | | | |
| | | 6 | | | | 4 | 2 | |
| 3 | | 2 | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 8 | 1 | 5 | 2 | 7 | 6 | 3 |
| 3 | 6 | 1 | 7 | 8 | 9 | 4 | 2 | 5 |
| 7 | 5 | 2 | 3 | 4 | 6 | 9 | 1 | 8 |
| 8 | 9 | 3 | 2 | 1 | 7 | 5 | 4 | 6 |
| 2 | 7 | 4 | 5 | 6 | 8 | 3 | 9 | 1 |
| 5 | 1 | 6 | 4 | 9 | 3 | 2 | 8 | 7 |
| 4 | 8 | 9 | 6 | 3 | 5 | 1 | 7 | 2 |
| 1 | 2 | 5 | 8 | 7 | 4 | 6 | 3 | 9 |
| 6 | 3 | 7 | 9 | 2 | 1 | 8 | 5 | 4 |

ଗତକାଲିର ଉତ୍ତର

# ସମୟାନୁବର୍ତ୍ତିତାର ମୂଲ୍ୟବୋଧ



ବୈକୁଣ୍ଠନାଥ ମିଶ୍ର

ଘଣ୍ଟା ସମୟ ନିର୍ଦ୍ଧାରଣର ଏକ ମାନକ ଯାହା ହାତଠାରୁ କାନ୍ଥ ପର୍ଯ୍ୟନ୍ତ ସର୍ବତ୍ର ବିରାଜିତ। କିନ୍ତୁ ଅବସୋସ ଏହି ଯେ ଘଣ୍ଟା କେବଳ ଏକ ଶୋଭାବର୍ଦ୍ଧକ ସାମଗ୍ରୀ ରୂପେ ବିବେଚିତ ହୋଇଛି। ମୂଲ୍ୟବାନ ଘଣ୍ଟା ଥାଇ ମଧ୍ୟ ଆମେ ସମୟାନୁବର୍ତ୍ତିତାକୁ ଉପେକ୍ଷା କରି ଆସୁଛୁ। ସମୟାନୁବର୍ତ୍ତିତା ରକ୍ଷା ନ କରିବା ଦାୟିତ୍ୱହୀନତାର ପରିଚାୟକ। କଥାରେ ଅଛି 'ଟାଇମ୍ ଆଣ୍ଡ ଟାଇଡ୍ ଓଏଟ୍ ଫର ନନ୍' ସମୟ ଓ ଜୁଆର କାହାକୁ ଅପେକ୍ଷା କରେନା। ସମୟ ମଣିଷର ଇଚ୍ଛାନୁସାରେ ଗଡେନାହିଁ। ମଣିଷକୁ ସମୟର ଗତି ସହ ତାଳଦେଇ ଚାଲିବାକୁ ହୁଏ। ସମୟାନୁବର୍ତ୍ତିତା ଏକ ମହାନ ଗୁଣ, ଯାହାକୁ ରକ୍ଷା କରିବା ସାମାନ୍ୟ କଷ୍ଟକର ହୋଇପାରେ; ମାତ୍ର ଅସମ୍ଭବ ନୁହେଁ। ଦୁର୍ଭାଗ୍ୟର କଥା ସମୟାନୁବର୍ତ୍ତିତାର ଅନୁପାଳନ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କ ନିକଟରେ ଏକ ବ୍ୟତିକ୍ରମ, ଯାହା ଆକସ୍ମିକ ନୁହେଁ; ବରଂ ଏକ ଅଭ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ।

ରାଜନେତାଙ୍କ କ୍ଷେତ୍ରରେ ସମୟାନୁବର୍ତ୍ତିତା ଗୁରୁତ୍ୱପୂର୍ଣ୍ଣ। କାରଣ ସେମାନେ ଅନ୍ୟମାନଙ୍କର ଆଦର୍ଶ। ଶାସ୍ତ୍ର କହେ ମହାଜନ ଯେନ ଗତଃ ସ ପନ୍ଥାଃ। ପ୍ରାୟତଃ ଦେଖାଯାଏ କୌଣସି ସଭାସ୍ଥଳକୁ ରାଜନେତାଙ୍କର ସମୟସାରଣୀ ସ୍ଥିର ହୋଇଥିଲେ ମଧ୍ୟ ସେମାନେ ବିଳମ୍ବରେ ଉପସ୍ଥିତ ହୁଅନ୍ତି। ଅପେକ୍ଷାରତ ଜନତାଙ୍କ ଧୈର୍ଯ୍ୟଚ୍ୟୁତି ଲକ୍ଷ୍ୟକରି ସେମାନେ କାର୍ଯ୍ୟବ୍ୟସ୍ତତାର ଛଳନା କରନ୍ତି। କଥା କଥାକେ ଗାନ୍ଧିଜୀଙ୍କ ଦୃଷ୍ଟାନ୍ତ ଦେବା, ତାଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେବା ଓ ଅନଶନରେ ବସିବା କିମ୍ବା ତାଙ୍କ ଆଦର୍ଶର ଆନୁଗାମୀ ବୋଲି ଗର୍ଜନ କରୁଥିଲେ ମଧ୍ୟ ତାଙ୍କ ଅନୁସୃତ ସମୟାନୁବର୍ତ୍ତିତା ରକ୍ଷା ନ କରିବା ଗାନ୍ଧିଜୀଙ୍କ ପାଇଁ ଏକ ଅପମାନ ନୁହେଁ କି? ଗାନ୍ଧିଜୀଙ୍କ ମତରେ ଆମେ ଈଶ୍ୱରଙ୍କୁ ଯେପରି ବିଶ୍ୱାସ କରୁ ଓ ପ୍ରେମ କରୁ, ସମୟକୁ ମଧ୍ୟ ଅନୁରୂପ ପ୍ରେମ କରିବା ଉଚିତ। ଉଦାହରଣ ସ୍ୱରୂପ ସ୍ୱାଧୀନତାର ଠିକ୍ ପରବର୍ତ୍ତୀ ଅବସ୍ଥାରେ ଭାରତ ରାଜକୋଷରେ ଥିବା ୨୧୦କୋଟି ଟଙ୍କାରୁ ପାକିସ୍ତାନ ୫୫କୋଟି ପାଇବାର ଚୁକ୍ତି ହୋଇଥିଲା। ମାତ୍ର ଏହି ଅର୍ଥ ପ୍ରଦାନରେ ସାମାନ୍ୟ ବିଳମ୍ବ ଘଟିବାରୁ ଗାନ୍ଧିଜୀ ଅନଶନ ଆରମ୍ଭ କରିଦେଲେ। ଫଳରେ ପାକିସ୍ତାନକୁ ତତ୍‌କ୍ଷଣାତ୍ ଏହି ଟଙ୍କା ପ୍ରଦାନ କରାଯାଇଥିଲା।

ମଧୁବାବୁଙ୍କ ଓକିଲାତି ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଫାଶୀ ଦଣ୍ଡାଦେଶ ପାଇଥିବା ଜଣେ ବ୍ୟକ୍ତିକୁ ଫାଶୀ ଦେବାର ମାତ୍ର ଏକ ମିନିଟ୍ ବିଳମ୍ବ



ଘଟିବାରୁ ମଧୁବାବୁ ଏହାକୁ ବିରୋଧ କରିଥିଲେ। ଫଳରେ ଲୋକଟି ଫାଶୀରୁ ବଞ୍ଚିଗଲା। କିନ୍ତୁ ଇଂରେଜ ବିଚାରପତି ଲଜ୍ଜିତ ହେଲେ ଓ ଚାକିରି ହରାଇଲେ। ମନ୍ତ୍ରୀ, ନେତା ଓ ପ୍ରଶାସନିକ ଅଧିକାରୀ- ସମସ୍ତେ ସମୟର ମୂଲ୍ୟ ବୁଝିଥିଲେ ମଧ୍ୟ ସମୟାନୁବର୍ତ୍ତିତା ପ୍ରତି ଘୋର ଉଦାସୀନ, ଯାହାର ପ୍ରଭାବ ସିଧାସଳଖ ସାଧାରଣ ଜନତାଙ୍କ ଉପରେ ପଡ଼େ। ସରକାରୀ କାର୍ଯ୍ୟାଳୟ ଖୋଲିବା ସମୟ ପୂର୍ବାହ୍ନ ୧୦ଟା ସ୍ଥିରୀକୃତ ହୋଇଥିଲେ ମଧ୍ୟ ପ୍ରାୟତଃ ଏହା ୧୧ଟା ପରେ ଆରମ୍ଭ ହୁଏ। ସରକାରୀ କର୍ମଚାରୀଙ୍କ ସମୟାନୁବର୍ତ୍ତିତାକୁ ନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ନିକଟରେ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ବାୟୋମେଟ୍ରିକ ଉପସ୍ଥାପନ ବ୍ୟବସ୍ଥା ସମସ୍ତ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ସମସ୍ତ ସରକାରୀ ଅଧିକାରୀ ତଥା କର୍ମଚାରୀ ଯଥା ସମୟରେ କାର୍ଯ୍ୟରେ ଯୋଗଦେବେ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟାଳୟ ଛାଡ଼ି ପାରିବେ ନାହିଁ।

ସରକାରୀ ବାବୁମାନେ ସମୟାନୁବର୍ତ୍ତିତା ରକ୍ଷା ନ କରିବା ଏକ ପୁରୁଣା ସମସ୍ୟା। ଥରେ ଜଣେ ପ୍ରଧାନ ଶିକ୍ଷକ ବିଭାଗୀୟ ମୁଖ୍ୟାଳୟକୁ ବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଯାଇଥିଲେ। ମୁଖ୍ୟାଳୟର ସମ୍ପୃକ୍ତ ବରିଷ୍ଠ ସହାୟକଙ୍କୁ ଅପେକ୍ଷା କରି ବିବ୍ରତ ହୋଇପଡ଼ିଲେ। ପ୍ରାୟ ସାଢେ ୧୧ଟା ସୁଦ୍ଧା ବାବୁ ଜଣକ ଅଫିସ ଆସିବା ପରେ ପ୍ରଧାନ ଶିକ୍ଷକ କହିଲେ ଆପଣମାନେ ଯଦି ଏପରି ବିଳମ୍ବ କରନ୍ତି ତେବେ ଲୋକଙ୍କ ସମସ୍ୟା କିପରି ବୁଝିବେ ? ବାବୁ ଜଣକ ଉତ୍ତର ଦେଲେ ଆଜ୍ଞା ଆପଣ ମାଷ୍ଟର ଲୋକ। ଆପଣ ଯଥା ସମୟରେ ନ ଗଲେ ପିଲାମାନେ ନିଜ ଭିତରେ କଳି ଝଗଡ଼ା ମାରପିଟ କରିବେ। କିନ୍ତୁ ଆମେ ନ ଆସିଲେ ଆମ ଫାଇଲଗୁଡା ତ କଥା କହିବେ ନାହିଁ। ଏଇ ହେଉଛି ଆପଣ ଓ ଆମ ଭିତରେ ପାର୍ଥକ୍ୟ। ଆପଣ ଏଣିକି ଅଫିସକୁ ୧୨ଟା ପରେ ଆସନ୍ତୁ। ଚିନ୍ତା କରାଯାଉ ଏହା କିପରି ମାନସିକତା।

ସମୟାନୁବର୍ତ୍ତିତା ରକ୍ଷା ନ କରି ବିଶିଷ୍ଟ ବ୍ୟକ୍ତମାନେ କିପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତା'ର ଦୁଇଟି ଦୃଷ୍ଟାନ୍ତ ଏଠାରେ ପ୍ରାସଙ୍ଗିକ ମନେହୁଏ। ଚାରିବର୍ଷ ତଳର କଥା। ଦିଲ୍ଲୀ ବିମାନବନ୍ଦରରେ ଜଣେ କେନ୍ଦ୍ରମନ୍ତ୍ରୀ ବିମାନ ଯୋଗେ ବିଦେଶ ଯିବାର ଥିଲା। ନିର୍ଦ୍ଧାରିତ ସମୟର ୧୫ମିନିଟ ପରେ ମନ୍ତ୍ରୀ ବିମାନ ବନ୍ଦରରେ ପହଞ୍ଚିଲେ। ମନ୍ତ୍ରୀ ବିମାନ ଆରୋହଣ କରିବାକ୍ଷଣି ଯାତ୍ରୀମାନେ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏପରି ମନ୍ତବ୍ୟ ଦେଲେ ଯେ ମନ୍ତ୍ରୀ ଭାବିଲେ ବରଂ ନ ଆସିଥିଲେ ଭଲ ହୋଇଥାନ୍ତା। ଅନନ୍ୟୋପାୟ ହୋଇ ମନ୍ତ୍ରୀ ଉଚ୍ଚସ୍ୱରରେ 'ସରି' କହିବାରୁ ପରିସ୍ଥିତି ଶାନ୍ତ ପଡ଼ିଲା। ୨୦୧୫ ଡିସେମ୍ବର ୨୨ରେ କେରଳର ତତ୍କାଳୀନ ରାଜ୍ୟପାଳ ସି.ସଦାଶିବମ୍ କୋଚିରୁ ଥିରୁଭାନନ୍ତପୁରମ୍ ଯିବା ପାଇଁ ରାତି ୧୧ଟା ୩୪ ମିନିଟ୍‌ରେ ବିମାନ ବନ୍ଦରରେ ପହଞ୍ଚିଲେ। ହେଲେ ୪ମିନିଟ୍ ପୂର୍ବରୁ ବିମାନଟା ଉଡାଣ କରିସାରିଥିଲା। ପାଇଲଟ୍ ରାଜ୍ୟପାଳଙ୍କ ଗସ୍ତ ସମ୍ବନ୍ଧରେ ଅବଗତ ଥିଲେ ଏବଂ ଉଡାଣ ବିଳମ୍ବ କରିବାକୁ ତାଙ୍କ ଉପରେ ଚାପ ପଡ଼ିଥିଲେ ମଧ୍ୟ ସେ ସମୟାନୁବର୍ତ୍ତିତା ରକ୍ଷାକରି ରାଜ୍ୟପାଳଙ୍କ ଆଗମନକୁ ଉପେକ୍ଷା କରିଥିଲେ। ରାଜ୍ୟପାଳଙ୍କ ପରି ଜଣେ ଗୁରୁତ୍ୱପୂର୍ଣ୍ଣ ବକ୍ତିବିଶେଷଙ୍କୁ ଲଜ୍ଜାକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା।

ସରକାରଙ୍କ କୌଣସି ଘଟଣାର ତଦନ୍ତ ନିର୍ଦ୍ଦେଶ ଆଦୌ ଯଥା ସମୟରେ କାର୍ଯ୍ୟକାରୀ ହୋଇପାରେନା। ତଦନ୍ତ ରିପୋର୍ଟକୁ ଅପେକ୍ଷା କରି ଜନସାଧାରଣ ନିରାଶ ହୁଅନ୍ତି । ବିଚାରାଳୟରେ କୌଣସି ମକଦ୍ଦମାର ଯଥା ସମୟରେ ବିଚାର ନ ହୋଇ ପଡିରହେ। ବହୁ ବିଳମ୍ବରେ ରାୟ ପ୍ରକାଶ ପାଏ। ଅନେକ କ୍ଷେତ୍ରରେ ଆବେଦନକାରୀର ଜୀବନ କାଳ ମଧ୍ୟରେ ନ୍ୟାୟ ମିଳିପାରେନା। ସରକାରୀ ନିର୍ମାଣ କାର୍ଯ୍ୟ ଯଥା ସମୟରେ ସରି ନ ପାରିବାରୁ ବ୍ୟୟ ଭାର ମୂଳ ଅଟକଳଠାରୁ ବହୁଗୁଣା ବଢ଼ିଯାଏ। ବିଦ୍ୟାଳୟର ଶିକ୍ଷାବର୍ଷ ଆରମ୍ଭର ବହୁଦିନ ପରେ ମଧ୍ୟ ସରକାର ପାଠ୍ୟପୁସ୍ତକ ଯୋଗାଇ ପାରନ୍ତି ନାହିଁ। ଫଳରେ ଅଧ୍ୟୟନରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୁଏ।

ବର୍ତ୍ତମାନ ଯୁବବର୍ଗ ସମୟକୁ ଅଣଦେଖା କରିବା ସତେଯେମିତି ନିୟମରେ ପରିଣତ ହେଲାଣି। ଆଜିର ମଣିଷ ପାଖରେ ସମୟ ନାହିଁ। ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର ଓ ଅନ୍ୟାନ୍ୟ ସମସ୍ତ ପ୍ରାକୃତିକ ତତ୍ତ୍ୱ ତାଙ୍କ ସମୟାନୁବର୍ତ୍ତିତା ରକ୍ଷାକରି ଏ ଜୀବଜଗତର ଅଶେଷ କଲ୍ୟାଣ ସାଧନ କରୁଛନ୍ତି ଓ ମଣିଷର ପ୍ରତିକୂଳ ଆଚରଣ ସତ୍ତ୍ୱେ ସେମାନେ ସେମାନଙ୍କ କର୍ତ୍ତବ୍ୟ କରିଚାଲିଛନ୍ତି ସେତେବେଳେ ମଣିଷ ସେମାନଙ୍କଠାରୁ ସମୟାନୁବର୍ତ୍ତିତା ରକ୍ଷା କରି ମହାନ ମୂଲ୍ୟବୋଧକୁ ଆହରଣ ନ କରିବା ଏକ ବିଡମ୍ବନା। ମଣିଷ ଯେଉଁଦିନ ସମୟାନୁବର୍ତ୍ତିତାର କାର୍ଯ୍ୟଧାରାରେ ଅନୁପ୍ରାଣିତ ହେବ ସେଦିନ ତା'ର ଅନେକ ସମସ୍ୟା ସମାଧାନ ହୋଇଯିବ। ସମୟାନୁବର୍ତ୍ତିତା ଏକ ମହାନ ମୂଲ୍ୟବୋଧ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ଛୋଟ ଦେଶରୁ ବଡ଼ ବାର୍ତ୍ତା



ଲଳିତେନ୍ଦୁ ପଲାଉରୀ

ନିକଟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରାଚ୍ୟ ତଥା ଦକ୍ଷିଣ-ପୂର୍ବ ୟୁରୋପ ସଂଲଗ୍ନ ଦ୍ୱୀପଦେଶ ସାଇପ୍ରସ୍, ଉତ୍ତର ଆମେରିକାନ ଦେଶ କାନାଡା ଓ କେନ୍ଦ୍ରୀୟ ତଥା ଦକ୍ଷିଣ-ପୂର୍ବ ୟୁରୋପୀୟ ଦେଶ କ୍ରୋଏସିଆ ଗସ୍ତ କରିଥିଲେ। ସାଇପ୍ରସ୍ ପକ୍ଷରୁ ମୋଦିଙ୍କୁ ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଅର୍ଡର ଅଫ୍ ମାକାରିଓସ -୩' ପ୍ରଦାନ କରାଯାଇଛି। ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୋଲିଡସ ନିଜେ ବିମାନ ବନ୍ଦର ଆସି ମୋଦିଙ୍କୁ ପାଛୋଟି ନେଇଥିଲେ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ-ସାଇପ୍ରସ୍ କାନ୍ଧକୁ କାନ୍ଧ ମିଳାଇ କାମ କରୁଛନ୍ତି। ସାଇପ୍ରସ କଶ୍ମୀର ପ୍ରସଙ୍ଗରେ ଭାରତକୁ ସବୁବେଳେ ସମର୍ଥନ କରିଛି। ଏହାସହ ଭାରତ-ୟୁରୋପୀୟ ସଂଘ ସମ୍ପର୍କ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ବିକାଶ ପାଇଁ ସାଇପ୍ରସ୍ ସହ ଭାରତର ସମ୍ପର୍କ ଜରୁରୀ ବୋଲି ମନେକରାଯାଉଛି। ବଡ଼ କଥା ହେଉଛି ସାଇପ୍ରସ୍-ତୁର୍କୀ ବିବାଦ ଭିତରେ ସାଇପ୍ରସ୍‌ର ପୁନଃ ଏକତ୍ରୀକରଣ ପାଇଁ ଭାରତ ସାଇପ୍ରସ୍‌କୁ ସାହସ ଦେଇଛି। ଭାରତ-ସାଇପ୍ରସ୍ ବାଣିଜ୍ୟ କାରବାର ୧୫୦ ନିୟୁତ ଡଲାର ରହିଛି। ପରସ୍ପରର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ନେଇ ସହମତ ପ୍ରକାଶ ପାଇଛି।

ସାଇପ୍ରସ୍ ଗସ୍ତରେ ମୋଦି ହେଉଛନ୍ତି ତୃତୀୟ ଭାରତୀୟ ପ୍ରଧାନମନ୍ତ୍ରୀ। ପୂର୍ବରୁ ୧୯୮୩ରେ ଇନ୍ଦିରା ଗାନ୍ଧୀ, ୨୦୦୨ରେ ଅଟଳ ବିହାରୀ ବାଜପେୟୀ ସାଇପ୍ରସ୍ ଗସ୍ତ କରିଥିଲେ। ସେଠାରେ ଭାରତୀୟଙ୍କ ସଂଖ୍ୟା ପ୍ରାୟ ୧୨ହଜାର। ତେବେ ସାଇପ୍ରସ୍-ଭାରତ ଦ୍ୱିପାକ୍ଷିକ ଆଲୋଚନାରେ ପ୍ରମୁଖ ଥିଲା ସାଇପ୍ରସ୍-ତୁର୍କୀ ବିବାଦ। ଅପରେଶନ ସିନ୍ଦୂର ବେଳେ ପାକିସ୍ତାନକୁ ତୁର୍କୀର ସହଯୋଗ ରହିଥିଲା। ତୁର୍କୀ ଉତ୍ତର ସାଇପ୍ରସ୍‌କୁ କବ୍‌ଜା କରିଥିବାବେଳେ ସାଇପ୍ରସ୍ ଏହାକୁ ତା'ର ମୂଳଭୂଖଣ୍ଡ ସହ ଯୋଡ଼ିବା ପାଇଁ ଭାରତର ସହାୟତା ଲୋଡ଼ିଛି। ୧୯୭୪ରେ ସାଇପ୍ରସ୍ ଉପରେ ତୁର୍କୀର ଆକ୍ରମଣ ପରେ ଏହି ବିଭାଜନ ବିବାଦର କାରଣ ହୋଇଛି। ତୁର୍କୀ ଲଗାତର କଶ୍ମୀର ପ୍ରସଙ୍ଗରେ ପାକିସ୍ତାନକୁ ସମର୍ଥନ ଓ ଭାରତ ବିରୋଧରେ ପାକିସ୍ତାନକୁ ସହଯୋଗ କରୁଥିବା ବେଳେ ସାଇପ୍ରସ୍‌ର ପୁନଃ ଏକତ୍ରୀକରଣକୁ ଭାରତ ପୂର୍ଣ୍ଣ ସମର୍ଥନ ଦେଇଛି। ତେଣୁ ଭାରତ-ସାଇପ୍ରସ୍ ସୁସମ୍ପର୍କ ତୁର୍କୀ ପାଇଁ କଡ଼ା ବାର୍ତ୍ତା ହୋଇଛି। ଏହାସହ ସାଇପ୍ରସ୍ ୟୁରୋପୀୟ ସଂଘର ସଦସ୍ୟ ରହିଥିବା ବେଳେ ଭାରତ ପାଇଁ ୟୁରୋପକୁ ପ୍ରବେଶ ପଥ ହେଉଛି ସାଇପ୍ରସ୍। ତେଣୁ ଛୋଟ ଦେଶ ହେଲେ ମଧ୍ୟ ଏହା ଭାରତ ପାଇଁ ଗୁରୁତ୍ୱବହନ କରୁଛି।

ସାଇପ୍ରସ୍ ଗସ୍ତ ସାରି ପ୍ରଧାନମନ୍ତ୍ରୀ ୫୧ତମ ଜି-୭ ବୈଠକରେ ଯୋଗଦେବାକୁ କାନାଡାର କାନାନାସ୍କିସ୍ ସହର ଗସ୍ତ କରିଥିଲେ। ସେ କାନାଡାର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ନିମନ୍ତ୍ରଣ ରକ୍ଷାକରି ଏହି ଶିଖର ସମ୍ମିଳନୀରେ ଭାଗ ନେଇଥିଲେ । ଭାରତ ଅତିଥି ରାଷ୍ଟ୍ରଭାବେ ଜି-୭ ବୈଠକରେ ଲଗାତର ୬ ଥର ଯୋଗଦେଇ ନିଜର ଆଭିମୁଖ୍ୟ ବିଶ୍ୱ ଆଗରେ ଉପସ୍ଥାପନ କରିଆସୁଛି।



ବଡ଼ କଥା ହେଉଛି ଖଲିସ୍ତାନୀ ଆତଙ୍କବାଦୀ ପ୍ରସଙ୍ଗରେ କାନାଡାର ପୂର୍ବ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଶାସନ ସମୟ ଓ ବିଶେଷକରି ୨୦୨୪ରୁ ଭାରତ- କାନାଡା କୂଟନୈତିକ ତିକ୍ତତା ନିମ୍ନସ୍ତରରେ ରହିଛି । କାର୍ନି କାନାଡାର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ପୁନଃ ସ୍ଥାପନକୁ ଗୁରୁତ୍ୱ ଦେଇଛନ୍ତି। ୨୦୨୩ରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟା ପରେ ଭାରତ-କାନାଡା କୂଟନୈତିକ ସମ୍ପର୍କ ଖରାପ ହେଇଥିଲା। ଏହାସହ ଜି-୭ ସାଇଡ୍ ଲାଇନ ବୈଠକରେ ଟ୍ରମ୍ପ -ମୋଦିଙ୍କ ସାକ୍ଷାତ ଆଲୋଚନା କାର୍ଯ୍ୟସୂଚୀ ଥିବା ବେଳେ ଇସ୍ରାଏଲ-ଇରାନ ଯୁଦ୍ଧ ସ୍ଥିତିକୁ ଦେଖି ଜି ୭ ବୈଠକ ଛାଡ଼ି ଅଧାରୁ ୱାଶିଂଟନ ଚାଲିଯାଇଥିଲେ ଟ୍ରମ୍ପ। ତେଣୁ ଟ୍ରମ୍ପଙ୍କୁ ଟେଲିଫୋନ କରି ଭାରତର ଅପରେଶନ ସିନ୍ଦୂରର ସମ୍ପୂର୍ଣ୍ଣ ଆଭିମୁଖ୍ୟ ମୋଦି ଅବଗତ କରିଥିଲେ। ଭାରତର ଆତଙ୍କବାଦ ବିରୋଧୀ କାର୍ଯ୍ୟକୁ ସମର୍ଥନ କରିଥିଲେ ଟ୍ରମ୍ପ। ଏହାସହ ମୋଦି ଆଗାମୀ କ୍ୱାଡ୍ ବୈଠକରେ ଯୋଗଦେବାକୁ ଟ୍ରମ୍ପଙ୍କୁ ଭାରତ ନିମନ୍ତ୍ରଣ କରିଛନ୍ତି। ମୋଦି ମଧ୍ୟ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ୟୁରୋପୀୟ କମିଶନର ସଭାପତି ଉରସୁଲ ଭନ୍ ଡେର ଲେୟନଙ୍କ ସମେତ ବିଶ୍ୱର ଅନ୍ୟ ନେତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

କାନାଡା ଗସ୍ତ ଶେଷ ପରେ ମୋଦି ୟୁରୋପୀୟ ଦେଶ କ୍ରୋଏସିଆ ରାଜଧାନୀ ଜାଗ୍ରେବରେ ପହଞ୍ଚିଥିଲେ। କ୍ରୋଏସିଆକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ଥିଲା ପ୍ରଥମ ଗସ୍ତ। ୩୮ଲକ୍ଷ ଜନସଂଖ୍ୟା ବିଶିଷ୍ଟ କ୍ରୋଏସିଆର ପ୍ରଧାନମନ୍ତ୍ରୀ ଆନ୍ଦ୍ରେଜ ପ୍ଲେଙ୍କୋବିକ୍‌ଙ୍କ ସହ ଆଲୋଚନା କରିଥିଲେ। ୟୁଗୋସ୍ଲାଭିଆଠାରୁ ୧୯୯୧ରେ ଅଲଗା ହୋଇ ସ୍ୱାଧୀନ ତଥା ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲା କ୍ରୋଏସିଆ। ଆଡ୍ରିଆଟିକ୍ ସାଗର ତଟଦେଶରେ ଅବସ୍ଥିତ କ୍ରୋଏସିଆ ହେଉଛି ୧୨ ଶହ ଦ୍ୱୀପର ସମାହାର। ଇଟାଲୀ ସହ ସାମୁଦ୍ରିକ ସୀମା ସଂଲଗ୍ନ ଏହି କ୍ଷୁଦ୍ର ଦେଶ ବିଶ୍ୱ ଐତିହ୍ୟ ଦୃଶ୍ୟପଟରେ ୧୦ଟି ପର୍ଯ୍ୟଟନ ସ୍ଥଳକୁ ସ୍ଥାନ ଦେଇଛି। ବିଶ୍ୱର ସବୁଠାରୁ ଛୋଟ ସହର ହୁମ କ୍ରୋଏସିଆରେ ଅବସ୍ଥିତ। ଏହା ସହ ଆଧୁନିକ ଟାଏର ଜନକ ହେଉଛି କ୍ରୋଏସିଆ। ଅର୍ଥାତ୍ କ୍ରାବଟ ନାମକ ଟାଏ ପ୍ରଥମେ କ୍ରୋଏସିଆର ସୈନିକମାନେ ପିନ୍ଧୁଥିବା ବେଳେ ଏହା ପରେ ଆଧୁନିକ ଟାଏରେ ରୂପାନ୍ତର ହୋଇଥିଲା। ବଡ଼ କଥା ହେଉଛି ଭାରତ ୟୁରୋପୀୟ ସଂଘ ଓ ବିଶ୍ୱ ମଞ୍ଚରେ ସମ୍ପର୍କ ମଜଭୁତ ପାଇଁ କ୍ରୋଏସିଆ ସହ ସମ୍ପର୍କ ଜରୁରୀ। ଏହାସହ ଜଳପଥ ସହଯୋଗ ,ସାଂସ୍କୃତିକ ଆଦାନପ୍ରଦାନ ପାଇଁ କ୍ରୋଏସିଆ ଭଳି ଛୋଟ ଗଣତାନ୍ତ୍ରିକ ଦେଶ ସହ ଭାରତ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ ବିଶେଷ ଆବଶ୍ୟକତା ବହନ କରୁଛି। ଆତଙ୍କବାଦ ବିରୋଧରେ ଭାରତର ପ୍ରତିଜ୍ଞାବଦ୍ଧ ଲଢ଼େଇ, ଜାତିସଂଘର ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ପ୍ରୟାସ କ୍ଷେତ୍ରରେ ବିଶ୍ୱର ଏହି ଛୋଟ ଛୋଟ ଦେଶଙ୍କ ସହ ଭାରତର ମଧୁର ସମ୍ପର୍କ ମଧ୍ୟ ଅନିବାର୍ଯ୍ୟ।

ବାଲିପନ୍ତାଳ, ନଗର,ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୪୬

## ଏଇ ଭାରତରେ

ହିମାଚଳପ୍ରଦେଶର ରିଭା ସୁଦ୍ ରସାୟନମୁକ୍ତ କୃଷିରେ ୧ କୋଟି ଟଙ୍କାର ବ୍ୟବସାୟିକ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଛନ୍ତି। ରିଭା ୭୦ ଏକର ଜମିରେ ଡ୍ରାଗନଫ୍ରୁଟ୍ସ ଚାଷ କରୁଛନ୍ତି। ସେ ଏହାକୁ ସ୍ଥାନୀୟ ଅଞ୍ଚଳରେ କେ.ଜି. ପ୍ରତି ୨୦୦ ଟଙ୍କାରେ ବିକ୍ରି କରିବା ସହ ସେଥିରୁ ଜୁସ୍ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସେ ଫାର୍ମର୍ସ ପ୍ରଡ୍ୟୁସର୍ ଅର୍ଗାନାଇଜେଶନ(ଏଫ୍‌ପିଓ) 'ହିମ୍ ଟୁ ହମ୍' ପ୍ରତିଷ୍ଠା କରିଛନ୍ତି। ଏହି ସଂସ୍ଥା ସହ ସେ ହିମାଚଳପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରାଖଣ୍ଡ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଚାଷୀଙ୍କୁ ସାମିଲ କରିଛନ୍ତି। ସେମାନେ ମଧ୍ୟ ଡ୍ରାଗନଫ୍ରୁଟ୍ସ ଚାଷ, ପ୍ରୋସେସିଂ ଓ ବ୍ୟବସାୟରେ ରିଭାଙ୍କୁ ସାହାଯ୍ୟ କରୁଛନ୍ତି। ଏହା ବ୍ୟତୀତ ଅଶ୍ୱଗନ୍ଧା ଓ ଶଜନା ଚାଷ କରି ସେଥିରୁ ଉତ୍ପାଦ ପ୍ରସ୍ତୁତ କରି ରିଭାଙ୍କ ସଂସ୍ଥା ମାଧ୍ୟମରେ ବିକ୍ରି କରି ଅଧିକ ଲାଭ ପାଉଛନ୍ତି। ରିଭାଙ୍କ ବୟସ ଏବେ ୬୭। ତାଙ୍କ ସ୍ୱାମୀ ଜଣେ ଡାକ୍ତର ଏବଂ ସେ କ୍ୟାନସରରେ ପୀଡ଼ିତ । ଏହି ରୋଗର ମୂଳ କାରଣ କେମିକାଲଯୁକ୍ତ ଖାଦ୍ୟ ଜାଣିବା ପରେ ରିଭା ଗାଁକୁ ଫେରି କେମିକାଲମୁକ୍ତ ଚାଷ ଆରମ୍ଭ କରିଥିଲେ। ସେ ଥାଇଲାଣ୍ଡ ଓ ତାଇୱାନରୁ ପ୍ରଥମେ ୨୦୦୦ ଡ୍ରାଗନଫ୍ରୁଟ୍ସ ଚାରା ଆଣି ୫ ଏକରରେ ଲଗାଇଥିଲେ। ପରେ ଚାଷକୁ ୭୦ ଏକରକୁ ବଢ଼ାଇଛନ୍ତି ଓ ଏବେ ଫାର୍ମରେ ୩୦,୦୦୦ ଗଛ ଅଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଜୁଲାଇ ୧୯୭୬

- ପଶ୍ଚିମବଙ୍ଗ ମନ୍ତ୍ରିମଣ୍ଡଳର ଏକ ବିଶେଷ ବୈଠକରେ ସମ୍ବିଧାନ ସଂଶୋଧନ ସଂକ୍ରାନ୍ତୀୟ ସ୍ୱରଣ ସିଂହ କମିଟିର ସୁପାରିଶଗୁଡ଼ିକ ଗୃହୀତ କରାଯାଇଛି।
- ଦୁଇ ଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ଉନ୍ନତି ବିଧାନ ପାଇଁ କୁଆଲାଲମପୁରଠାରେ ପ୍ରଥମ କରି ମାଲୟେସିଆ-ଭାରତ ମୈତ୍ରୀ ସଂସଦ ଗଠିତ।

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ଦର ନିୟନ୍ତ୍ରଣ ହେଉ

ମହାଶୟ,
ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳର ରତ୍ନସିଂହାସନ, ଷାଠିଏ ପଉଟି ଭୋଗ ଓ ଆନନ୍ଦ ବଜାର ହେଉଛି ରାଜକୀୟ ତଥା ସାମନ୍ତପଣିଆର ପରିଚାୟକ। ଶ୍ରୀମନ୍ଦିର ସମ୍ମୁଖରେ ଇଲେକ୍ଟ୍ରୋନିକ୍ ବୋର୍ଡରେ ଶ୍ରୀମନ୍ଦିର ପ୍ରଶାସନ ପର୍ଯ୍ୟଟକଙ୍କୁ ନୀତି ସମ୍ବନ୍ଧରେ ଧାରଣା ଦେଉଛି। କିନ୍ତୁ ଗଣମାଧ୍ୟମରେ ବାରମ୍ବାର ଅଭିଯୋଗ ପ୍ରକାଶ ପାଇଲେ ମଧ୍ୟ ଅଦ୍ୟାବଧି ଶ୍ରୀମନ୍ଦିର ଆନନ୍ଦ ବଜାରରେ ମହାପ୍ରସାଦ ଦରର ସ୍ଥାୟୀ ରେଟ୍ ଚାର୍ଟ ବୋର୍ଡ ଲଗାଯାଉ ନାହିଁ। ମନ୍ଦିର ପରିସର (ଆନନ୍ଦବଜାର)ରେ ସୂପକାର ସୁଆରଙ୍କର ମାତ୍ରାଧିକ ଦୌରାତ୍ମ୍ୟ ଯୋଗୁ ମହାପ୍ରସାଦ(ଅବଢ଼ା)ର ଅହେତୁକ ମୂଲ୍ୟ ବୃଦ୍ଧି ଗତ କିଛି ମାସ ଧରି ଆଲୋଚନାର ବିଷୟ ହୋଇଛି। ଅନ୍ନ, ମିଠାଡାଲି, ଡାଲମା, ବେସର, ମହୁର, ଖଟା, ସାଗ, ସାଲାଡ, ଖିରି, ଶୁଖିଲା ଭୋଗ ଇତ୍ୟାଦିର ରେଟ୍‌ଚାର୍ଟ ପ୍ରତିଦିନ ମନ୍ଦିର ପ୍ରଶାସନ ତରଫରୁ ଲେଖାଯାଉନାହିଁ କି ନୂତନ ଇଲେକ୍ଟ୍ରୋନିକ୍ ବୋର୍ଡରେ ଦର୍ଶାଯାଉ ନାହିଁ। ଶ୍ରୀମନ୍ଦିରରେ ମହାପ୍ରସାଦ ଦର ନିୟନ୍ତ୍ରଣ ଓ ମାନରକ୍ଷା ଉପରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଆଶାକରେ ପ୍ରଶାସନ ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବେ।

-ଦେବତିକ୍ତ ମିଶ୍ର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ପ୍ରିୟ ଯାହା ତହିଁରୁ ତ ନ ହୁଏ ବିଚ୍ଛେଦ,
କିପାଇଁ ବିଷାଦ ମୋର କାହିଁପାଇଁ ଖେଦ !
ଏହି ଚିତ୍ରୋତ୍ପଳା ପରି
ଯାଆନ୍ତି ହେଲେ ପାସୋରି
ଜୀବନର ଆବେଗରେ ସବୁ ବାଦଭେଦ ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ହାଇଡ୍ରୋଜେନ ପେରୋକ୍ସାଇଡ ଡ୍ରମ ଫାଟିଲା

ଭଞ୍ଜନଗର,(ବାବୁଲା ପ୍ରଧାନ): ଭଞ୍ଜନଗର ଜାମପଲ୍ଲୀ ରାସ୍ତାର ଏକ ଫାର୍ମରେ ଥିବା ଏକ ହାଇଡ୍ରୋଜେନ ପେରୋକସାଇଡ଼ ଡ୍ରମ ମାତ୍ରାଧିକ ଗ୍ୟାସ ହୋଇ ଗୁରୁବାର ଫାଟିଯାଇଥିଲା। ଯାହାକୁ ନେଇ ସଂପୃକ୍ତ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିଲେ। କିଛି ଲୋକ ଗ୍ୟାସ ପାଇଁ ଅଣନିଃଶ୍ୱାସୀ ଅନୁଭବ କରିଥିଲେ। ଏହାପରେ ଦମକଳ ବାହାନି ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ବେଆଇନ ଭାବେ ସେହି ସ୍ଥାନରେ ପ୍ରାୟ ଏକ ହଜାର ଲିଟର ଲିକ୍ୟୁଇଡି ରହିଥିଲା।



# ଚାରାରୋପଣରେ ବିଭାଗର ଅବହେଳା ଅଭିଯୋଗ

ଗଞ୍ଜାମ,୧୧।୭(ବିଦ୍ୟାଧର ସାହୁ) ରମ୍ଭା ବନ୍ୟପ୍ରାଣୀ ଓ ବନାଞ୍ଚଳ କାର୍ଯ୍ୟାଳୟ କିମ୍ବା ଖଲ୍ଲିକୋଟ ବନ ବିଭାଗ ପକ୍ଷରୁ ବର୍ଷା ଋତୁ ଆରମ୍ଭ ହୋଇସାରିଥିଲେ ମଧ୍ୟ ଏଯାଏ କୌଣସି ସ୍ଥାନରେ ଚାରାରୋପଣ କରାଯାଇନାହିଁ। ପ୍ରତିବର୍ଷ ବନବିଭାଗ, ବନାଞ୍ଚଳ ପକ୍ଷରୁ ଚାରାରୋପଣ ଓ ଚାରା ବଣ୍ଟନ ପାଇଁ ଯେଉଁ ତତ୍ପରତା ଦେଖିବାକୁ ମିଳୁଥିଲା ଚଳିତବର୍ଷ ତାହା ଦେଖିବାକୁ ମିଳୁନି। ଏ ବାବଦରେ ଲକ୍ଷ ଲକ୍ଷ ଚାରା ରୋପଣ ଓ ବଣ୍ଟନ ନେଇ କେବଳ କାଗଜ କଲମରେ ସୀମିତ ରହୁଥିବା ପରିବେଶବିତମାନେ ଅଭିଯୋଗ କରିଛନ୍ତି। ଆସୁଥିବା ଅନୁଦାନ ମଧ୍ୟ ଆତ୍ମସାତ କରାଯାଉଛି। କଲ୍ୟାଣପୁରଠାରେ ପୂର୍ବରୁ ଲଗାଯାଇଥିବା ଗଛଗୁଡିକର ରକ୍ଷଣବେକ୍ଷଣ କରାଯାଉନାହିଁ। ସେହିପରି ରମ୍ଭା ଅଞ୍ଚଳରେ ବିଭାଗ ପକ୍ଷରୁ ଚିଲିକା କୂଳ ପାହାଡ଼ ପାଦ ଦେଶରେ ଏକ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ଏହି ଜଙ୍ଗଲ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ବନବିଭାଗର ଅବହେଳା ପରିବେଶ ପାଇଁ କ୍ଷତି ପହଞ୍ଚାଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି। ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଆର୍‌ଏସ୍‌ଏସ୍ ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ

ଆସିକା,୧୧।୭(ସୁରେନ୍ଦ୍ର ନାଥ ସାହୁ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆସିକା ନଗର ଶାଖା ପକ୍ଷରୁ ଗୁରୁବାର ସ୍ଥାନୀୟ ସତ୍ୟନାରାୟଣ ମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଆସିକା ବିଧାୟକ ସରୋଜ କୁମାର ପାଢୀ, ବିଶାଖାପାଟଣାର ବରିଷ୍ଠ ସାମାଜିକ କର୍ମୀ ଭିଟଲ ପ୍ରସାଦ ରାଓ ମୁଖ୍ୟ ଅତିଥି, ପୂର୍ବ ପ୍ରାନ୍ତ ମହାବିଦ୍ୟାଳୟ ପ୍ରମୁଖ ମନୋରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଏବଂ ଘୁମୁସର ଜିଲ୍ଲା ସହ ଜିଲା ସଂଘ ଚାଳକ ବିଶ୍ୱନାଥ ସେଠୀ, ବିଭାଗ ପ୍ରଚାରକ ବିଜୟ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନଗର କାର୍ଯ୍ୟବାହ ଶ୍ରୀନିବାସ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ଏବଂ ସମାଜକୁ ଶୃଙ୍ଖଳିତ ଭାବେ ଚଲାଇବା ଲାଗି ଏହାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତିଷ୍ଠାର ଶତବାର୍ଷିକ ଉତ୍ସବ ଚଳିତବର୍ଷ ବିଜୟାଦଶମୀ ଠାରୁ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା।



କାର୍ଯ୍ୟକ୍ରମରେ ସ୍ୱୟଂସେବକ ଓ ଅନ୍ୟମାନେ।

କାର୍ଯକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗ ସମ୍ପର୍କ ପ୍ରମୁଖ ସୁନିଲ କୁମାର ଗୌଡ, ଆସିକା ଖଣ୍ଡ ପ୍ରଚାରକ ମାର୍କଣ୍ଡ ନାୟକ, ଜିଲ୍ଲା ପ୍ରଚାର ପ୍ରମୁଖ ପି. ନାଗେଶ୍ୱର ପାତ୍ର, ଜିଲ୍ଲା ମୁଖ୍ୟ ମାର୍ଗ ପ୍ରମୁଖ ସୀମାଞ୍ଚଳ ମହାରଣାଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ, ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ, ସ୍ୱୟଂ ସେବକ ଏବଂ ସଂଘର ବିବିଧ କ୍ଷେତ୍ରରେ କାଯ୍ୟରତ କର୍ମକର୍ତ୍ତାମାନେ ସାମିଲ ଥିଲେ।

# ପ୍ଲାଷ୍ଟର କରିବାକୁ ଲାଞ୍ଚ ମାଗିଲେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ

ଜି.ଉଦୟଗିରି,୧୧।୭(ଚିନ୍ମୟ କୁମାର ସେଠୀ) ଜି.ଉଦୟଗିରି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହାତ ଭାଙ୍ଗି ଯାଇଥିବା ଜଣେ ରୋଗୀଙ୍କ ହାତ ପ୍ଲାଷ୍ଟର କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଲାଞ୍ଚ ମାଗିବା ଅଭିଯୋଗ ହୋଇଛି। ସ୍ଥାନୀୟ ବ୍ଲକ କଳିଙ୍ଗା ପଞ୍ଚାୟତ ଡୁଗୁଡ଼ିପାରି ଗ୍ରାମର ମନୋଜ ପ୍ରଧାନଙ୍କ ପୁଅ ଖେଳୁଥିବା ସମୟରେ ପଡ଼ି ଯାଇ ହାତ ଭାଙ୍ଗି ଯାଇଥିଲା। ମନୋଜ ସଙ୍ଗେ ସଙ୍ଗେ ପୁଅକୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ହାତ ଏକ୍ସରେ କରିବା ଲାଗି ଏକ୍ସରେ ମେଶିନ ଅପରେଟର ନ ଥିବାରୁ ତାଙ୍କୁ ବାହାରେ ବେସରକାରୀ କ୍ଲିନିକରେ ଏକ୍ସରେ କରି ଆଣିବାକୁ ମେଡିକାଲ କର୍ମଚାରୀ କହିଥିଲେ। ମନୋଜ ଟଙ୍କା ଦେଇ ବାହାରେ ଏକ୍ସରେ କରି ଆଣିବା ପରେ ଡାକ୍ତର ଲେଖିଥିବା ଔଷଧ ଓ ହାତରେ ଲଗାଇବାକୁ ପ୍ଲାଷ୍ଟର ଅଫ ପ୍ୟାରିସ ନ ଥିଲା। ସେସବୁ ମଧ୍ୟ ସେ ବାହାର ଦୋକାନରୁ କିଣି ଆଣିଥିଲେ। ଶେଷରେ ପୁଅର ଭାଙ୍ଗିଥିବା ହାତକୁ ପ୍ଲାଷ୍ଟର କରିବା ନିମନ୍ତେ ସେଠାରେ କାର୍ଯ୍ୟରତ ଥିବା ଦୁଇଜଣ କର୍ମଚାରୀ ଜଣେ ମହିଳା ଓ ଅନ୍ୟ ଜଣେ ପୁରୁଷ ତାଙ୍କୁ ୫୦୦ ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ମନୋଜ ଅଭିଯୋଗ କରିଛନ୍ତି। ଏକ୍ସରେ କରିବା, ଔଷଧପତ୍ର ଓ ପ୍ଲାଷ୍ଟର ସାମଗ୍ରୀ କିଣିବାରେ ମନୋଜ ଆଣିଥିବା ଟଙ୍କା ଖର୍ଚ୍ଚ ହୋଇଯାଇଥିଲା। କର୍ମଚାରୀଙ୍କ ଦାବି ଅର୍ଥ ଦେବାକୁ ତାଙ୍କ ନିକଟରେ ଆଉ ଟଙ୍କା ନ ଥିଲା। ଶେଷରେ ସେ ଅନ୍ୟ ଜଣଙ୍କଠାରୁ ଧାର ଆଣି ମେଡିକାଲ କର୍ମଚାରୀଙ୍କୁ ଦେଇଥିଲେ। ପରେ ସେମାନେ ତାଙ୍କ ପୁଅର ଭାଙ୍ଗିଥିବା ହାତଟିକୁ ପ୍ଲାଷ୍ଟର କରିଥିଲେ। ଏ ସମ୍ପର୍କରେ ମେଡିକାଲ ଅଫିସରଙ୍କୁ ପଚାରିବାରୁ ସେ କହିଲେ, ସେମିତି କିଛି ଅଭିଯୋଗ ମୋପାଖକୁ ଆସିନାହିଁ। ଅଭିଯୋଗ ଆସିଲେ ଅନୁଧ୍ୟାନ କରି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାସ୍ତାକଡ଼ରେ ସନ୍ତାନ ଜନ୍ମଦେଲେ ମାନସିକ ବିକାରଗ୍ରସ୍ତ ଯୁବତୀ
### ଅଧା ବାଟରେ ଛାଡି ଚାଲିଗଲା ସଖୀ ଗାଡ଼ି

ଡୁମୁଡିବନ୍ଧ,୧୧।୭(ଦୀପକ ପରାସେଠ) ରାସ୍ତା କଡ଼ରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀ ଜିଲା ସାମାଜିକ ସୁରକ୍ଷା କେନ୍ଦ୍ରରୁ ସଖୀ ପରିବହନରେ ଘରକୁ ଆସିବା ସମୟରେ ବାଟରେ ସନ୍ତାନ ପ୍ରସବ କରିଛନ୍ତି। ଏପରି ଘଟଣା ଡୁମୁଡିବନ୍ଧ ବ୍ଲକ ଗୁମା ଅଞ୍ଚଳରେ ଶୁକ୍ରବାର ଘଟିଛି। ଗୁମା ପଞ୍ଚାୟତ ଅଞ୍ଚଳର ଜଣେ ୨୨ ବର୍ଷୀୟା ମାନସିକ ବିକାରଗସ୍ତ ଯୁବତୀ ଗର୍ଭବତୀ ଥିବା ନେଇ ଡୁମୁଡିବନ୍ଧ ସିଡିପିଓ ଲତା ଦିଗାଲ, ସୁପରଭାଇଜର ନିରୁପମା ଶତପଥୀ ଓ ଅଙ୍ଗନୱାଡ଼ି କର୍ମୀ ନାମିତ ବଡ଼ସେଠ ଖବର ପାଇ ତାଙ୍କୁ ଗତ ଜୁନ ୯ରେ ଜିଲା ସାମାଜିକ ସୁରକ୍ଷା କେନ୍ଦ୍ରକୁ ଆଣି ଛାଡିଥିଲେ। ସେଠାରେ ସେ ଅନ୍ୟମାନଙ୍କୁ କାମୁଡା କାମୁଡ଼ି କରୁଛନ୍ତି, ତାଙ୍କୁ ଫେରାଇ ନେବାକୁ ଅଙ୍ଗନୱାଡି କର୍ମୀଙ୍କ ନିକଟକୁ ଖବର ଆସିଥିଲା। ଯୁବତୀଙ୍କ ପରିବାର ଲୋକଙ୍କ ସହ ଅଙ୍ଗନୱାଡ଼ି କର୍ମୀ ଯାଇ ତାଙ୍କୁ ସଖୀ ଗାଡ଼ିରେ ନିଜ ଗାଁକୁ ଆଣୁଥିଲେ। ବାଟରେ ଗୁଡୁକା ଛକରେ ପରିସ୍ରା ଯିବି କହି ଯୁବତୀ ଜଣକ ଗାଡ଼ି ଅଟକାଇଥିଲେ। ଗାଡ଼ିରୁ ଓହ୍ଲାଇ ତଳକୁ ଆସିବା ପରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ମାତ୍ର ସେହି ସ୍ଥାନରେ ସଖୀ ଗାଡିଟି ମା' ଓ ଶିଶୁକୁ ଛାଡ଼ି ଫୁଲବାଣୀ ପଳାଇଥିଲା। ଅଙ୍ଗନୱାଡି କର୍ମୀ ଡୁମୁଡିବନ୍ଧ ସିଡିପିଓଙ୍କୁ ଜଣାଇବାରୁ ସିଡିପିଓ ଏନେଇ ବେଲଘର ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇ ନିଜେ ସେଠାରେ ପହଞ୍ଚିଥିଲେ। ଖବର ପାଇ ଡାକ୍ତର ବିଜୟ ଭୋଇ ଓ ସ୍ୱାସ୍ଥ୍ୟ ସେବିକା କରିଷ୍ମା ନାୟକ ପହଞ୍ଚି ଯୁବତୀ ଓ ତାଙ୍କ ଶିଶୁକନ୍ୟାଙ୍କୁ ଡୁମୁଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

# ବସନ୍ତ, ସୀମାଞ୍ଚଳ ହେଲେ ଆସିକା ଏମ୍‌ପି ପ୍ରତିନିଧି

ସୋରଡା,୧୧।୭(ରଜନୀ ମହାପାତ୍ର) ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ସୋରଡ଼ା ବ୍ଲକ୍ ପାଇଁ ନିଜର ପ୍ରତିନିଧି ନିଯୁକ୍ତି କରିବା ସହ ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଚିଠି ନଂ. ଏମ୍‌ପି/ଆସିକା/୯୭-୨୦୨୫ ତାରିଖ ୦୨/୦୭/୨୫ ପ୍ରକାରେ ଗଞ୍ଜାମ ଜିଲାପାଳଙ୍କୁ ଲେଖିଥିବା ପତ୍ର ଅନୁସାରେ ସୋରଡା ବ୍ଲକ୍ ପାଇଁ ଏମ୍‌ପି ପ୍ରତିନିଧି ଭାବେ ସୋରଡା ବିଧାୟକଙ୍କ ଭାଇ ତଥା ୨୦୧୪ର ସୋରଡ଼ା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିଥିବା ଏମ୍‌ବିଏସ୍ କୋଲାର ପରିଚାଳନା ନିର୍ଦ୍ଦେଶକ ବସନ୍ତ ବିଷୋୟୀଙ୍କୁ ନିଯୁକ୍ତି କରିଛନ୍ତି। ଜଣେ ଭଲ ନେତା ଭାବେ ସେ ପରିଚିତ। ତାଙ୍କ ପ୍ରତିନିଧିତ୍ୱରେ ସୋରଡ଼ାରେ ସଂଗଠନ ସୁଦୃଢ ହେବାର ଅଧିକ ଆଶା ରହିଛି। ସେହିପରି ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଜଣେ ଯୁବ ସଂଗଠକ ଭାବେ ପରିଚିତ ସୀମାଞ୍ଚଳ ଅଧିକାରୀଙ୍କୁ ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଏମ୍‌ପି ପ୍ରତିନିଧି ରୂପେ ଆସିକା ଏମ୍‌ପି ମନୋନୀତ କରିଛନ୍ତି। ସୀମାଞ୍ଚଳ ଦୀର୍ଘଦିନ ଧରି ରାଜନୀତିରେ ରହିବା ସହ ଗତ ବିଧାନସଭା ନିର୍ବାଚନରେ ଜଣେ ଭଲ ସଂଗଠକ ଭାବେ ଭାଜପାର ଭୋଟ ବଢେଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଏମ୍‌ପି ପ୍ରତିନିଧି ଭାବେ ମନୋନୀତ ହେବା ପରେ ଉଭୟଙ୍କୁ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ କୃତଜ୍ଞତା ଜଣାଇଛନ୍ତି।


**Gangadhar Meher University**
Amruta Vihar, Sambalpur - 768004

**ADMISSION NOTICE FOR MBA, MBA-FM (2025-26)**
(Subject to availability of seats after completion OJEE/CPET Admission)

| Course | Annual Course Fees | Admission Procedure |
|---|---|---|
| MBA* (02 yr.) | Rs.50, 000/- | Through OJEE, For remaining vacant seats, applicants having 50% aggregate marks in degree and score cards of OJEE/CAT/MAT/XAT/ATMA/CPET may apply directly to the university. |
| MBA-FM* (Financial Management) (02 yr.) | Rs.40, 000/- | Through CPET, Applicants having 50% aggregate marks in degree and score cards of OJEE/CAT/MAT/XAT/ATMA/CPET or University's own test* may apply directly for the vacant seats after CPET admission. |

*University own test. : After exhausting the list of eligible candidates from the CPET, the University reserves the right to conduct its own entrance examination, subject to time constraints. This examination will be specifically for candidates who apply directly to the MBA-FM program for the academic year 2025–26.

For more details candidates may visit www.gmuniversity.ac.in or Contact – 8658313268 & 9853132904

Sd./- Registrar


# ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂଆ କର୍ମକର୍ତ୍ତା

ଦିଗପହଣ୍ଡି,୧୧।୭(ଅଶେଷ ନାଥ ମିଶ୍ର)- ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବରୁ ସଂଘର ଅନୁଷ୍ଠିତ ଏକ ବୈଠକରେ ଆୟବ୍ୟୟ ଉପସ୍ଥାପନ କରାଯାଇ ଅନୁମୋଦିତ କରାଯାଇ ସଂଘର ସାଙ୍ଗଠନିକ ଅଭିବୃଦ୍ଧି ଓ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଯୁଧିଷ୍ଠିର ସ୍ୱାଇଁଙ୍କୁ ସଭାପତି ରୂପେ ନିର୍ବାଚିତ କରାଯାଇଥିଲା। ସେହିଭଳି ସୁବାଷ ଚନ୍ଦ୍ର ପାଢ଼ୀ ଉପସଭାପତି, କେ. ନାଗେଶ୍ୱର ରାଓ ସମ୍ପାଦକ, ଭବାନୀ ପ୍ରସାଦ ପାଢ଼ୀ ସହସମ୍ପାଦକ, ନରହରି ସାହୁଙ୍କୁ କୋଷାଧ୍ୟକ୍ଷ ରୂପେ ମନୋନୀତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଗଣେଶ ମହାରଣାଙ୍କୁ ସମୀକ୍ଷକ ଏବଂ ସୂର୍ଯ୍ୟ ନାରାୟଣ ପାତ୍ର, ସୁବାସ ଚୌଧୁରୀ, କୃଷ୍ଣଚନ୍ଦ୍ର ବ୍ରହ୍ମା, ସୁରେନ୍ଦ୍ର ପଟ୍ଟନାୟକ, ପଦ୍ମ ଚରଣ ମେକାପଙ୍କୁ ସଂଘର ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଭୀମସେନ ପଣ୍ଡା, ସୁଷମା ପାଠୀ, ଅରୁଣ ରଥ, ପୀତବାସ ରଥ, ଦଣ୍ଡପାଣି ସାହୁ, ପୀତାମ୍ବର ମହାରଣା, ରାଜକିଶୋର ଚୌଧୁରୀ, ସୁବାଷ ଚନ୍ଦ୍ର ଗୌଡ, ବିଦ୍ୟାଧର ବେହେରା ଏବଂ ହରିଶ୍ଚନ୍ଦ୍ର ପାଢୀଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିବା ଜଣାପଡିଛି।

## ହୃଦ୍‌ଘାତରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମୃତ୍ୟୁ

ଆର.ଉଦୟଗିରି,୧୧।୭(ମନୋଜ କୁମାର ପାଢୀ) ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିକନ୍ଦ ନାୟକଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ସେ ଛେଲିଗଡ଼ ଜଳସେଚନ ପ୍ରକଳ୍ପ ଟନେଲ-୨ରେ କାର୍ଯ୍ୟ କରୁଥିଲେ। ସେ ନିଜ ସରକାରୀ ବାସଭବନରେ ଏକୁଟିଆ ରହୁଥିଲେ। ଶୁକ୍ରବାର ଆଦିକନ୍ଦ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ କର୍ମଚାରୀମାନେ ଚନ୍ଦ୍ରଗିରି ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗେ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଞ୍ଜାମ ଜିଲାରେ ରହୁଥିବା ତାଙ୍କ ପରିବାର ଲୋକେ ଖବରପାଇ ମଧ୍ୟ ଭାରତ ବନ୍ଦ ପାଳନ ଯୋଗୁ ଗୁରୁବାର ଏଠାରେ ପହଞ୍ଚି ପାରି ନ ଥିବା ପରିବାର ଲୋକେ ଶୁକ୍ରବାର ପହଞ୍ଚି ମୃତଦେହ ନିଜଘରକୁ ନେଇଯାଇଛନ୍ତି।

## ବିକଶିତ ଓଡ଼ିଶା ଯୋଜନା ଉପରେ କର୍ମଶାଳା

ଫୁଲବାଣୀ,୧୧।୭ (ରାକେଶ କୁମାର ରାଉତ) ସହରାଞ୍ଚଳ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଉପରେ କର୍ମଶାଳା ପଞ୍ଚାୟତ ଭବନରେ ଅନୁଷ୍ଠିତ ହୋଇଛି। ପୌରପରିଷଦ, ଏନ୍‌ଏସି ସଂସ୍ଥାଗୁଡ଼ିକର ଭୂମିକା ଏବଂ ଦାୟିତ୍ୱ, ସହଯୋଗ, ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ, ସ୍ୱଚ୍ଛ ଓଡ଼ିଶା, ଆର୍ଥିକ ପରିଚାଳନା ଏବଂ ବଜେଟ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଫୁଲବାଣୀ ପୌରାଧାକ୍ଷା ପାୟେଲ ବେହେରା, ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ବାଘଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନବର୍ଣ୍ଣିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏଚ୍‌ସିକେପି-୨୫-୨୬-୧୦; କାର୍ଯ୍ୟର ନାମ:** ୦୩ ବର୍ଷ ଅବଧି ପାଇଁ ଚକ୍ରଧରପୁର ମଣ୍ଡଳ, ଦ.ପୂ. ରେଳପଥର ଆଡ୍ରାଠାରେ କୋଚିଂ ଡିପୋରେ ନାମାଙ୍କିତ ଟ୍ରେନ୍‌ଗୁଡ଼ିକର ଯାନ୍ତ୍ରିକ କୋଚ୍ ସଫେଇ, ୱାଟରିଂ, ପ୍ୟାଡ୍ ଲକିଂ/ଅନ୍‌ଲକିଂ ତଥା ଡିପୋ ପରିସରର ଯାନ୍ତ୍ରିକ ସଫେଇ; **ଟେଣ୍ଡର ମୂଲ୍ୟ: ₹୪,୬୦,୫୩,୪୪୫.୦୫; ବିଡ୍ ଅମାନତ: ₹୩,୮୦,୩୦୦.୦୦; ଟେଣ୍ଡର ଫର୍ମ ମୂଲ୍ୟ: ₹୧୦,୦୦୦.୦୦; ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ସିକେପି, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ; **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୩୦।୦୭।୨୦୨୫ରିଖ **୧୫.୦୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍: https://www.ireps.gov.in ରେ ଦେଖାଯାଇପାରିବ** । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । (PR-381)

**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
E-mail ID : midivmalkangiri@gmail.com
**NOTICE INVITING TENDER**
E-Procurement Notice
**Bid Identification No. SEMIDMKG - 02/2025-26**
**Letter No. 1088 Dt.07.07.2025**

**No.A-379** : The Superintending Engineer, Minor Irrigation Division, Malkangiri on behalf of Governor Odisha invites **Percentage rate** bids in **Double cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Repair to Surplus Escape of Patraput MIP in Mathili Block of Malkangiri District under Critical Scheme.
2. Total Number of work : 01 (One) No.
3. Estimated cost : Approximately Rs.71.18 lakh
4. Period of completion : 06 (Six) Calendar Months
5. Class of Contractor : "B" Class Contractor
6. Date and time of availability of bid documents in the portal : From 10.00 A.M. of 14.07.25 to 5.00 P.M. of 28.07.2025
7. Last date /time for receipt of bids in the portal : 5.00 P.M. on 28.07.2025
8. Date of opening of bid : At 11.00 A.M. on 29.07.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Web-site : www.tendersorissa.gov.in

OIPR-32285/11/0005/2526
Sd./- Superintending Engineer
M.I. Division, Malkangiri

**ଫର୍ମ ନଂ. ୧୩**
**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
**୨୦୨୪ର ଓ.ଏ ନଂ. ୬୨୨**

କାନାରା ବ୍ୟାଙ୍କ, ଏସଏମଇ ଶାଖା, ରାଉରକେଲା ...ଆବେଦନକାରୀ
ବନାମ
ସତ୍ୟଦେବ ରାୟ ......ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
ସତ୍ୟଦେବ ରାୟ, ବୟସ: ୫୫ ବର୍ଷ, ପିତା: ଗୋଧନ ରାୟ, ସା: ବୁରୁଡୋଲା, ବ୍ରାହ୍ମଣୀ ତରଙ୍ଗ, ପୋ: ବେଦବ୍ୟାସ, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୦୧

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୬୨୨/୨୦୨୪ ଦ୍ୱାରା ଟ.୨୫,୮୨,୧୫୭/- ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର ୩୦ଦିନ ମଧ୍ୟରେ କିମ୍ବା ତା.୨୪.୦୯.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କର ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ସହିମୋହର ସହ ଦିନାଙ୍କ ୩ ଜୁଲାଇ ୨୦୨୫ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Honest, Responsible, **Home Worker** for house. Salary as per Experience. Free Room Utilities, must speak Hindi, English and Odia. Immediate joining in Bhubaneswar.
**Send Biodata To : 9438128790**

**WANTED**
Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- **At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789**

**WANTED**
A LEADING FINANCIAL SERVICES MARKETING COMPANY REQUIRES
**AREA MANAGER**
FOR SELLING MOTOR INSURANCE
**CTC Rs.6.0 - 7.2 LACS/ANNUM**
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BALASORE, CUTTACK, BHADRAK & RAYAGADA
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street, T Nagar Chennai-600017.

**STAFF ଆବଶ୍ୟକ**
Plant project workରେ Officialy କାର୍ଯ୍ୟ କରୁଥିବା Engineer, Marketing, Driver ଓ other Staff ଆବଶ୍ୟକ।
ଯୋଗାଯୋଗ – 9937199625

**SHASANK SEKHAR NAYAK**
(Special Class Contractor)
& Govt. General Order Suplier
**WANTED DEGREE ENGINEER**
- Minimum 2 years experience in Civil Work
- Retired Person preferable Architecture with Civil Engineering More Preferable

**Salary : 40,000/- + Others**
(Interested and eligible candidates can send their resumes to shsank1234@gmail.com by 30th July 2025
**Contact : 9437304511, 9937844899**

See Career Appointment on every Wednesday & Saturday

**Government of Odisha "e" Procurement Notice**
**WORKS DEPARTMENT**
No. B-284
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
**Bid Identification No. CCEKC - 05/2025-26**
**Letter No. 3170 dt. 08.07.2025**

1. Name of the work :- 5 number Building Works
2. Estimated Cost :- Rs.120.46 Lakhs to Rs.346.90 Lakhs
3. Class of Contractor :- "B" & "A" Class
4. Period of completion :- 06 (Six) Calendar Months to 09 (Nine Calendar Months)
5. Date and Time of availability of Bid document in the portal :- From 11.00 hours of **17.07.2025** to **16.00** hours of **31.07.2024**
6. Last date/ Time for receipt of bids in the portal :- **16.00 hours of 31.07.2025**
7. Date of opening of Bid from Portal :- **11.30 hours on 01.08.2025**
8. Name and address of the officer inviting Bid :- Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"

OIPR-34033/11/0082/2526
Sd./- Chief Construction Engineer,
Keonjhar (R&B) Circle, Keonjhar

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
No.O-407
**No. : 2364/WE, Dt. : 08.07.2025**
**"e"-Procurement Notice**

1. Name of the work : "Building Works". 2. Estimated Cost : As per Annexure. 3. Time for completion : As per Annexure. 4. No. of Work : As per Annexure. 5. Summary for key dates is provided below :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | | 5 | 6 |
| **Chief Construction Engineer, Rural Works Circle, Balasore** | NCB No. - 16 of 2025-26 | Dt.18.07.2025 at 11.00 A.M. | Dt.01.08.2025 up to 5.00 P.M. | Dt.31.07.2025 up to 5.00 P.M. | Dt.02.08.2025 at 11.00 A.M. | Will be intimated later |

Further details can be seen from the website : www.tendersodisha.gov.in
Any other changes/Corrigendums may be seen only in website www.tendersodisha.gov.in

OIPR-25105/11/0062/2526
Sd./- Er.Durjyodhan Behera
Chief Construction Engineer,
Rural Works Circle, Balasore

**GOVERNMENT OF ODISHA**
No.i-205
**DEPARTMENT OF P.R. & D.W.**
**INVITATION FOR BIDS (IFB)**
**IDENTIFICATION No: - AGLB- 01 / 2025-26**
**E-mail address: - ori-bangul@nic.in**

1. The **Block Development Officer, Angul** on behalf of the Governor of Orissa invites Perce**ntage rate civil bid** in single cover system for the works as detailed in the table, from the class of eligible contractors as mentioned in Col.4 (four), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building **(Civil Work). The proof of registration from the** appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No | Name of works | Approx. Value of work. (Rs. In lakhs) | Class of contractor | Bid Security (Rs.). | Cost of documents (Non-refundable) | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of GPLF Building with Market Complex at Khinda, GP- Khinda | 22.42 | 'B' or 'C' | 22420.00 | Rs.6,000/- (Only be downloaded from www.angul.odisha.gov.in) | Six Calendar months |
| 2 | Construction of CC road from Baligerenga to Betara, GP- Saradhapur | 12.62 | 'C' or 'D' | 12615.00 | | Three Calendar months |

For detailed information, please visit the website **https://www.angulodisha.gov.in**.

OIPR-19073/11/0006/2526
Sd./- 07.07.2025
Block Development Officer, Angul

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमण्डल मनोहरपुर।**

**नेशनल कम्पीटिटिभ बिडींग**
**(ई0-निविदा आमंत्रण सूचना)**
ई- निविदा आमंत्रण सूचना संख्या- RCD/MANOHARPUR/01/2025-26
दिनांक: 10.07.2025

| | | |
|---|---|---|
| 1. | कार्य का नाम :- | Construction of H.L RCC Bridge Over Koyal River at 11th Km of Undhan-Baranga-Dhanapali Road Under Road Division, Manoharpur. |
| 2. | प्राक्कलित राशि (रूपये में) | रू0 36,58,11,239.00 (छत्तीस करोड़ अन्ठावन लाख ग्यारह हजार दो सौ उन्चालीस रूपये) |
| 3. | कार्य समाप्ति की अवधि | 30 (तीस) माह । |
| 4. | वेबसाईट पर निविदा प्रकाशन की तिथि एवं समय | 25.07.2025, 10.30 बजे पूर्वाहन से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 21.08.2025, 12.00 बजे अपराहन तक। |
| 6. | निविदा खुलने की तिथि एवं समय | 22.08.2025, 12.30 बजे अपराहन। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर। |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर । | 7903255234 |
| 9. | ई-निविदा आमंत्रण कोषांग का हेल्प लाईन नम्बर | 0651-2401010 |

**नोट :- यूकैन निबंधित निविदाकार ही निविदा डाल सकते हैं। निविदा की राशि घट-बढ़ सकती है।**
विस्तृत जानकारी हेतु वेवसाईट http://jharkhandtenders.gov.in पर देखें।

कार्यपालक अभियंता,
प0नि0वि0, पथ प्रमण्डल,
मनोहरपुर।
PR 357112 (West Singhbhum) 25-26 (D)

**URGENTLY REQUIRED FOR OUR VACANT POSITIONS**
WE ARE ONE OF THE LEADING OUTDOOR ADVERTISING AGENCY IN ODISHA REQUIRE EXPERIENCE PERSONS AS PER THE FOLLOWINGS FOR BHUBANESWAR LOCATION, INTERESTED CANDIDATES MAY APPLY/SEND THEIR CV "TEAMINHOUSE2022@GMAIL.COM" MAXIMUM WITHIN 7 DAYS FROM THE DATE OF ADVERTISEMENT.
FOR ANY QUERIES CONTACT - 7327932208

**1. SR. MARKETING EXECUTIVE - (1 No.)**
GRADUATE/ MBA, MINIMUM 5-7 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE AND FEMALE CANDIDATE CAN APPLY). OWN CONVEYANCE MUST.
- **SALARY**- 18,000 - 20,000 (FUEL & MOBILE COST EXTRA).
- SALARY CAN BE ENHANCED MARGINALLY IF FOUND EXCEPTIONAL
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.

**2. MARKETING EXECUTIVE - (3 Nos.)**
GRADUATE, MINIMUM 3-4 YRS. EXPERIENCE IN OUTDOOR ADVERTISING INDUSTRY OR ANY OTHER INDUSTRY WITH COMPUTER SKILL. (BOTH MALE & FEMALE CANDIDATES CAN APPLY) OWN CONVEYANCE MUST.
- **SALARY**- 12,000 -15,000 (FUEL & MOBILE COST EXTRA)
- EXTRA SALES INCENTIVE WILL BE GIVEN ON PRO RATA BASIS ON ACHIEVEMENT OF 100% MONTHLY SALES TARGET.

**3. FIELD SUPERVISOR - (3 Nos.)**
GRADUATE, MINIMUM 5 YRS. EXPERIENCE, PREFERABLY OUTDOOR FIELD WITH COMPUTER KNOWLEDGE, OWN CONVEYANCE MUST. ONLY MALE CANDIDATES CAN APPLY.
**SALARY**- 11,000 - 13,000 (FUEL & MOBILE COST EXTRA).

**4. FIELD ELECTRICIAN - (3 Nos.)**
MATRIC/ ITI, 2-3 YRS. EXPERIENCE, PREFERABLY OUTDOOR FIELD AND OWN CONVEYANCE MUST. PREFERABLY MALE CANDIDATES.
**SALARY**- 10,000 - 12,000 PM.

"SALARY SLIGHTLY NEGOTIABLE IN CASE OF EXPERIENCE CANDIDATURE"

**TEAM ADMARK PVT. LTD.**
99/A, SAHID NAGAR, OPP INCOME TAX OFFICE, 1ST LANE, FACING NH, BHUBANESWAR - 751007 || Call/Whats App- 7327932208

# ସମ୍ବିଧାନ ବଞ୍ଚାଅ ସମାବେଶ




ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଶୁକ୍ରବାର ଆୟୋଜିତ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେଇଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳର ବରିଷ୍ଠ ନେତୃବୃନ୍ଦ।




ସମାବେଶ ମଞ୍ଚରେ ପହଞ୍ଚିବା ପରେ ଉପସ୍ଥିତ ନେତା ଓ ଜନସାଧାରଣଙ୍କୁ ହାତ ହଲେଇ ଅଭିବାଦନ ଜଣାଉଛନ୍ତି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

## ଜାତି ଜନଗଣନା ହେଲେ ସବୁ ବୁଝାପଡ଼ିଯିବ: ରାହୁଲ

ଭୁବନେଶ୍ୱର,୧୧।୭(ରବିନାରାୟଣ ଜେନା)

ତେଲଙ୍ଗାନାରେ ଜାତି ଜନଗଣନା କରାଯାଉ ନ ଥିଲା। ହେଲେ ଜାତି ଜନଗଣନା ପରେ ସବୁ ସ୍ପଷ୍ଟ ହୋଇଗଲା। ଠିକ୍ ସେହିପରି ଓଡ଼ିଶାରେ ଜାତି ଜନଗଣନା ହେଲେ ସବୁ ବୁଝା ପଡ଼ିଯିବ ବୋଲି ଶୁକ୍ରବାର ବରମୁଣ୍ଡା ପଡ଼ିଆଠାରେ ଅନୁଷ୍ଠିତ ଉକ୍ତ ସମାବେଶରେ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ରାଜ୍ୟରେ କେତେ ସଂଖ୍ୟକ ଆଦିବାସୀ, ଦଳିତ, ପଛୁଆବର୍ଗ ରହିଛନ୍ତି ଏବଂ କେତେ କ୍ଷମତା କାହା ହାତରେ ରହିଛି, ଜନଗଣନା ପରେ ସବୁ ଅଙ୍କ ସ୍ପଷ୍ଟ ହୋଇଯିବ। ରାଜ୍ୟରେ ଜନବିରୋଧୀ ସରକାର ଚାଲିଛି। ଏଠାକାର ସରକାରଙ୍କୁ ହଟାଇବାକୁ ପଡ଼ିବ। ଦଳିତଙ୍କୁ ନା ସରକାରରେ ସ୍ଥାନ ମିଳୁଛି ନା ବ୍ୟୁରୋକ୍ରାସିରେ ମିଳୁଛି। ତେଣୁ ଓଡ଼ିଶାରେ ଜାତି ଜନଗଣନା ନିହାତି ହେବା ଆବଶ୍ୟକ। ଏହା ଦଳିତମାନଙ୍କୁ ସଶକ୍ତ କରିବ ବୋଲି ରାହୁଲ କହିଛନ୍ତି।




ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ।

## ଡ୍ରାଇଭର ମହାସଂଘକୁ ଧନ୍ୟବାଦ ଜଣାଇଲେ

**ଭୁବନେଶ୍ୱର,୧୧।୭(ରବିନାରାୟଣ ଜେନା):** ୪ ଦିନ ଧରି ରାଜ୍ୟରେ ଆନ୍ଦୋଳନ ଚଳାଇଥିବା ଡ୍ରାଇଭର ମହାସଂଘ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ ପାଇଁ ସହଯୋଗ କରିଥିବାରୁ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଧନ୍ୟବାଦ ଜଣାଇଛନ୍ତି। ଶୁକ୍ରବାର ବରମୁଣ୍ଡା ପଡ଼ିଆଠାରେ ଅନୁଷ୍ଠିତ ଉକ୍ତ ସମାବେଶରେ ରାହୁଲ କହିଛନ୍ତି, କଂଗ୍ରେସର ସମାବେଶକୁ ଭଣ୍ଡୁର କରିବାପାଇଁ ଡ୍ରାଇଭର ମହାସଂଘ ଉପରେ ଚାପ ପକାଯାଇଥିଲା। କିନ୍ତୁ ଡ୍ରାଇଭର ମହାସଂଘ ସେମାନଙ୍କ କଥା ମାନି ନ ଥିଲେ। ଡ୍ରାଇଭରଙ୍କ ନ୍ୟାଯ୍ୟ ଦାବି ପ୍ରତି ଆମର ପୂର୍ଣ୍ଣ ସମର୍ଥନ ରହିଛି। ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ କରିବା ଉଚିତ।

## ରାହୁଲଙ୍କୁ କୁଣ୍ଢାଇ ଗୋଲକଲେ ନିଲମ



ସମ୍ବିଧାନ ବଞ୍ଚାଅ ସମାବେଶରେ ରାହୁଲଙ୍କୁ ମଞ୍ଚରେ ଷଷ୍ଠଶ୍ରେଣୀର କୁନି ଝିଅ ନିଲମ ବନ୍ତିଆ କୁଣ୍ଢାଇବା ସହ ଗେଲ କରିଥିଲେ। ଏହି ଅବସରରେ ନିଲମ କହିଛନ୍ତି, ତାଙ୍କୁ ରାହୁଲ ପାଠପଢ଼ା ସହିତ ବିଭିନ୍ନ ବିଷୟରେ ପଚାରିଥିଲେ ଏବଂ ପପି ଦେବାକୁ କହିଥିଲେ। ସେ ଗଣିତକୁ ଭଲ ପାଆନ୍ତି ଏବଂ ତାଙ୍କ ମାମା ରାହୁଲଙ୍କ ଫ୍ୟାନ୍ ବୋଲି କଥାବାର୍ତ୍ତା ବେଳେ କହିଥିଲେ।

## ମୁଖ୍‌ମେଁ ରାମ, ବଗଲ୍‌ମେଁ ଛୁରି: ଖାର୍ଗେ

ଭୁବନେଶ୍ୱର,୧୧।୭(ରବିନାରାୟଣ ଜେନା)

ଭାଜପାର ନିୟତି 'ମୁଖ୍‌ମେଁ ରାମ, ବଗଲ୍‌ମେଁ ଛୁରି' ବୋଲି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେ ଶୁକ୍ରବାର ବରମୁଣ୍ଡା ପଡ଼ିଆରେ ଆୟୋଜିତ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶରେ କହିଛନ୍ତି। ସେ ଭାଜପା ଉପରେ ଶାଣିତ ଆକ୍ରମଣ କରି କହିଛନ୍ତି, ଯେଉଁମାନେ ଦେଶ ଲୁଟୁଛନ୍ତି, ସେମାନେ କ'ଣ କଂଗ୍ରେସ କଥା କହିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ତାଙ୍କ ମୃତ୍ୟୁ ପୂର୍ବରୁ କହିଥିଲେ, 'ମୁଁ ଆଜି ଅଛି କାଲି ନ ଥିବି, ମୋର ସାରା ଜୀବନ ଲୋକଙ୍କ ସେବାରେ ବିତାଇବି। ଯେତିକିଦିନ ରହିବି ଲୋକଙ୍କ ସେବା କରିବି। ମୋର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଲୋକଙ୍କ କାମ କରିବି'। ହେଲେ ଭାଜପା ଏବେ ତାଙ୍କ ବିରୋଧରେ କହିବୁଲୁଛି। ସବୁ ସାମ୍ବିଧାନିକ ସଂସ୍ଥାକୁ ମୋଦି କବ୍‌ଜା କରି ନେଇଛନ୍ତି। ମୋଦି-ଶାହା ଯାହା କହୁଛନ୍ତି, ସମ୍ପୃକ୍ତ ସଂସ୍ଥାଗୁଡ଼ିକ ତାହା ହିଁ କରୁଛନ୍ତି। ସମ୍ବିଧାନକୁ ହତ୍ୟା କରାଯାଉଛି। ପ୍ରଥମେ ମହାରାଷ୍ଟ୍ର ଏବଂ ବିହାରରେ ତାହା ହେଉଛି। ଯଦି ଏହିଭଳି ଭାବେ ଲୋକଙ୍କ ଭୋଟ ଉପରେ ଜୋର ଜବରଦସ୍ତ କରାଯିବ, ତେବେ କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ଖାର୍ଗେ କହିଥିଲେ।

## ଓଡ଼ିଶା ସମ୍ଭ୍ରାନ୍ତ, ଦଳିତ, ଆଦିବାସୀ, ଅବହେଳିତ

ପ୍ରାକୃତିକ ସମ୍ପଦରେ ଓଡ଼ିଶା ଦେଶର ସବୁଠାରୁ ସମ୍ଭ୍ରାନ୍ତ ରାଜ୍ୟ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେ କହିଛନ୍ତି। ଶୁକ୍ରବାର କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶରେ ଖାର୍ଗେ କହିଛନ୍ତି ଯେ, ଓଡ଼ିଶାରେ ସବୁଥାଇ ମଧ୍ୟ ଏଠାକାର ଆଦିବାସୀ ସବୁଠାରୁ ଗରିବ। କଂଗ୍ରେସ ସରକାର ଏଠାରେ ୨୦୦୦ ମାର୍ଚ୍ଚ ପରଠାରୁ ନାହିଁ। ଫଳରେ ରାଜ୍ୟର ଗରିବ, ଦଳିତ ଓ ଆଦିବାସୀ ଆଜି ଅବହେଳିତ ବୋଲି ସେ ସମାଲୋଚନା କରିଛନ୍ତି।

## ରାଜଧାନୀ ହାତମୟ



ଭୁବନେଶ୍ୱର ବିମାନବନ୍ଦରରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିବାପାଇଁ ବିମାନବନ୍ଦରଠାରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଥିଲା। କଂଗ୍ରେସ କର୍ମୀଙ୍କ ହାତରେ ପ୍ଲାକାର୍ଡ ଓ ବ୍ୟାନର ଏତେ ଥିଲା ଯେ ସମ୍ପୂର୍ଣ୍ଣ ଅଞ୍ଚଳଟି ହାତମୟ ଦିଶୁଥିଲା। ଏହି ସମୟରେ ରାହୁଲଙ୍କୁ ଦେଖିବାପାଇଁ ଠେଲାପେଲା ହୋଇଥିଲା। ଜଣେ ବୟସ୍କ ବ୍ୟକ୍ତି ରାହୁଲଙ୍କ କାରକେଡ୍ ପାଖରେ ପଡ଼ି ଯାଇଥିଲେ। ଅନ୍ୟପକ୍ଷରେ ସମାବେଶ ପାଇଁ ସହରର ବିଭିନ୍ନ ସ୍ଥାନରେ ହାତ ଚିହ୍ନ ଓ ରାହୁଲ ଗାନ୍ଧୀଙ୍କ ଫଟୋ ଥିବା ଅନେକ ଫ୍ଲେକ୍ସ, ହୋର୍ଡିଂ ଦେଖିବାକୁ ମିଳିଛି।



ସମାବେଶକୁ ଦଳୀୟ ନେତା ଓ ସମର୍ଥକଙ୍କ ସ୍ୱାଗତ ବେଳେ ପରିବେଷିତ ଆଦିବାସୀ ନୃତ୍ୟ।



ଜଣେ ସମର୍ଥକ ରାହୁଲ ଗାନ୍ଧୀଙ୍କ ଫଟୋଚିତ୍ରରେ କ୍ଷୀର ଢାଳୁଛନ୍ତି।





ବରମୁଣ୍ଡା ପଡ଼ିଆରେ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେଇଥିବା କଂଗ୍ରେସ ନେତା, କର୍ମୀ, ସମର୍ଥକ, ଅତିଥି ଏବଂ ଜନସାଧାରଣ। (ଫଟୋ: ମନୋରଞ୍ଜନ ମିଶ୍ର, ବିକାଶ ନାୟକ)

# ୱାରେଣ୍ଟ ଇସ୍ୟୁ କଲେ ଓଏଚ୍ଆର୍‌ସି

## ଆବାସିକ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ମାମଲା

କଟକ,୧୧।୭(ଚାଳିକ ସାହୁ) କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକର ଏକ ସରକାରୀ ଆବାସିକ ବିଦ୍ୟାଳୟରେ ଚିକିତ୍ସା ଅଭାବରୁ ଛାତ୍ରୀ ମୃତ୍ୟୁ ମାମଲାରେ ଓଡ଼ିଶା ମାନବ ଅଧିକାର ଆୟୋଗ (ଓଏଚ୍ଆର୍‌ସି) କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଓଏଚ୍ଆର୍‌ସି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସଚିବଙ୍କୁ ବାରମ୍ବାର ଆଦେଶ ଦେବା ସତ୍ତ୍ୱେ ଜବାବ ଦାଖଲ ନ କରିବାରୁ ତାଙ୍କ ନାମରେ ଜାମିନଯୋଗ୍ୟ ୱାରେଣ୍ଟ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୨ରେ ହେବ। ପ୍ରକାଶ ଯେ, ଓଏଚ୍ଆର୍‌ସିଙ୍କ ଗତ ଜୁନ୍ ୩ ସମନ ଅନୁଯାୟୀ, ବିଭାଗୀୟ ସଚିବ ସଞ୍ଜୀବ କୁମାର ମିଶ୍ର ଜୁଲାଇ ୪ରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନ ଥିଲେ କିମ୍ବା କୌଣସି ଉତ୍ତର ରଖି ନ ଥିଲେ। ଓଏଚ୍ଆର୍‌ସି ୪ ଥର ଜବାବ ଦାଖଲ ପାଇଁ ଆଦେଶ ଦେଇଥିଲେ ବି ବିଭାଗୀୟ ସଚିବ ଜବାବ ଦାଖଲ ନ କରିବାରୁ ବ୍ୟକ୍ତିଗତ ହାଜିରା ପାଇଁ ତାଙ୍କୁ ସମନ ଜାରି ହୋଇଥିଲା। ତେବେ ଜୁଲାଇ ୪ରେ ଓଏଚ୍ଆର୍‌ସି ତାଙ୍କ ନାମରେ ୱାରେଣ୍ଟ ଜାରି କରି ତାଙ୍କୁ ୧୦୦୦୦ ଟଙ୍କା ବଦଳରେ ଜାମିନ ଦେବାକୁ ଭୁବନେଶ୍ୱର ଡିସିପିଙ୍କୁ ଆଦେଶ ଦେଇଛନ୍ତି। ଡିସିପି ସଚିବ ମିଶ୍ରଙ୍କୁ ଅବଗତ କରାଇବେ ଯେ ଆସନ୍ତା ଅଗଷ୍ଟ ୧୨ ତାରିଖ ପୂର୍ବାହ୍ନ ୧୧ଟାରେ ଓଏଚ୍ଆର୍‌ସିରେ ହାଜର ହୋଇ ଜବାବ ଦାଖଲ ନ କରିବାର କାରଣ ଦର୍ଶାଇବେ ବୋଲି ଓଏଚ୍ଆର୍‌ସି ଆଦେଶରେ ସ୍ପଷ୍ଟ କରିଛନ୍ତି। ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ଏକ ସରକାରୀ ଆବାସିକ ବିଦ୍ୟାଳୟର ଛାତ୍ରୀ ମିତା ମଲ୍ଲିକ (୭ବର୍ଷ) ୨୦୨୪ ଜୁନ୍ ୨୫ରେ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲେ ମଧ୍ୟ ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିଲା।

# ୨ ହଜାର ତାଳଗଛ ରୋପଣ ଯୋଜନା

## ୧୦ ପାହାଡ଼ରେ ସବୁଜିମା, ୨ ଲକ୍ଷ ମଞ୍ଜି ପୋତିଲା ଆର୍ଯ୍ୟଭଟ୍ଟ


ଆର୍ଯ୍ୟଭଟ୍ଟ ପକ୍ଷରୁ ତାଳ ରୋପଣ ପାଇଁ ସ୍ୱେଚ୍ଛାସେବୀମାନେ ଯାଉଛନ୍ତି।

ବ୍ରହ୍ମପୁର,୧୧।୭(ଅଶୋକ କୁମାର ସାହୁ)

ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ଦୀର୍ଘବର୍ଷ ହେଲା ସବୁଜିମା ପ୍ରତି ଗୁରୁତ୍ୱ ଦିଆଯାଇ ଆସୁଛି। ବିଶେଷ କରି ଗଞ୍ଜାମରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ୁଥିବାବେଳେ ତାଳଗଛ ହିଁ ଏହାର ସୁରକ୍ଷା କବଚ। ବନ ବିଭାଗ ପକ୍ଷରୁ ଏଥିକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଆଉ ପାଦେ ଆଗକୁ ବଢ଼ିଛି ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ। ବିଶେଷ କରି ନଦୀ ଅବବାହିକାରେ ତାଳଗଛ ରୋପଣ ପାଇଁ ଯୋଜନା କରାଯାଇଛି ବୋଲି ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ମୁଖ୍ୟ ସୁଧୀର ରାଉତ କହିଛନ୍ତି। ଉକ୍ତ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାରଠାରୁ ଲଣ୍ଡାପାହାଡ ବନୀକରଣ କାର୍ଯ୍ୟକ୍ରମ ଆରମ୍ଭ ଅବସରରେ ସେ କହିଥିଲେ ଯେ, ବଜ୍ରପାତରୁ ଲୋକଙ୍କୁ ସୁରକ୍ଷା ଦେବାରେ ତାଳଗଛର ଭୂମିକା ରହିଛି। ଖାଲି ସେତିକି ନୁହେଁ ଏହା କୁକୁଡ଼ଖିଆ (ଧଳା ଶଙ୍ଖ ଚିଲ) ଭଳି ବିଲୁପ୍ତ ହୋଇଯାଉଥିବା ପକ୍ଷୀମାନଙ୍କ ବସା ବାନ୍ଧିବାରେ ଏକ ଅମୋଘ ଅସ୍ତ୍ର ସାଜିଛି। ପରିବେଶ ସନ୍ତୁଳନରେ କୁକୁଡ଼ଖିଆ ବି ଭୂମିକା ରହିଛି। ଏମାନେ ବହୁ ନଦୀକୂଳ ଓ ସମୁଦ୍ର କୂଳିଆ ସ୍ଥାନରେ ଥିବା ଉଚ୍ଚା ଗଛରେ ବସା ବାନ୍ଧିଥାନ୍ତି। ବିଭିନ୍ନ ସମୟରେ ହେଉଥିବା ବାତ୍ୟାରେ ଉଚ୍ଚ ଗଛ ପଡ଼ିଯିବା ଦ୍ୱାରା ଏମାନଙ୍କ ଅନେକ ବସା ନଷ୍ଟ ହୋଇଯାଇଥିଲା। ବର୍ତ୍ତମାନ ଉଚ୍ଚା ଗଛ ନଥିବାରୁ ବିଭିନ୍ନ ଟାୱାର ଏମାନଙ୍କ ଆଶ୍ରୟ ପାଲଟିଛି। ତେଣୁ ତାଳଗଛ ରୋପଣ କରାଯିବ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ଫାଉଣ୍ଡେସନର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଭୂଆଷୁଣୀ ପାହାଡ଼ରେ ବର ଓସ୍ତ ଚାରା ରୋପଣ କରିବା ସହ ମଞ୍ଜି ଗୁଳା ପ୍ରକ୍ଷେପଣ ଓ ମଞ୍ଜିରୋପଣ କରାଯାଇଛି। ଦଲ୍ଲା, ବାଜକୁମାରୀ,ଭାଲୁ ଡିମ୍ବିରା, ଖୋଲ, ରାମଚନ୍ଦ୍ର ପଲ୍ଲୀ ପାହାଡ଼, କରାଖାଇ, ବାକ୍ସା ବାଡ଼ି, ଭୂଆଷୁଣୀ, ଡଙ୍କାରୀ, ସାନ ବୁରୁଡ଼ା ଆଦି ୧୦ ପାହାଡ଼ରେ ୫୦ ହଜାର ମଞ୍ଜି ଗୁଳା ପ୍ରକ୍ଷେପଣ କରାଯାଇଛି। ଏଥି ସହ ୨ ଲକ୍ଷରୁ ଊର୍ଦ୍ଧ୍ୱ ମଞ୍ଜି ଖୋସିକି ପୋତାଯାଇଛି ଓ ବର ଓସ୍ତ ସହ ଅନ୍ୟାନ୍ୟ ଫଳ ଧାରଣକ୍ଷମ ଶହେ ଚାରା ରୋପଣ କରାଯାଇଛି। ପାହାଡ଼ର ମୃତ୍ତିକା ଓ ଜଳବାୟୁ ଅନୁକୂଳତାକୁ ଦୃଷ୍ଟିରେ ରଖି ଆମ୍ବ,ପଣସ, ତେନ୍ତୁଳି, ଶିରିସା, ବଡଚାକୁଣ୍ଡା ଓ ସାନଚକୁଣ୍ଡା, ଶିଶୁ, କରଞ୍ଜ,ବାଉଁଶ, ୨ କିସମର ବାବୁଲ, ବେଲ, ନିମ, ଜାମୁକୋଳି,ବରକୋଳି ଇତ୍ୟାଦି ମଞ୍ଜିକୁ ବନୀକରଣ ପାଇଁ ବ୍ୟବହାର କରାଯାଉଛି। ଏହି କାର୍ଯ୍ୟକ୍ରମ ଆଗାମୀ ମାସେ ଜାରି ରହିବ ଓ ଆଉ ୧୦ ପାହାଡ ଯେଉଁଥିରେ ଆର୍ଯ୍ୟଭଟ୍ଟ ପକ୍ଷରୁ ଆଗରୁ ପ୍ରୟାସ କରାଯାଇଥିଲା। ସେଠାରେ ପୁନର୍ବାର କାର୍ଯ୍ୟକ୍ରମ କରାଯିବ ଓ ଦୁଇଗୋଟି ନୂଆ ଲଣ୍ଡା ପାହାଡ଼କୁ ନିଆଯାଇ ବନୀକରଣ କରାଯିବା ଯୋଜନା କରାଯାଉଅଛି। ଋଷିକୁଲ୍ୟା ଅବବାହିକାରେ ୨୦୦୦ ତାଳ ଗଛ ରୋପଣ ସହ ୩୦ ହଜାର ମଞ୍ଜି ଲଗାଯିବା ଯୋଜନା ରହିଛି। ଏ ସଂକ୍ରାନ୍ତରେ ଅନୁଷ୍ଠାନ ମୁଖ୍ୟଙ୍କୁ ପଚାରିବାରୁ ସେ କହିଲେ ଯେ, ବର୍ତ୍ତମାନ ଯେଉଁ ଭାବରେ ବିଶ୍ୱତାପନ ସୃଷ୍ଟି ହୋଇଛି ମାନବ ସମାଜ ବଞ୍ଚିବା ଦୁର୍ବିସହ। ତେଣୁ ଭବିଷ୍ୟତ ପିଢ଼ି କିଭଳି ସୁରକ୍ଷିତ ରହିବେ ତାହାହିଁ ଅନୁଷ୍ଠାନର ଚିନ୍ତା। ଯେତେ ଅର୍ଥ ଖର୍ଚ୍ଚ ହେଉଛି ତାହା ହିଁ ଅନୁଷ୍ଠାନ ପକ୍ଷରୁ କରାଯାଉଛି। ତେବେ ଖାଲି ଅର୍ଥ ଖର୍ଚ୍ଚ ନୁହେଁ, ଗଛ ଲାଗିବା ପରେ ଏହାକୁ ଯତ୍ନ ନେବା ପାଇଁ ମଧ୍ୟ ଅଧିକ ଅର୍ଥ ଖର୍ଚ୍ଚ ହେଉଛି। ସେ ଯାହା ହେଉନା କାହିଁକି ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଅନ୍ୟ ଅନୁଷ୍ଠାନମାନେ ବି ଏଥିପ୍ରତି କାର୍ଯ୍ୟ କରିବା ଜରୁରୀ ବୋଲି ସେ କହିଛନ୍ତି। ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କ ଏ କ୍ଷେତ୍ରରେ ଅବଦାନ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ଏହି ବର୍ଷର କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ଓ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ଯୋଗଦାନ ସହ ଆର୍ଯ୍ୟଭଟ୍ଟର ସ୍ୱେଚ୍ଛାସେବୀ ଶକୁନ୍ତଳା ଦେବୀ, ସବିତା ସାହୁକାର, କେ.ଘନଶ୍ୟାମ, ରିତେଶ ଉଦ୍‌ଗାତା, କୁଶାଲ ସାହୁ, ଭୀମରାଜୁ ପାତ୍ର, ପ୍ରସନ୍ନ ସ୍ୱାଇଁ, ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ମାଧବ ନାୟକ ପ୍ରମୁଖ ଯୋଗ ଦେଇଛନ୍ତି।

# ସ୍ୱଶକ୍ତି ଜାଗରଣ ସେବା ସଂସ୍ଥା ପାଳିଲା ଗୁରୁପୂର୍ଣ୍ଣିମା

ବ୍ରହ୍ମପୁର,୧୧।୭(ସ୍ମୃତି ରଞ୍ଜନ ମହାଲିକ)

ସ୍ୱଶକ୍ତି ଜାଗରଣ ସେବା ସଂସ୍ଥାନ ପକ୍ଷରୁ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଣିଗ୍ରାହୀ ପେଣ୍ଠ ସାହି ସ୍ଥିତ ରଘୁନାଥ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୦ଜଣ ରୋଗୀଙ୍କ ପରଳ ଅସ୍ତ୍ରୋପଚାର ପାଇଁ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ଏଥିସହ ମଧୁମେହ, ରକ୍ତ ଚାପ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ବୃନ୍ଦାବନ ନିବାସ ମହାମଣ୍ଡଳେଶ୍ୱରର ବିଶୁଦ୍ଧାନନ୍ଦ ମହାରାଜ, ଲଳିତ ମହାରାଜ, ପୂଜ୍ୟ ସଦଗୁରୁ ଦେବ ଶ୍ରୀକ୍ରୀଷ୍ଣା ଭୈୟାଜୀଙ୍କ ଦ୍ୱାରା ଧର୍ମ ସଭା ଅନୁଷ୍ଠିତ ହୋଇଥିଲା। ଗୁରୁ କୌଣସି ବ୍ୟକ୍ତି ନୁହନ୍ତି। ସେ ଦିବ୍ୟ ଚେତନ ଶକ୍ତିର ଆଧାର। ସଦଗୁରୁଙ୍କ କୃପା ହେଲେ ମଣିଷ ନରରୁ ନାରାୟଣ ଓ ମାନବରୁ ମହାମାନବ ହୋଇଥାଏ। ଏଥିପାଇଁ ଶିଷ୍ୟଙ୍କୁ କଠିନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥାଏ ବୋଲି ସଭାରେ ଉପସ୍ଥିତ ବକ୍ତା କହିଥିଲେ। ସନ୍ତୋଷ କୁମାର ମହାନ୍ତି, ଦ୍ୱାରିକା ପ୍ରସାଦ ମହାନ୍ତି, ସମୀର କୁମାର ମହାନ୍ତି, ବାସୁଦେବ ଗୌଡ, ଅନୀଲ କୁମାର ଚୌଧୁରୀ ଓ କାମରାଜୁ ଦାସଙ୍କ ସମେତ ସଂଘର ବହୁ ସଦସ୍ୟ ସହଯୋଗ କରିଥିଲେ।

# ମହାମାୟୀ ମହିଳା କଲେଜରେ ବନ ମହୋତ୍ସବ



କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ କଲେଜ କର୍ମଚାରୀ ଓ ଛାତ୍ରୀମାନେ।

ବ୍ରହ୍ମପୁର,୧୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ମହାମାୟୀ ମହିଳା ମହାବିଦ୍ୟାଳୟ, ମିନାକ୍ଷୀ ନଗର ସ୍ଥିତ ନୂତନ ଏକାଡେମିକ କ୍ୟାମ୍ପସରେ ଶୁକ୍ରବାର ବନମହୋତ୍ସବ ପାଳିତ ହୋଇଯାଇଛି । ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ଯୁବ ରେଡକ୍ରସ ତଥା ଏନଏସଏସ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ଡ. ନିବେଦିତା ମହାପାତ୍ର ଙ୍କ ସହ ସମସ୍ତ ଅଧାପକ ଅଧାପିକା ଏବଂ ସେ୍ୱଚ୍ଛାସେବୀ ଉପସ୍ଥିତ ରହି ୩୦ରୁ ଅଧିକ ବୃକ୍ଷ ରୋପଣ କରିଥିଲେ ।

# ଝାଡ଼ାବାନ୍ତିରେ ଶିଶୁ ମୃତ, ପ୍ରଶାସନର ଅସ୍ୱୀକାର

## ଉସ୍ତପଲିରେ ମୃତ୍ୟୁ ସଂଖ୍ୟା ୩ ହେଲା

ଦିଗପହଣ୍ଡି,୧୧।୭(ଅଶେଷ ନାଥ ମିଶ୍ର)– ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତର ଦୁର୍ଗମ ଉସ୍ତପଲ୍ଲି ଗ୍ରାମରେ ହଇଜା ସଂକ୍ରମିତ ଜଣେ ଶିଶୁଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ଶିଶୁ ଜଣକ ହେଲେ ଉସ୍ତପଲ୍ଲୀ ଗ୍ରାମର ରଘୁନାଥ ଶବରଙ୍କ ଦେଢ଼ବର୍ଷର ପୁଅ ବାବୁଲି। ଗୁରୁବାର ପରିବାର ଲୋକେ ବାବୁଲିଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସା କରି ଘରକୁ ଫେରିଥିଲେ। ଏହି ଶିଶୁ ଜଣଙ୍କ ମୃତ୍ୟୁ ପରେ ଗ୍ରାମରେ ହଇଜା ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ପୂର୍ବରୁ ଗ୍ରାମର ଦାସ ଶବର ଓ ପ୍ରକାଶ ରଇତଙ୍କ ମୃତ୍ୟୁ ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ହଇଜା ମୃତ୍ୟୁକୁ ଅସ୍ୱୀକାର କରାଯାଇ ଏହାକୁ ଅପମିଶ୍ରିତ ଖାଦ୍ୟ ଖାଇବା ଯୋଗୁ ପେଟ ଯନ୍ତ୍ରଣାରେ ସେମାନଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିଲା। ଶୁକ୍ରବାର ଘଟିଥିବା ଶିଶୁ ମୃତ୍ୟୁର କାରଣ ମଧ୍ୟ ହଇଜା ନୁହେଁ ବରଂ ବଡ଼ମୁଣ୍ଡଜନିତ ସଂକ୍ରମଣ ବୋଲି ବମକୋଇ ସିଏଚସି ସୁପରଣ୍ଟେଣ୍ଡେଣ୍ଟ ଡା. ଶୁଚିସ୍ମିତା ଚୌଧୁରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଗ୍ରାମର ଗଣେଶ ଶବର (୨୨) ଏବଂ ସୁବାସୀ ଶବର (୨୦) ହଇଜାରେ ଆକ୍ରାନ୍ତ ହୋଇ ବ୍ରହ୍ମପୁର ଏମକେସିଜିରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ପ୍ରଶାସନର କୌଣସି ପ୍ରକାର ବିଫଳତାକୁ ପ୍ରଘଟ ନ କରିବାକୁ ଗ୍ରାମରେ ତାଗିଦ କରାଯାଇଛି। ପ୍ରଘଟକାରୀଙ୍କୁ ବିଭିନ୍ନ ଯୋଜନାରୁ ବାଦଦେବା ସହ ସାମାଜିକ ବାସନ୍ଦ ଭୟ ଦେଖାଉଥିବା ଜଣେ ବାସିନ୍ଦା ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏଭଳି ଅଭିଯୋଗର ତଦନ୍ତ ତୁରନ୍ତ କରାଯିବାର ଆବଶ୍ୟକତା ରହିଛି। ଦିଗପହଣ୍ଡି ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଏବଂ ବ୍ରହ୍ମପୁର ଏମ୍‌ପି ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ ଉସ୍ତପଲି ଗ୍ରାମକୁ ଗସ୍ତକରି ମୃତକଙ୍କ ପରିବାରକୁ ଭେଟିବା ସହ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମକୁ ଉନ୍ନତ ମାନର ରାସ୍ତା ନିର୍ମାଣ ପାଇଁ ଏମ୍‌ପିଙ୍କ ହାତ ପାଣ୍ଠିରୁ ୮ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ରେଡ୍ଡୀ ପ୍ରତିଶ୍ରୁତି ଦେଇଛନ୍ତି।

# ଗଞ୍ଜାମ ଓକିଲ ସଂଘ ନୂତନ କୋଠା ଭିତ୍ତିପ୍ରସ୍ତର ସ୍ଥାପନରେ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରାଯିବ

ବ୍ରହ୍ମପୁର, ୧୧।୭ (ସୁବାସ ଚନ୍ଦ୍ର ପାଢ଼ୀ)


ବୈଠକରେ ଓକିଲ ସଂଘର ନେତୃବୃନ୍ଦ।

ଗଞ୍ଜାମ ଓକିଲ ସଂଘର ପ୍ରଥମ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଏବଂ ଉପଦେଷ୍ଟା ମଣ୍ଡଳୀ ସଦସ୍ୟଙ୍କ ଉପସ୍ଥିତିରେ ଶୁକ୍ରବାର ଏକ ଜରୁରୀ ବୈଠକ ସ୍ଥାନୀୟ କମାପଲ୍ଲୀ ପିଡବ୍ଲୁଡି ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ସଂଘର ନୂତନ ଉପଦେଷ୍ଟା ମଣ୍ଡଳୀ ଓ କାର୍ଯ୍ୟକାରିଣୀ କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଆଇନଜୀବୀଙ୍କ କଲ୍ୟାଣ ଏବଂ ସଂଘର ଉନ୍ନତି ସକାଶେ ବିଭିନ୍ନ ପ୍ରକାର ସମସ୍ୟାକୁ କିଭଳି ଭାବେ ସମାଧାନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ବାଲେଶ୍ୱରର ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କ ପ୍ରତି ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଅମାନବୀୟ କାର୍ଯ୍ୟକୁ ନିନ୍ଦା କରାଯାଇଥିଲା ଏବଂ ବାଲେଶ୍ୱର ଓକିଲ ସଂଘ ନେଇଥିବା ନିଷ୍ପତ୍ତିକୁ ସମର୍ଥନ କରାଯାଇଥିଲା। ଶେଷରେ ଗଞ୍ଜାମ ଓକିଲ ସଂଘର ନୂତନ କୋଠା ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ରାଷ୍ଟ୍ରପତି ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ନିମନ୍ତ୍ରଣ କରାଯିବା ନେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ଓକିଲ ସଂଘ ସମ୍ପାଦକ ଟି. ଭେଙ୍କେଟ ରାଓ, ସହସମ୍ପାଦକ ଅସିତ ସାବତ, ଉପସଭାପତି ତିରୁମଲ୍ଲା ରେଡ୍ଡି ଏବଂ ଉପଦେଷ୍ଟା କମିଟି ସଦସ୍ୟ ବି.ଭି.ଏଲ. ମୂର୍ତ୍ତି, କୈଳାସ ପାଣିଗ୍ରାହୀ, ନାରାୟଣ ପଣ୍ଡା, ରମେଶ ପ୍ରଧାନ, ଶ୍ରୀନିବାସ ଦାସ, କିଶୋର ପଟ୍ଟନାୟକ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଅଭୟ ପଣ୍ଡା, ଗୌରାଙ୍ଗ ଚୌଧୁରୀ, ଦୁର୍ଗା ପାଢ଼ୀ, ଅମରେଶ ଚୌଧୁରୀ, ଲଳିତ ମଙ୍ଗରାଜ ଓ ମହିଳା ସଦସ୍ୟା ସଂଘମିତ୍ରା ପଣ୍ଡା ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କେନ୍ଦ୍ର, କୋଠାକୁ ନେଇ ଅସନ୍ତୋଷ

## ବିଡିଓଙ୍କୁ ଫେରାଦ ହେଲେ ଚାରିକୋଣିଆବାସୀ

ଜଗନ୍ନାଥ ପ୍ରସାଦ,୧୧।୭(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ବ୍ଲକ୍ ରାଉତି ପଞ୍ଚାୟତ ଚାରିକୋଣିଆ ଗ୍ରାମ ଗୌଡ଼ସାହି ୱାର୍ଡ ୬ରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ନେଇ ଶୁକ୍ରବାର ଶତାଧିକ ଗ୍ରାମବାସୀ ସ୍ଥାନୀୟ ବିଡ଼ିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏହାସହ ୱାର୍ଡମେମ୍ବର ସଭ୍ୟା ଗୀତାଞ୍ଜଳି ପ୍ରଧାନ ନିଜସ୍ୱ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ଦାବି ନେଇ ବିଡ଼ିଓଙ୍କୁ ଭେଟିଥିଲେ। ସୂଚନା ପ୍ରକାରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରଟି ବିଗତ ୧୫ବର୍ଷରୁ ଊର୍ଦ୍ଧ୍ୱ ହେବ ଚାରିକୋଣିଆ ଗୌଡ଼ ସାହିରେ ଅସ୍ଥାୟୀ ଘରେ ଚାଲୁରହିଛି। ଗ୍ରାମବାସୀ ଚାନ୍ଦା କରି ଏକ ଟିଣ ଘର ତିଆରି କରି ଚଳାଇ ଆସୁଥିଲେ। ସେଥିରୁ ପାଣି ଗଳିବା ଓ ବିଦ୍ୟୁତ ସଂଯୋଗ ହୋଇ ନ ଥିବା କାରଣରୁ ଗରମରେ କୁନି କୁନି ଛୁଆ ହଇରାଣ ହରକତ ହେଉଥିବା ନେଇ ବହୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଆର୍ଥିକ ବର୍ଷ ୨୫/୨୬ ଅନୁସାରେ ଜଗନ୍ନାଥ ପ୍ରସାଦ ମୌଜାର ଚାରିକୋଣିଆ ଗ୍ରାମ ପ୍ଲଟ ନମ୍ବର ୨୦୯୨ ଓ ଖାତା ନମ୍ବର ୧୦୨୩ ଜାଗାରେ ବ୍ଲକ ପ୍ରଶାସନ ଯାଇ ଜାଗା ଚିହ୍ନଟ କରିବା ସହ ପିଲର ପାଇଁ ଗାତ ଖୋଳାଯାଇଛି। ଏହି ଅଙ୍ଗନୱାଡି କେନ୍ଦ୍ରରେ ୩୦ ଜଣ କୁନିକୁନି ଶିଶୁ ପାଠ ପଢୁଥିବା ବେଳେ ଚାରିକୋଣିଆ ଗୌଡ଼ସାହିର ୨୭ ଓ ୩ ଜଣ ଶିଶୁ ପାଟଣା ଗ୍ରାମର ଉଲ୍ଲେଖ ରହିଛି। ଏହି ଅଙ୍ଗନୱାଡି କେନ୍ଦ୍ରଟି ଯଦି ପାଟଣା ସାହିକୁ ଚାଲି ଯାଏ, ତେବେ ଗୌଡ଼ସାହି ଠାରୁ ପାଖାପାଖି ୧କିମି ଦୂର ହେବ। ତେଣୁ ୨୭ ଜଣ ଶିଶୁ ଏତେ ଦୂର ଯିବା କେତେ ଦୂର ଠିକ ପ୍ରଶାସନ ତଦନ୍ତ କରି ତୁରନ୍ତ ଉକ୍ତ କେନ୍ଦ୍ରଟିକୁ ଚାରିକୋଣିଆ ଗୌଡ଼ସାହିରେ କାର୍ଯ୍ୟକାରୀ କରିବା ନେଇ ଗ୍ରାମର ସଭାପତି ଭାସ୍କର ବାରିକ, ସମ୍ପାଦକ ବନମାଳି ବାରିକ, ଉପସଭାପତି ଅରକ୍ଷିତ ପ୍ରଧାନ, କୋଷାଧ୍ୟକ୍ଷ ପୂର୍ଣ୍ଣ ବାରିକ, ରାଜୁ ପ୍ରଧାନ, ପଞ୍ଚୁ ବାରିକ, ବିଜୟ ପ୍ରଧାନ, ବସନ୍ତ ପ୍ରଧାନ ସମେତ ଶତାଧିକ ଗ୍ରାମବାସୀ ଗୁହାରି ଜଣାଇଛନ୍ତି।

# ଶିକ୍ଷକଙ୍କ ବଦଳି ବାତିଲ ଦାବି କଲେ ଗ୍ରାମବାସୀ

ଛତ୍ରପୁର,୧୧।୭(ଦିଲ୍ଲୀପ ସାମଲ): ଛତ୍ରପୁର ବ୍ଲକ ଟାକିରିଆ ବ୍ରହ୍ମପୁର ଗ୍ରାମବାସୀ ଜଣେ ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯଦି ବଦଳି ବାତିଲ ନ ହେବେ ତେବେ ସ୍କୁଲରେ ତାଲା ଝୁଲିବ ବୋଲି ଚେତାବନୀ ଦେଇଛନ୍ତି। କଣମଣା ପଞ୍ଚାୟତ ଅଧିନ ଟାକିରିଆ ବ୍ରହ୍ମପୁର ସ୍କୁଲର ଶିକ୍ଷକ ଜେ.କୁର୍ମା ରାଓଙ୍କ ସୁନ୍ଦରପୁରର ସୁନ୍ଦରେଶ୍ୱର ସ୍କୁଲକୁ ବଦଳି ହୋଇଛି। କେତେଜଣ ଅସାଧୁ ବ୍ୟକ୍ତିଙ୍କ ଚାପରେ ତାଙ୍କୁ ଏଠାରୁ ବଦଳି କରାଯାଇଛି ବୋଲି ଗ୍ରାମବାସୀ କହୁଛନ୍ତି। ବର୍ତ୍ତମାନ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୮୬ ଜଣ ପିଲା ପାଠ ପଢୁଛନ୍ତି । ତେବେ ଗ୍ରାମବାସୀଙ୍କ ଦାବିନେଇ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯିବ ବୋଲି ବିଇଓ ସୁଜିତ କୁମାର ପାଢୀ କହିଛନ୍ତି।

# ବ୍ଲୁ-ଫ୍ଲାଗ୍ ବିଚ୍ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ନିର୍ଦ୍ଦେଶ

■ପର୍ଯ୍ୟଟନ ସଚିବଙ୍କ ଗୋପାଳପୁର ଗସ୍ତ

ଗୋପାଳପୁର,୧୧।୭(ନବୀନ ରାଜ ଆଚାରୀ)– ପର୍ଯ୍ୟଟନ ସଚିବ ବଳବନ୍ତ ସିଂ ଶୁକ୍ରବାର ଗୋପାଳପୁର ବେଳାଭୂମି ପରିଦର୍ଶନ କରିଛନ୍ତି। ସେ ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହ ବ୍ଲୁଫ୍ଲାଗ ବିଚ କାର୍ଯ୍ୟକାରୀ ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସକାଳେ ଆଡ଼ଭେନଞ୍ଚର ପାର୍କ ଓ ଇକୋ ରିଟ୍ରିଟ୍ ପାର୍କ ବୁଲି ସଚିବ ଦେଖିଥିଲେ। ବ୍ଲୁ-ଫ୍ଲାଗ ବିଚ କାର୍ଯ୍ୟ ତଦାରଖ ବେଳେ ଖୁବଶୀଘ୍ର ଏହି କାର୍ଯ୍ୟ ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ପର୍ଯ୍ୟଟନ ଋତୁ ଆରମ୍ଭ ପୂର୍ବରୁ କାର୍ଯ୍ୟ ସାରିବାକୁ ସେ ପରାମର୍ଶ ଦେଇଛନ୍ତି। ଗୋପାଳପୁର ବେଳାଭୂମି ଓ ଏହାର ପାରିପାର୍ଶ୍ୱିକ ବିକାଶ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ହେବ। ଏଗୁଡ଼ିକ କିଭଳି ଓ କେଉଁ ପ୍ରକାରେ କରାଯିବ ସେ ନେଇ ସଚିବ ସିଂ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ସେ ଗୋପାଳପୁରର ବିଭିନ୍ନ ହୋଟେଲ କର୍ତ୍ତୃପକ୍ଷଙ୍କ ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସଚିବଙ୍କ ଗସ୍ତ ବେଳେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜର୍ଶିକେ, ଉପଜିଲାପାଳ ଧିନା ଦସ୍ତାଗିର, ବିଇଡ଼ିଏ ସେକ୍ରେଟେରୀ ରମେଶ ହାଂସଦା, ଗୋପାଳପୁର ଏନଏସି ଇଓ ପ୍ରମୋଦ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଟିଏ ଥରରେ ପରୀକ୍ଷା ହେବ ୧୨୦ ରୋଗୀଙ୍କ ନମୁନା

■ ଏମ୍‌କେସିଜିରେ ଅଟୋମେଟିକ କଲ୍‌ଚର ଟେଷ୍ଟ ଆରମ୍ଭ
■ ୧୦ରୁ ୨୪ ଘଣ୍ଟା ଭିତରେ ରୋଗୀଙ୍କୁ ମିଳିବ ରିପୋର୍ଟ

ବ୍ରହ୍ମପୁର,୧୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଗୁରୁତର ରୋଗୀମାନଙ୍କ ବିଭିନ୍ନ ପରୀକ୍ଷା ପାଇଁ ଆଉ ଚିନ୍ତା ନାହିଁ। ରୋଗୀମାନେ ବିଭିନ୍ନ ପରୀକ୍ଷା ପାଇଁ ସମୟ ସାପେକ୍ଷ ହେଉଥିଲା। ଏବେ କିନ୍ତୁ ତାହାର ସମାଧାନ ହୋଇଛି। ଗୁରୁବାର ଅଟୋମେଟିକ କଲଚର ଟେଷ୍ଟ ଆରମ୍ଭ ହୋଇଛି। ଏହାକୁ ଡ଼ିନ ତଥା ଅଧକ୍ଷ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଉଦଘାଟନ କରିଛନ୍ତି। ଏହି ଦ୍ୱାରା ମୁଖ୍ୟତ ଆଇସିୟୁର ଗୁରୁତର ରୋଗୀ ଓ ମୂତ୍ର ନଳୀ ସଂକ୍ରମଣ(ୟୁଟିଆଇ) ସମ୍ପର୍କିତ ରୋଗୀମାନେ ଶୀଘ୍ର ସୁସ୍ଥ ହେବାରେ ସହାୟକ ହେବ। ଏହି ପରୀକ୍ଷା ଦ୍ୱାରା ଜଣେ ଗୁରୁତର ରୋଗୀଙ୍କ ରୋଗ ମୁକ୍ତ ନିମନ୍ତେ କେଉଁ ପ୍ରକାର ଆଣ୍ଟିବାୟୋଟିକ ସଠିକ କାର୍ଯ୍ୟ କରିବ ତାହାର ସୂଚନା ମିଳିଥାଏ। ପୂର୍ବରୁ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଏହି ପରୀକ୍ଷା ମାନୁଆଲ ଦ୍ୱାରା କରାଯାଉଥିଲା। ଏଭଳି ପ୍ରକ୍ରିୟା ଦ୍ୱାରା ରୋଗୀଙ୍କୁ କେଉଁ ଆଣ୍ଟିବାୟୋଟିକ ସଠିକ କାର୍ଯ୍ୟ କରିବ ତାହା ଜାଣିବାକୁ ୩ରୁ ୬ଦିନ ସମୟ ଲାଗୁଥିଲା। ଫଳରେ ଏଥି ମଧ୍ୟରେ ଗୁରୁତର ରୋଗୀଙ୍କ ସାସ୍ଥ୍ୟାବସ୍ଥା ଅଧିକ ଖରାପ ହେଉଥିଲା। କିନ୍ତୁ ଅଟୋମେଟିକ କଲଚର ଟେଷ୍ଟ ଦ୍ୱାରା ସ୍ୱଳ୍ପ ସମୟରେ ବହୁ ରୋଗୀଙ୍କ ନମୁନା ପରୀକ୍ଷା କରି ହୋଇପାରିବ। କମ୍ ମାନବ ସମ୍ବଳ ଦ୍ୱାରା ଏହି ମେସିନ ସହାୟ୍ୟରେ ଗୋଟିଏ ଥରରେ ୧୨୦ ରୋଗୀଙ୍କ ନମୁନା ପରୀକ୍ଷା କରାଯାଇ ପାରିବ। ଏହା ସହ ୧୦ରୁ ୨୪ଘଣ୍ଟା ମଧ୍ୟରେ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇ ପରିବ। ଫଳରେ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବେଶ ସହାୟକ ହେବ। ଉଦଘାଟନ ସମୟରେ ମାଇକ୍ରୋ ବାୟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ସଂଘମିତ୍ରା ପାଢ଼ୀ, ବାୟୋକେମେଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀ, ରୋଗ ନିଦାନ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ସୁଲତା ଚୌଧୁରୀ, ଡ଼ା. ଶକୁନ୍ତଳା ମୁଣ୍ଡାରି, ଡ଼ା. ପ୍ରଦୀପ୍ତ କିଶୋର ସାହୁ, ଡ଼ା. ନେହ୍ମା ସାମଲ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଉଦ୍‌ଘାଟନ ସମୟରେ ଉପସ୍ଥିତ ଡିନ୍‌ଙ୍କ ସମେତ ଅନ୍ୟମାନେ।


## ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ

ଅନ୍‌ସାରୀ ନଗର, ନୂଆଦିଲ୍ଲୀ - ୧୧୦୦୨୯
ପରୀକ୍ଷା ଉପବିଭାଗ
ସାଧାରଣ ନିଯୁକ୍ତି ପରୀକ୍ଷା (ସିଆର୍‌ଇ) - ୨୦୨୫
ବିଜ୍ଞାପନ ନଂ. ୨୭୦/୨୦୨୫

**ଅଂଶଗ୍ରହଣକାରୀ ଏଆଇଆଇଏମ୍‌ଏସ୍ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ର ସରକାରୀ ଚିକିତ୍ସାଳୟଗୁଡ଼ିକରେ ବିଭିନ୍ନ ଗ୍ରୁପ୍ 'ବି ଏବଂ ସି' ପଦବୀରେ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପରୀକ୍ଷା (ସିଆର୍‌ଇ)-୨୦୨୫**

ସମସ୍ତ ଅଂଶଗ୍ରହଣକାରୀ ଅନୁଷ୍ଠାନ/ଚିକିତ୍ସାଳୟ ତରଫରୁ ବିଭିନ୍ନ ଗ୍ରୁପ୍ 'ବି ଏବଂ ସି' ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କଠାରୁ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଅନ୍‌ଲାଇନ୍ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି ।

| ଆବେଦନ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ | |
|---|---|
| ଆରମ୍ଭ ତାରିଖ | - ୧୦ ଜୁଲାଇ, ୨୦୨୫ |
| ବନ୍ଦ ତାରିଖ | - ୩୧ ଜୁଲାଇ, ୨୦୨୫ |
| **ନିଯୁକ୍ତି ପରୀକ୍ଷାର ତାରିଖ** | |
| ପ୍ରବେଶ ପତ୍ର ଜାରି କରାଯିବାର ତାରିଖ | - ପରୀକ୍ଷାର ତିନି ଦିନ ପୂର୍ବରୁ |
| ପରୀକ୍ଷା କେନ୍ଦ୍ରର ପରୀକ୍ଷା ସହର ସମ୍ପର୍କରେ ସୂଚନା | - ପରୀକ୍ଷାର ଏକ ସପ୍ତାହ ପୂର୍ବରୁ |
| ପରୀକ୍ଷା ତାରିଖ | - ୨୫ ଓ ୨୬ ଅଗଷ୍ଟ, ୨୦୨୫ (ସମ୍ଭାବ୍ୟ) |

**ଆବେଦନ ଦେୟ:**
କ) ସାଧାରଣ/ଓବିସି ପ୍ରାର୍ଥୀ : ଟ.୩୦୦୦/– (ତିନି ହଜାର ଟଙ୍କା ମାତ୍ର)
ଖ) ଏସ୍‌ସି/ଏସ୍‌ଟି ପ୍ରାର୍ଥୀ/ଇଡବ୍ଲ୍ୟୁଏସ୍ : ଟ.୨୪୦୦/– (ଚବିଶ ଶହ ଟଙ୍କା ମାତ୍ର)
ଗ) ଭିନ୍ନକ୍ଷମ ବ୍ୟକ୍ତିବିଶେଷ : ଛାଡ଼

- ପ୍ରାର୍ଥୀମାନେ ଡେବିଟ୍ କାର୍ଡ/କ୍ରେଡିଟ୍ କାର୍ଡ/ନେଟ୍ ବ୍ୟାଙ୍କିଙ୍ଗ୍ ଜରିଆରେ ନିର୍ଦ୍ଧାରିତ ଆବେଦନ ଦେୟ ପୈଠ କରିପାରିବେ । ବ୍ୟାଙ୍କକୁ ପୈଠଯୋଗ୍ୟ ପ୍ରଯୁଜ୍ୟ ନେଣଦେଣ/ପ୍ରକ୍ରିୟାକରଣ ଦେୟ, ଯଦି ଥାଏ, ପ୍ରାର୍ଥୀମାନଙ୍କ ଦ୍ୱାରା ପୈଠ କରାଯିବ ।
- ଆବେଦନ ଦେୟ ଥରେ ପୈଠ ହୋଇଯିବା ପରେ ତାହାକୁ କୌଣସି ପରିସ୍ଥିତିରେ ମଧ ଫେରସ୍ତ କରାଯିବ ନାହିଁ ।
- ନିର୍ଦ୍ଧାରିତ ଦେୟ ବିନା ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ଏବଂ ବିଧିବଦ୍ଧ ଭାବେ ନାକଚ କରାଯିବ ।
- ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କ ଆବେଦନ ଦେୟକୁ ପରୀକ୍ଷାଫଳ ଘୋଷଣା ହେବା ପରେ ଯଥା ସମୟରେ ଫେରସ୍ତ କରାଯିବ ।

**ଗୁରୁତ୍ୱପୂର୍ଣ୍ଣ:** ସବିଶେଷ ସୂଚନା ପାଇଁ ଦୟାକରି ୱେବ୍‌ସାଇଟ୍ **www.aiimsexams.ac.in** କିମ୍ବା ସମ୍ପୃକ୍ତ ଅଂଶଗ୍ରହଣକାରୀ ଅନୁଷ୍ଠାନ/ଚିକିତ୍ସାଳୟ ପରିଦର୍ଶନ କରନ୍ତୁ ।

- ଯୋଗ୍ୟ ପ୍ରାର୍ଥୀମାନଙ୍କର ଆବେଦନ ସ୍ଥିତି ଏବଂ ପ୍ରବେଶ ପତ୍ର କେବଳ ଏଆଇଆଇଏମ୍‌ଏସ୍ ୱେବ୍‌ସାଇଟ୍ **www.aiimsexams.ac.in** ରେ ଅପ୍‌ଲୋଡ୍ କରାଯିବ । ଯଦି ଆବେଦନ ଦାଖଲ କରିବା ସମୟରେ କୌଣସି ପ୍ରାର୍ଥୀ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେ 'ମାଇଁ ପେଜ୍ (ଡ୍ୟାଶ୍‌ବୋର୍ଡ)'ରେ ଲଗ୍ ଇନ୍ କରି ସେ ପ୍ରଶ୍ନ ଉଠାଇପାରିବେ ।
- ପରବର୍ତ୍ତୀ ସମସ୍ତ ଶୁଦ୍ଧିପତ୍ର/ଯୋଗପତ୍ର/ଅପ୍‌ଡେଟ୍ କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ, ତେଣୁ ସମସ୍ତ ଆବେଦନକାରୀ ନିୟମିତ ଭାବେ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ ।

CBC 17112/12/0018/2526
ସ୍ୱା./- ସହକାରୀ ନିୟନ୍ତ୍ରକ (ପରୀକ୍ଷା)

## ୧୫୦ କେଜି ଗଞ୍ଜେଇ ସହ କାର ଜବତ

ତୁମୁଡ଼ିବନ୍ଧ, (ଦିପକ କୁମାର ପରାସେଠ) ତୁମୁଡ଼ିବନ୍ଧ ଥାନା ଆନ୍ତର୍ଗତ କାଳିସାପାଦର ରାସ୍ତା ୫ନଂ. ରାଜ୍ୟ ରାଜପଥରେ ଏକ ଗଞ୍ଜେଇ ଭର୍ତ୍ତି କାର ଜବତ କରାଯାଇଛି। ସୂଚନା ଅନୁସାରେ ବାଲୁଗୁଡାଠାରୁ ମୁନିଗୁଡା ଅଭିମୁଖେ ଏକ କାର (ଓଡି ୦୫ଏ ୩୨୯୧) ଗାଡ଼ି ସହ ୧କୁଇଣ୍ଟାଲ ୫୦କେଜି ଗଞ୍ଜେଇ ତୁମୁଡ଼ିବନ୍ଧ ପୋଲିସ ଜବତ କରିଛି। ପରେ ତୁମୁଡ଼ିବନ୍ଧ ଅତିରିକ୍ତ ତହସିଲଦାର ସୁନୀଲ କୁମାର ନାୟକ ଘଟଣା ସ୍ଥଳରେ ଉପସ୍ଥିତ ରହି ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଏଥିରେ ଥାନା ଅଧିକାରୀ ଆଶୁତୋଷ ଜେନା, ଅମ୍ବିକା ପାତ୍ର, ଅନନ୍ତ ପ୍ରଧାନ, ମନୋରଞ୍ଜନ କହଁର, ଏଏସାଇ ସଞ୍ଜୟ କୁମାର ପ୍ରଧାନ, ଅଶୋକ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

**ସଂକ୍ଷେପରେ**

### ବିଭାଗ ଧରୁନି ଚୋରାକାଠ

ଗଞ୍ଜାମ,୧୧।୭(ବିଦ୍ୟାଧର ସାହୁ)– ରମ୍ଭା ବନାଞ୍ଚଳରୁ ଅଧିକାଂଶ ସମୟରେ ମୂଲ୍ୟବାନ କାଠ ଅବାଧରେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନ ନେଇ ବନ ବିଭାଗ ନୀରବ ରହିଛି। ଚୋରାକାଠ ବ୍ୟବସାୟ କରୁଥିବା ଚାଲାଣକାରୀଙ୍କ ସହ ବିଭାଗୀୟ କର୍ମଚାରୀଙ୍କ ସଲାସୁତରା ହୋଇଥିବାରୁ ସେମାନେ ହାତବାନ୍ଧି ବସିଥିବା ସାଧାରଣରେ ଆଲୋଚନା ହେଉଛି। ଭୋର ସମୟରେ ପିକଅପ ଭ୍ୟାନ ଓ ୪୦୭ ଗାଡ଼ିରେ ବିଭିନ୍ନ ଅଞ୍ଚଳକୁ କାଠ ଚୋରା ଚାଲାଣ ହେଉଛି।

### ବିଦ୍ୟାଳୟରେ ବନ ମହୋତ୍ସବ

ଧରାକୋଟ,୧୧।୭ (ବିଷ୍ଣୁ ଚରଣ ଆଚାର୍ଯ୍ୟ) ଧରାକୋଟ ବ୍ଲକ୍ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜଗମୋହନରେ ବନମହୋତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ନୀଳାଚଳ ସାହୁ, ସମ୍ମାନୀତ ଅତିଥି ଭାବେ ସମାଜିକକର୍ମୀ ପ୍ରମୋଦ ମହାରଣା ଓ ଆସିକା ବନ ଉପଖଣ୍ଡର ବିଷ୍ଣୁପ୍ରିୟା ପ୍ରଧାନ ଯୋଗଦେଇଥିଲେ। ଅତିଥି ବୃନ୍ଦ ଛାତ୍ରୀଛାତ୍ରଙ୍କୁ ବୃକ୍ଷ ରୋପଣର ମହତ୍ତ୍ୱ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କାଉଟ ମାଷ୍ଟର କାଳୁ ଚରଣ ସ୍ୱାଇଁ, ଜେଆରସି କାଉନସିଲର ଜଗବନ୍ଧୁ ଦଳାଇ, ଶିକ୍ଷକ ସନ୍ତୋଷ ସାହୁ ଓ ଶିକ୍ଷୟିତ୍ରୀ ବାଣିଶ୍ରୀ ଶତପଥୀ ପରିଚାଳନା କରିଥିଲେ।

### ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ବେଲଗୁଣ୍ଠା,୧୧।୭ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ବ୍ଲକ୍ ବୋରୀପଦର ଶ୍ରୀଶାକମ୍ଭରୀ ବିଦ୍ୟାପୀଠରେ ବିଜୁଳି ଏବଂ ବଜ୍ରପାତ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଛାତ୍ରୀଛାତ୍ର ପ୍ଲାକାର୍ଡ ଏବଂ ସ୍ଲୋଗାନ୍ ମାଧ୍ୟମରେ ବଜ୍ରପାତରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଓ ମାଆଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶିକ୍ଷକ ମୁନା ସାହୁ, ବୀରେନ୍ଦ୍ର ପ୍ରଧାନ, ପ୍ରତିମା ମହାପାତ୍ର, ବିନୀତା ପ୍ରଧାନ ସହଯୋଗ କରିଥିଲେ।

### ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୧୧।୭(ଗିରିଧାରୀ ପରିଛା) ଓଡ଼ିଶା ସାହିତ୍ୟ ଏକାଡେମୀର ୨୫ରେ ହେବାକୁ ଥିବା ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଏକାଡେମୀ ପକ୍ଷରୁ ଜିଲାସ୍ତରୀୟ ପ୍ରତିଯୋଗିତା ମହେନ୍ଦ୍ରଗିରି ପୌର ପରିଷଦ ସରକାରୀ ଉଚ୍ଚ ବିଦ୍ୟାଳୟ ପାରଳାଖେମୁଣ୍ଡିରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ କରାଯାଇଛି। ପ୍ରବନ୍ଧ,ବକ୍ତୃତା, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଛି। ଜିଲାର ସବୁ ବ୍ଲକର କୃତକାର୍ଯ୍ୟ ହୋଇଥିବା କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଅଧ୍ୟକ୍ଷତା କରିଥିଲେ। ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଶ୍ୱେତା ପଟ୍ଟନାୟକ, ବିଚିତ୍ରା ନନ୍ଦ ବେବର୍ତ୍ତା, ଅଧ୍ୟାପିକା ଡ. କଲ୍ୟାଣୀ ମିଶ୍ର, ଅଧ୍ୟାପିକା ଭାରତୀ ପାଣିଗ୍ରାହୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରଧାନଶିକ୍ଷକ ଓ ମନୋଜ ଲିମ୍ମା ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବର୍ଗ ବର୍ଗରେ ଅଂଶଗ୍ରହଣ କରିବେ।

### ବିଧାୟକଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ

ଦିଗପହଣ୍ଡି,୧୧।୭(ଅଶେଷ ନାଥ ମିଶ୍ର) ଗୁରୁ ପୂର୍ଣ୍ଣିମା ଅବସରରେ ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଗୁରୁମାନଙ୍କ ବାସଭବନରେ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି। ସେମାନଙ୍କ ମଧ୍ୟରେ ବୋରିପଦର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରୀଶ ଚନ୍ଦ୍ର ମିଶ୍ର, ଭିଷ୍ମଗିରି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ପାଢୀ, ରାମଜୀ ମଠ ମହନ୍ତ ପଦ୍ମଲୋଚନ ଦାସ, ବମକୋଇ ଗ୍ରାମର ପ୍ରହ୍ଲାଦ ନାଟକ ଗୁରୁ ସୀମାଞ୍ଚଳ ପାତ୍ର ଏବଂ ପଦ୍ମନାଭପୁର ଗ୍ରାମର ପଶୁମୁଖା କାରିଗର କଇରା ରେଡ୍ଡୀ ରହିଛନ୍ତି।

# ଦିବ୍ୟାଙ୍ଗ ହନ୍ତସନ୍ତ, ୧୪ ମାସ ପରେ ମିଳୁଛି ସାର୍ଟିଫିକେଟ

**ଗଞ୍ଜାମ ସିଡିଏମ୍‌ଓ ଅଫିସରେ ପଡ଼ିରହିଛି ୧୪ ହଜାର ଆବେଦନ**

ଛତ୍ରପୁର,୧୧।୭(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲାରେ କୌଣସି ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଁ ଆବେଦନ କଲେ ପ୍ରାୟ ୧୪ ମାସ ପରେ ମିଳୁଛି। କେବଳ ସେତିକି ନୁହେଁ, ଏଥିପାଇଁ ବହୁ ଧାଁ ଦଉଡ଼ କରିବାକୁ ପଡୁଛି। ସାର୍ଟିଫିକେଟ ପାଇଁ ଆବେଦନ ଠାରୁ ଆରମ୍ଭ କରି ଅନ୍‌ଲାଇନ ସମସ୍ୟା, ଆବଶ୍ୟକ ଡକ୍ୟୁମେଣ୍ଟ ଦାଖଲ, ମେଡିକାଲ ବୋର୍ଡ ଆଗରେ ହାଜର ହେବାକୁ ପଡୁଛି। ଏଥିଲାଗି ଜିଲ୍ଲାର ଅନେକ ଦିବ୍ୟାଙ୍ଗ ଆବେଦନ କରୁନ ଥିବା ବେଳେ ଆଉ କେହି ଆବେଦନ କରି ମେଡିକାଲ ବୋର୍ଡର ସାମ୍ନା କରୁନାହାନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ) ଅଫିସରେ ଦିବ୍ୟାଙ୍ଗ ମେଡିକାଲ ସାର୍ଟିଫିକେଟ ପାଇଁ ପ୍ରାୟ ୧୪ ହଜାର ଆବେଦନ ଫଇସଲା ନ ହୋଇ ପଡିରହିଛି।

୨୦୧୧ ଜନଗଣନା ବେଳେ ଗଞ୍ଜାମ ଜିଲ୍ଲାରେ ୧ ଲକ୍ଷ ୧୨ ହଜାର ଦିବ୍ୟାଙ୍ଗ ଥିଲେ। ୨୫ ବର୍ଷରେ ଏହି ସଂଖ୍ୟା ୧ ଲକ୍ଷ ୫୦ ହଜାରରେ ପହଞ୍ଚି ସାରିଲାଣି। ତେବେ ସମସ୍ତଙ୍କ ପାଖରେ ଦିବ୍ୟାଙ୍ଗ ମେଡିକାଲ ପ୍ରମାଣପତ୍ର ନ ଥିବା ଜଣାଯାଇଛି। ବ୍ରହ୍ମପୁରସ୍ଥିତ ସିଡିଏମଓ ଅଫିସ୍‌ରେ ଦିବ୍ୟାଙ୍ଗ ମେଡିକାଲ ସାର୍ଟିଫିକେଟ ପାଇଁ ୧୪ ହଜାର ଆବେଦନ ଫଇସଲା ଲାଗି ପଡିରହିଛି। ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସମ୍ପାଦକ ଡା. କେ ଆନନ୍ଦ ରାଓ ଏହି ସୂଚନା ଦେଇଛନ୍ତି। ବର୍ଷକୁ ଥରେ ଦିବ୍ୟାଙ୍ଗ ମେଡିକାଲ ସାର୍ଟିଫିକେଟ ନବୀକରଣ ପାଇଁ ଅନଲାଇନରେ ଆବେଦନ କରି ସିଡିଏମଓ ଅଫିସରେ ମେଡିକାଲ ବୋର୍ଡ ଆଗରେ ଦିବ୍ୟାଙ୍ଗଙ୍କୁ ହାଜର ହେବାକୁ ପଡିଥାଏ। ତେବେ ଏହି ମେଡିକାଲ ପ୍ରମାଣପତ୍ର ପାଇବାକୁ ୧୪ ମାସ ଲାଗୁଥିବା ସମ୍ପାଦକ ରାଓ କହିଛନ୍ତି। ଫଳରେ ସରକାରୀ ପ୍ରଦତ୍ତ ମାସିକ ପେନସନ ବନ୍ଦ ରହିଥାଏ। ଦିବ୍ୟାଙ୍ଗ ମେଡିକାଲ ସାର୍ଟିଫିକେଟର ଅବଧି ବର୍ଷେ ରହିଥାଏ। ଦୈନିକ ମେଡିକାଲ ବୋର୍ଡ ଆଗରେ ୧୫୦ରୁ ୨୦୦ ଜଣ ଦିବ୍ୟାଙ୍ଗ ହାଜର ହେଉଛନ୍ତି। ସେପଟେ ଦୈନିକ ମାତ୍ର ୩୦ ଦିବ୍ୟାଙ୍ଗ ମେଡିକାଲ ସାର୍ଟିଫିକେଟ ଅନଲାଇନରେ ଅପଲୋଡ଼ ହୋଇପାରୁଛି। ଆହୁରି ଜଣାଯାଇଛି ଯେ, ପୂର୍ବରୁ ଏହି କାର୍ଯ୍ୟ ସମ୍ପାଦନ ପାଇଁ ୪ ଜଣଙ୍କ ପାଖରେ ଆଇଡି ଥିବାବେଳେ ଏବେ ମାତ୍ର ଜଣଙ୍କ ପାଖରେ ରହିଛି। ଫଳରେ ସମସ୍ୟା ହେଉଛି। ଏହି ପ୍ରମାଣପତ୍ର ପାଇବା ପାଇଁ ପ୍ରଥମେ ଅନଲାଇନରେ ଆବେଦନ, ପରେ ଡକ୍ୟୁମେଣ୍ଟ ଯାଞ୍ଚ ପାଇଁ ଯିବା, ଏହାପରେ ମେଡିକାଲ ବୋର୍ଡ ଆଗରେ ହାଜର ଏବଂ ଶେଷରେ ପ୍ରମାଣପତ୍ର ଡାଉନଲୋଡ଼ ପାଇଁ ଜନସେବା କେନ୍ଦ୍ରକୁ ଦିବ୍ୟାଙ୍ଗମାନଙ୍କୁ ଯିବାକୁ ପଡୁଛି। ଏବେ ଡିଜିଟାଲ ସାର୍ଟିଫିକେଟ ମିଳୁଛି । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତ କରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଛତ୍ରପୁର ଆସିଥିବାବେଳେ ଗଞ୍ଜାମ ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସମ୍ପାଦକ ଡା. କେ ଆନନ୍ଦ ରାଓ ଏହି ସମସ୍ୟା ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଧମକ ଘଟଣା
# ଠିକାଦାର ବାପପୁଅ ସମେତ ୩ ଗିରଫ

ପୁରୁଷୋତ୍ତମପୁର,୧୧।୭(ସୀମାଞ୍ଚଳ ମିଶ୍ର) ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନଏସିରେ ନିର୍ବାହି ଅଧିକାରୀ ଗୋବିନ୍ଦ ଡନସେନାଙ୍କୁ ଗୁଳି କରିଦେବା ଓ ମାଡ଼ ମାରିବାକୁ ଧମକ ଦେବା ସହ ଗାଳିଗୁଲଜ କରିବା ଘଟଣାରେ ଠିକାଦାର ବାପ, ପୁଅ ସମେତ ତିନିଜଣଙ୍କୁ ପୋଲିସ ଶୁକ୍ରବାର ଗିରଫକରି କୋର୍ଟ ଚାଲାଣ କରିଥିବା ଆଇଆଇସି ରାଜେଶ ନାୟକ କହିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ନାରାୟଣ ପ୍ରସାଦ ମହାପାତ୍ର, ଆଶିଷ ମହାପାତ୍ର ଓ ଦୀପକ ଗୌଡ। ଗତମାସ ୩୦ ତାରିଖରେ ନିର୍ବାହୀ ଅଧିକାରୀ ଡନସେନା ତାଙ୍କ ପ୍ରକୋଷ୍ଠରେ ବସିଥିବା ବେଳେ ଠିକାଦାର ନାରାୟଣ ଓ ତାଙ୍କ ପୁଅ ଆଶିଷ କାର୍ଯ୍ୟାଳୟକୁ ଆସି ଠିକାରେ କରିଥିବା ଗୋପାଳବନ୍ଧ କାର୍ଯ୍ୟର ବିଲ୍ କରିବା ଲାଗି କହିଥିଲେ। ମାତ୍ର ବର୍ତ୍ତମାନ ଫଣ୍ଡରେ ଟଙ୍କା ନ ଥିବା ଏବଂ ସହରରେ ହୋଇଥିବା କାମ୍ବକୁ ନେଇ ସହରବାସୀ ଭିଜିଲାନ୍ସରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପରେ ଓ ଫଣ୍ଡକୁ ଟଙ୍କା ଆସିଲେ ବିଲ୍ କରାଯିବ ବୋଲି କହିଥିଲେ। ଏହାକୁ ନେଇ ସେମାନେ ନିର୍ବାହୀ ଅଧିକାରୀଙ୍କ ଟେବୁଲ୍‌ପିଟି ଗାଳିଗୁଲଜ କରି ଦୁର୍ବ୍ୟବହାର ପ୍ରଦର୍ଶନ କରି ତାଙ୍କୁ ଗୁଳି କରିଦେବା ଓ ମାଡ଼ ମାରିବାକୁ ଧମକ ଦେଇଥିଲେ। ଏପରିକି ଦିପକ ଗୌଡ ମଧ୍ୟ ଅଫିସରେ ବସିରହି ଅନେକ ସମୟରେ ଖରାପ ଭାଷା ବ୍ୟବହାର କରୁଥିବା ନେଇ ଗତ ୭ ତାରିଖରେ ନିର୍ବାହୀ ଅଧିକାରୀ ଡନସେନା ଥାନାରେ ଅଭିଯୋଗ କରିଥିଲେ। ନଂ. ୫୨୨/୨୫ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରି ଉପରୋକ୍ତ ୩ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

# ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମ




ଫୁଲବାଣୀ,୧୧।୭ (ରାକେଶ କୁମାର ରାଉତ) ଖଜୁରିପଡା ଆମ୍ବେଦ୍‌କର କଲେଜଠାରେ ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ.ପ୍ରଶାନ୍ତ କୁମାର କର, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ପ୍ରମୋଦ କୁମାର ନାୟକ, ବାସୁଦେବ ସାହୁ, ରଶ୍ମୀ ରଞ୍ଜନ ଲେଙ୍କା, ରାମ କୃଷ ପଣ୍ଡା, ମୁଖ୍ୟବକ୍ତା ଭାବେ ଖଜୁରିପଡ଼ା ହାଇସ୍କୁଲର ଅବସର ପ୍ରାପ୍ତ ଶିକ୍ଷାବିତ୍ ପଙ୍କଜ ପ୍ରଧାନ ପ୍ରମୁଖ ଯୋଗଦେଇ ଦେଶର ଜନସଂଖ୍ୟା କିପରି ନିୟନ୍ତ୍ରଣ ହେବ ତାହା ଉପରେ ଆଲଚନା କରିଥିଲେ। ଏହି ଅବସରରେ ଯୁବତୀ ଯୁବକଙ୍କ ମଧ୍ୟରେ ରଚନା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ନେହଲତା ମହାନ୍ତି ପ୍ରଭାସିନୀ ସାହୁ, ଶୁଭଶ୍ରୀ ପଣ୍ଡା, ଜ୍ୟୋର୍ତିମୟୀ ଗଣ୍ଡ ପ୍ରମୁଖ ବିଜୟୀ ହୋଇ ଥିଲେ। କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।

# ଟ୍ରାକ୍ ପାଇଁ ଜମି ଲିଜ୍ ପ୍ରକ୍ରିୟା ଆରମ୍ଭ

**ବ୍ରହ୍ମପୁର ଡ୍ରାଇଭିଂ ଟ୍ରେନିଂ ଇନଷ୍ଟିଚ୍ୟୁଟ**




ଛତ୍ରପୁର,୧୧।୭(ସନ୍ତୋଷ ପାଢ଼ୀ): ବ୍ରହ୍ମପୁର ଉପକଣ୍ଠ ଗୋଳନ୍ଥରା ଥାନା ନିକଟରେ ପାଲୁର ହିଲରେ ରାଜ୍ୟ ପରିବହନ ବିଭାଗର ଡ୍ରାଇଭିଂ ଟ୍ରେନିଂ ଇନଷ୍ଟିଚ୍ୟୁଟ ରହିଛି। ୨୦୨୩ ଅଗଷ୍ଟ ୨୧ ତାରିଖରୁ ଏହା କାର୍ଯ୍ୟକ୍ଷମ ହୋଇଛି। ଏହାର ସମ୍ପ୍ରସାରଣ ସହ ତାଲିମ ପାଇଁ କେତେକ ବୈଷୟିକ କାର୍ଯ୍ୟର ଆବଶ୍ୟକତା ରହିଛି। ତାହା କାର୍ଯ୍ୟକାରୀ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଥିଲା। ଏହି ପରିପ୍ରେକ୍ଷୀରେ ପାଲୁର ହିଲରେ ଗଡ଼ାଣି ଓ ଉଠାଣି ରାସ୍ତାର ଟ୍ରାକ ନିର୍ମାଣ କରାଯିବ। ଏଥିପାଇଁ ଡ୍ରାଇଭିଂ ଟ୍ରେନିଂ ଇନଷ୍ଟିଚ୍ୟୁଟ ପଛପଟେ ପାଲୁର ହିଲରେ ୨୦.୭୮୫୦ ଏକର ଜମିର ଆବଶ୍ୟକତା ପଡୁଛି। ପରିବହନ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗ ନିକଟରେ ଏହି ପତିତ ଜମି ପାଇଁ ଆବେଦନ କରାଯାଇଥିଲା। ଯାହାକି ରାଜସ୍ୱ ବିଭାଗ ମଞ୍ଜୁରୀ ଦେଇସାରିଛି । ଉକ୍ତ ୨୦.୭୮୫୦ ଏକର ଜମି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗକୁ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିଲାଗି ଉକ୍ତ ବିଭାଗର ପ୍ରତିନିଧି ଭାବେ ତଥା ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ ଫର୍ମ ୧–ଏରେ ଉକ୍ତ ସରକାରୀ ଜମି ଲିଜ ପାଇଁ କନିସି ତହସିଲଦାରଙ୍କ ଠାରେ ଆବେଦନ କରିଛନ୍ତି। ଉକ୍ତ ଜମି ବାଣିଜ୍ୟ ଓ ପରିବହନ ବିଭାଗ ନାଁରେ ହେବାପରେ ଗଡ଼ାଣି ଓ ଉଠାଣି ରାସ୍ତା ଟ୍ରାକ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଉକ୍ତ ଡ୍ରାଇଭିଂ ଟ୍ରେନିଂ ଇନଷ୍ଟିଚ୍ୟୁଟର କ୍ୟାମ୍ପସ ୨୦ ଏକର ଜମିରେ ନିର୍ମାଣ ହୋଇଛି। ଏଠାରେ ୨ କି.ମି. ଡ୍ରାଇଭିଂ ତାଲିମ ଟ୍ରାକ ରହିଛି। ଯେଉଁଠାରେ ଡ଼ାଇଭର୍ସନ ଓ ରୋଡ଼ ସାଇନ ରହିଛି। ତେବେ ଉଚିତ ପ୍ରଶିକ୍ଷଣ ପାଇଁ ଗଡ଼ାଣି ଓ ଉଠାଣି ରାସ୍ତା ଟ୍ରାକ ନିର୍ମାଣର ଆବଶ୍ୟକତା ପଡିଛି। ଏହି ଇନଷ୍ଟିଚ୍ୟୁଟ କ୍ୟାମ୍ପସରେ ପ୍ରଶାସନିକ ଭବନ, ୪ କ୍ଲାସ ରୁମ, ୨ ଟି ଲେଖାଏଁ ଅଣଭାରି ଯାନ ଓ ଭାରୀଯାନ ସିମୁଲେଟର୍ସ ରୁମ, ହଷ୍ଟେଲ ଓ କ୍ୟାଣ୍ଟିନ ରହିଛି।

### ଦମ୍ପତିଙ୍କୁ ହତ୍ୟା ଉଦ୍ୟମ ଘଟଣା, ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୧୧।୭(ଅଶେଷ ନାଥ ମିଶ୍ର)– ଗଞ୍ଜାମ ଜିଲା ନୂଆପଡା ଗ୍ରାମରେ ଘଟିଥିବା ଏକ ହତ୍ୟା ଉଦ୍ୟମ ଘଟଣା ଘଟଣାରେ କେ. ନୂଆଗାଁ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୂଆପଡା ଗ୍ରାମ ସାନଦାଣ୍ଡ ସାହିର ଭାସ୍କର ସେଠୀ। ତାଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ସନ୍ଧ୍ୟାରେ ଭାସ୍କର ସେହି ଗ୍ରାମର ଯୁବରାଜ ପେଣ୍ଠ ପ୍ରାଥମିକ ବିଦ୍ୟାଳୟ ସାହିର ସୁବ୍ରତ ସେଠୀଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ସୁବ୍ରତଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ ଲୁହା ଛଡ଼ରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏହା ଦେଖି ସୁବ୍ରତଙ୍କ ସ୍ତ୍ରୀ ସୁଲୋଚନା ପାଟି କରିବାରୁ ଭାସ୍କର ତାଙ୍କ ମୁଣ୍ଡକୁ ମଧ୍ୟ ଲୁହା ଛଡ଼ରେ ପିଟି ଲହୁଲୁହାଣ କରିଦେଇଥିଲେ। ଗୁରୁତର ଅବସ୍ଥାରେ ସୁବ୍ରତ ଓ ତାଙ୍କ ସ୍ତ୍ରୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବମକୋଇ ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରୁ ଉଭୟଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ହୋଇ ଫେରିବା ପରେ ସୁଲୋଚନା କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଆଇଆଇସି କିଶୋର ସାମଲ ନଂ. ୨୩୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଭାସ୍କରଙ୍କୁ ଗିରଫ କରିଥିଲେ।

# ପୋଲ ହେଲା, ଜମିରୁ ହଟିନି ଡାଇଭର୍ସନ ରାସ୍ତା


ଜମିରୁ ହଟି ନ ଥିବା ଡାଇଭର୍ସନ ରାସ୍ତା।

ଖଜୁରିପଡ଼ା,୧୧।୭ ( ବିଦୁର ବେହେରା) ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଦୂତିପଡା ନିକଟସ୍ଥ ଜାମଝୋରିଠାରେ ପୂର୍ତ୍ତବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପୋଲ ନିର୍ମାଣ କରାଯାଇଛି। ଏହି ପୋଲ ନିର୍ମାଣ ବେଳେ ଫୁଲବାଣୀରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ୫୭ ନଂ. ଜାତୀୟ ରାଜପଥର ଜାମ ଝୋରିଗାଁଠାରେ ରାସ୍ତା ଖୋଳି ଡାଇଭର୍ସନ ରାସ୍ତା କରାଗଲା। ତାପରେ ପୋଲ ନିର୍ମାଣ କରାଗଲା। ପୋଲ କାର୍ଯ୍ୟ ସରି ଦୀର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା ଡାଇଭରସନ ରାସ୍ତା ସଫା କରିବାକୁ ଠିକା ସଂସ୍ଥା ଏବଂ ବିଭାଗ ଭୁଲି ଯାଇଛନ୍ତି। ବର୍ତ୍ତମାନ ଚାଷ କାର୍ଯ୍ୟ ଆରମ୍ଭ ହେଲାଣି। ଚାଷ ଜମି ଉପରେ ଡାଇଭରସନ ରାସ୍ତା କରାଯାଇଥିଲା। ଯାହା ଧାନ ଚାଷ ପାଇଁ ଚାଷୀଙ୍କୁ ବାଧକ ସାଜୁଛି। ତେଣୁ ଚାଷ ଜମିରୁ ଡାଇଭରସନ ରାସ୍ତା ସଫା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ସେହିପରି ପୋଲ ପରେ ଡ୍ରେନ୍ ନିର୍ମାଣ ନ କରାଯିବାରୁ ଗୋବିନ୍ଦ ଚନ୍ଦ୍ର ଦିଗାଲଙ୍କ ଘର କାନ୍ଥ ଦେଇ ପାଣି ଯାଉଛି। ପାଚେରି ନଷ୍ଟ ହେବା ଆଶଙ୍କା ରହୁଛି। ତେଣୁ ଡ୍ରେନ ନିର୍ମାଣ କରିବାକୁ ଗୋବିନ୍ଦ ଚନ୍ଦ୍ର ଦିଗାଲ ଗଣମାଧ୍ୟମରେ ଜରିଆରେ ବିଭାଗକୁ ଜଣାଇଛନ୍ତି। ଘରର କିଛି କ୍ଷତି ହେଲେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

# ନିର୍ମାଣ ହେବ ଲଣ୍ଡେଇସାହି ବାଇପାସ୍ ରାସ୍ତା

**ପ୍ରସ୍ତାବିତ ରାସ୍ତା ପରିଦର୍ଶନ କଲେ ବିଧାୟକ**

ଭଞ୍ଜନଗର,୧୧।୭(ବାବୁଲା ପ୍ରଧାନ): ଭଞ୍ଜନଗର ସହରତଳି ଲଣ୍ଡେଇସାହି ବାସିନ୍ଦାଙ୍କ ବହୁ ବର୍ଷର ବାଇପାସ ରାସ୍ତା ଆଶା ପୂରଣ ହେବାକୁ ଯାଉଛି। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଶୁକ୍ରବାର ଲଣ୍ଡେଇସାହି ବାଇପାସ୍ ରାସ୍ତା ହେବାକୁ ଥିବା ଅଞ୍ଚଳ ବୁଲି ଦେଖିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହା ଜାଣିବା ପରେ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ବିଧାୟକଙ୍କ ଗସ୍ତ ସମୟରେ କଲେଜ ଅଧକ୍ଷ ରାଜେନ୍ଦ୍ର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ଏମ୍‌ପି ପ୍ରତିନିଧି ରବିନ୍ଦ୍ର ଗୌଡ ଉପସ୍ଥିତ ଥିଲେ।

ଲଣ୍ଡେଇସାହିକୁ ଲାଗି ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏବଂ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଭଳି ଅନେକ ଅନୁଷ୍ଠାନ ରହିଛି। ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ଯୋଗୁ ଘର ସଂଖ୍ୟା ମଧ ବଢ଼ିଛି। ଜନସାଧାରଣଙ୍କ ଗମନାଗମନ ପାଇଁ ଉପଯୁକ୍ତ ରାସ୍ତାଟିଏ ନାହିଁ। ଲଣ୍ଡେଇ ସାହିରେ ଥିବା ଏକମାତ୍ର ମୁଖ୍ୟ ରାସ୍ତା ବହୁତ ସଙ୍କୁଚିତ ହୋଇଯାଇଛି। ଦୈନନ୍ଦିନ ଉକ୍ତ ରାସ୍ତାରେ ହଜାର ହଜାର ଛୋଟ ବଡ ଯାନବାହାନ ଚଳାଚଳ କରୁଛି। ସଙ୍କୁଚିତ ରାସ୍ତା ଯୋଗୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ତେଣୁ ଲୋକେ ବାଇପାସ ରାସ୍ତା ନିର୍ମାଣ ପାଇଁ ବିଧାୟକ ନାୟକଙ୍କୁ ଅନୁରୋଧ କରିଥିଲେ। ବିଧାୟକ ଶୁକ୍ରବାର ଉକ୍ତ ରାସ୍ତା କିଭଳି ଖୋଲିବ ସେ ନେଇ ବୁଲି ଦେଖିଥିଲେ। ସୂଚନାଯୋଗ୍ୟ, ୧୯୬୦ରେ କେଏସୟୁବି କଲେଜ ନିର୍ମାଣ ହୋଇଥିଲା। ୧୯୮୧ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ କେଏସୟୁବି କଲେଜକୁ ଲାଗି ହୋଇଥିଲା। ଏହି ୨ କଲେଜ ମଝିରେ ଏକ ଦଣ୍ଡା ରାସ୍ତା ଥିଲା। ଉକ୍ତ ରାସ୍ତାକୁ ଉଭୟ କଲେଜ ଅକ୍ତିଆର କରି ପାଚେରି ନିର୍ମାଣ କରି ଦେଇଥିଲେ। ସେ ସମୟରେ ଉକ୍ତ ରାସ୍ତାରେ ବେଶୀ ଯାତାୟାତ ନ ଥିବାରୁ ଲୋକେ ପାଚେରି ନିର୍ମାଣକୁ ବିରୋଧ କରି ନ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜନସଂଖ୍ୟା ବୃଦ୍ଧି ଯୋଗୁ ବିକଳ୍ପ ରାସ୍ତାର ଆବଶ୍ୟକତା ପଡ଼ିଥିଲା। ଏ ନେଇ ଲୋକେ ଅନେକ ସମୟରେ ବାଇପାସ ରାସ୍ତା ପାଇଁ ଦାବି କରି ଆସୁଥିଲେ।

### ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

ଛତ୍ରପୁର,୧୧।୭(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ଛତ୍ରପୁର ଏନ୍‌ଏସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୪୧ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଶନ କାର୍ଡ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି.ପାପା ରାଓ, କାଉନସିଲର ଏମ. ଅରୁନ୍ଧତୀ ରେଡ୍ଡୀ, ଟି. ଗଣେଶ ରେଡ୍ଡୀ, ଅମରେଶ ମହାରଣା ଉପସ୍ଥିତ ଥିଲେ । ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶ ସଂଯୋଜନା କରିଥିଲେ।


# ବିଜୁ ଗାଁ ଗାଡ଼ି ଚଳାଚଳରେ ପ୍ରତିବନ୍ଧକ

**ବିଧାୟକଙ୍କୁ ଭେଟିଲେ ଗାଡ଼ିମାଲିକ**


ଗାଡ଼ିମାଲିକମାନେ ବିଧାୟକଙ୍କୁ ଭେଟି ଆଲୋଚନା କରୁଛନ୍ତି।

ପାରଳାଖେମୁଣ୍ଡି,୧୧।୭(ଗିରିଧାରୀ ପରିଛା) ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ଗମନାଗମନର ସୁବିଧା ପାଇଁ ତତ୍କାଳୀନ ସରକାର ୨୦୧୪ରେ ବିଜୁ ଗାଁ ଗାଡ଼ି ଯୋଜନା ଆରମ୍ଭ କରିଥିଲେ। ଉପାନ୍ତ ଅଞ୍ଚଳର ଅର୍ଥନୈତିକ ଉନ୍ନତି କରିବା ସହ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକେ ସହଜରେ କିପରି ସହର ସହ ଯୋଡ଼ି ହୋଇପାରିବେ ସେହି ଲକ୍ଷ୍ୟରେ ବିଜୁ ଗାଁ ଗାଡ଼ି ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୫ ପ୍ରତିଶତ ସବ୍‌ସିଡିରେ ଋଣ ସୁବିଧା ଥିବାରୁ ଅନେକ ବ୍ୟକ୍ତି ଋଣରେ ବସ୍, ମିନିବସ, ଟ୍ୟାକ୍ସି କ୍ରୟ କରି ଅଞ୍ଚଳରେ ପରିବହନ ସେବା ଯୋଗାଇ ଦେଉଥିଲେ। ସେମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ସରକାର ଟ୍ୟାକ୍ସ ଓ ପର୍ମିଟ ଫ୍ରି କରିଥିଲେ। ମାତ୍ର ଏବେ କିଛି ମାସ ହେଲା ଗଜପତି ଜିଲା ଗୁମ୍ମା ବ୍ଲକରେ ଚଳାଚଳ କରୁଥିବା ବିଜୁ ଗାଁ ଗାଡ଼ିଗୁଡ଼ିକୁ ଚଳାଚଳ ନ କରିବାକୁ ନିର୍ଦ୍ଦେଶ ହୋଇଥିବା ଅଭିଯୋଗ ହୋଇଛି। ଗାଁ ଗୁଡ଼ିକ ପାଇଁ ପରମିଟ ଓ ଟ୍ୟାକ୍ସ ନ ଥିବା ଦର୍ଶାଇ ୪ଟି ବିଜୁ ଗାଁ ଗାଡ଼ିକୁ ବ୍ଲକ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ବର୍ଷାରେ ଗାଡ଼ିଗୁଡ଼ିକ କଳଙ୍କି ଲାଗି ନଷ୍ଟ ହେଉଥିବା ଦେଖି ଗାଡି ମାଲିକମାନେ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ଏନେଇ ବିଧାୟକ ପାଣିଗ୍ରାହୀ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଆରଟିଓ ପିକେ ଦାସଙ୍କୁ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଗାଡ଼ିଗୁଡ଼ିକ ଚଳାଚଳ କରିବ ବୋଲି ବିଧାୟକଙ୍କୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ବୃଦ୍ଧି ପାଉଛି ଗୟଳ ବଂଶ


ବନଖଣ୍ଡରେ ଦେଖାଯାଉଥିବା ଗୟଳ।

- ୫ ଦିନରେ ୩ ଜିଲା ଗସ୍ତ କରିବେ ପିସିସିଏଫ୍
- ଘୁମୁସର ବନଖଣ୍ଡ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ବାସସ୍ଥଳୀ

ଭଞ୍ଜନଗର,୧୧।୭(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ବାସସ୍ଥଳୀ ପାଲଟିଛି। ଏହି ବନଖଣ୍ଡରେ ବିରଳ ଗୟଳ ବଂଶ ଇତିମଧ୍ୟରେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଏଥିସହ କୃଷ୍ଣସାର ମୃଗ, ହାତୀ, କଲରାପତରିଆ ବାଘ ସଂଖ୍ୟା ମଧ୍ୟ ପୂର୍ବ ଅପେକ୍ଷା ବୃଦ୍ଧି ପାଇଛି। ଏହି ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ମାଳତୀ ସଂରକ୍ଷିତ ଜଙ୍ଗଲରେ ଶତାଧିକ ଗୟଳ ସୁରକ୍ଷିତ ଭାବେ ଚଳପ୍ରଚଳ କରୁଛନ୍ତି। ଉକ୍ତ ବଂଶର ବୃଦ୍ଧି ପାଇଁ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ଜଙ୍ଗଲରେ ନୂତନ ପୋଖରୀ ନିର୍ମାଣ ହେଉଛି। ଏଥିସହ ପୁରାତନ ପୋଖରୀଗୁଡ଼ିକର ପୁନରୁଦ୍ଧାର କରାଯାଉଛି। ଚାରଣ ଭୂମି ମଧ୍ୟ ପ୍ରସ୍ତୁତ କରାଯାଉଛି। ଆଗାମୀ ଦିନରେ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ୱାଚ ଟାୱାର ନିର୍ମାଣ ହେବ। ଗୟଳ ଗଣନା ଏହି ବନଖଣ୍ଡରେ ହୋଇ ନ ଥିବା ବେଳେ ଆଗାମୀ ଦିନରେ ତାହାର ଗଣନା ପାଇଁ ପ୍ରସ୍ତୁତି ଚାଲିଛି। ମହାବଳ ବାଘର ଖାଦ୍ୟ ହେଉଛି ଗୟଳ। କିନ୍ତୁ ଏହି ବନଖଣ୍ଡରେ ମହାବଳ ବାଘ ନ ଥିବା ବେଳେ ଶିକାରୀମାନେ ତାହାରି ଉପରେ ନଜର ପକାଉ ନାହାନ୍ତି। ତେଣୁ ଗୟଳ ବଂଶ ଧିରେ ଧିରେ ବୃଦ୍ଧି ପାଉଛି। କିଛି ମାସ ପୂର୍ବେ ମହାରାଷ୍ଟ୍ରରୁ ଏହି ବନଖଣ୍ଡକୁ ଚାଲିଆସିଥିବା ମହାବଳ ବାଘଟି ଦୁଇଟି ଗୟଳ ମାରି ଖାଇଥିଲା। ଏଥିସହ ଏହି ବନଖଣ୍ଡର ଗାଲେରୀ ରେଞ୍ଜ ଚନ୍ଦ୍ରଗିରି ଏବଂ ଆମ୍ବଝାରି ଜଙ୍ଗଲରେ ଗୟଳ ଦେଖାଯାଆନ୍ତି। ରାଜ୍ୟର ମହାନଦୀ ବନ୍ୟପ୍ରାଣୀ ଅଭୟାରଣ୍ୟ, ଦେବ୍ରିଗଡ ଅଭୟାରଣ୍ୟ ସମେତ ଆଉ କେତେକ ଅଞ୍ଚଳରେ ମଧ ଗୟଳ ଦେଖାଯାନ୍ତି। ଏନେଇ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। କେତେକ ବିରଳ ବନ୍ୟପ୍ରାଣୀ ଏହି ବନଖଣ୍ଡରେ ଅଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଶୁକ୍ରବାରଠାରୁ ପାଞ୍ଚ ଦିନିଆ ଗଞ୍ଜାମ, କନ୍ଧମାଳ ଏବଂ ବଉଦ ଜିଲା ଗସ୍ତରେ ପିସିସିଏଫ ସୁରେଶ ପନ୍ଥ ଆସୁଛନ୍ତି। ପ୍ରଥମ ଦିନ ପିସିସିଏଫ ବ୍ରହ୍ମପୁର ବନଖଣ୍ଡର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିବେ। ଶନିବାର ଦିଗପହଣ୍ଡି ରେଞ୍ଜ ସମେତ ଭଞ୍ଜନଗର ଘୁମୁସର ଦକ୍ଷିଣ ବନଖଣ୍ଡ ଏବଂ ଉତ୍ତର ବନଖଣ୍ଡର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ। ରବିବାର ମୁଜାଗଡ଼ଠାରେ ଏକ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ବାଲିଗୁଡା ବନଖଣ୍ଡର ଦାରିଙ୍ଗିବାଡି ସେ ଅଭିମୁଖେ ଯିବେ। ମଙ୍ଗଳବାର ବଉଦ ବନଖଣ୍ଡ ପରିଦର୍ଶନରେ ଯିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଏହି ବନଖଣ୍ଡର ଏକ ରେଞ୍ଜରେ କଳା କଲରାପତରିଆ ବାଘ ରହିଥିବା ଦେଖିବାକୁ ମିଳୁଛି।

## ସଂକ୍ଷେପରେ

### ସ୍ୱରାଷ୍ଟ୍ର ସଚିବଙ୍କ କାର୍ଯ୍ୟକାଳ ବଢ଼ିଲା

ନୂଆଦିଲ୍ଲୀ,୧୧।୭

କେନ୍ଦ୍ର ସରକାର ଶୁକ୍ରବାର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ କାର୍ଯ୍ୟକାଳକୁ ୨୦୨୬ ଅଗଷ୍ଟ ୨୨ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଦେଶର ଜନଗଣନା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ମାଓବାଦୀଙ୍କୁ ନିଶ୍ଚିହ୍ନ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଂକଳ୍ପ ନେଇଛି। ଏଭଳି ସମୟରେ ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ମୋହନଙ୍କ କାର୍ଯ୍ୟକାଳକୁ ବଢ଼ାଇଦିଆଯାଇଛି। ଅଜୟ ଭାଲ୍ଲାଙ୍କ କାର୍ଯ୍ୟକାଳ ଶେଷ ହେବାରୁ ମୋହନ ଗତବର୍ଷ ଅଗଷ୍ଟ ୨୨ରେ ସ୍ୱରାଷ୍ଟ୍ର ସଚିବ ଭାବେ ଦାୟିତ୍ୱ ନେଇଥିଲେ। ଆସନ୍ତା ସେପ୍ଟେମ୍ବର ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଏହାକ ୨୦୨୬ ଅଗଷ୍ଟ ୨୨ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି।

### ମୃତ୍ୟୁର ୯ ମାସ ପରେ ମିଳିଲା ପାକ୍ ଅଭିନେତ୍ରୀଙ୍କ ମୃତଦେହ

କରାଚୀ,୧୧।୭

ପାକିସ୍ତାନୀ ଅଭିନେତ୍ରୀ ହୁମାଇରା ଅସ୍‌ଗର ଅଲିଙ୍କ ମୃତଦେହ ମଙ୍ଗଳବାର ତାଙ୍କ କରାଚୀସ୍ଥିତ ଆପାର୍ଟମେଣ୍ଟରୁ ମିଳିଛି। ୨୦୨୪ ଅକ୍ଟୋବରରେ ତାଙ୍କର ମୃତ୍ୟୁ ଘଟିଥିବା ବିଶ୍ୱାସ କରାଯାଉଛି। ମୃତଦେହ ଅତ୍ୟନ୍ତ ଗଳିତ ଅବସ୍ଥାରେ ପହଞ୍ଚିଥିଲା ବୋଲି ବ୍ୟବଚ୍ଛେଦ କରିଥିବା କରାଚୀ ପୋଲିସ ସର୍ଜନ ଡ. ସୁମାଇୟା ସୟେଦ କହିଛନ୍ତି। କଲ୍ ଡିଟେଲ୍ ରେକର୍ଡ ଅନୁଯାୟୀ, ହୁମାଇରା ୨୦୨୪ ଅକ୍ଟୋବରରେ ଶେଷ ଥର ପାଇଁ ଫୋନ୍ କଲ୍ କରିଥିଲେ। ତାଙ୍କ ପଡୋଶୀମାନେ ମଧ୍ୟ ତାଙ୍କୁ ଶେଷ ଥର ପାଇଁ ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଦେଖିଥିଲେ। ଇଲେକ୍ଟ୍ରି ବିଲ୍ ପୈଠ କରି ନ ଥିବାରୁ ଗତବର୍ଷ ଅକ୍ଟୋବରରେ ତାଙ୍କୁ ବିଦ୍ୟୁତ ସଂଯୋଗ କାଟିଦିଆଯାଇଥିଲା। ପୋଲିସ ମୃତ୍ୟୁର କାରଣକୁ ନେଇ ତଦନ୍ତ ଚଳାଇଛି।

### ସହରୀ ମାଓବାଦୀ ଦମନ ପାଇଁ ମହାରାଷ୍ଟ୍ରରେ ବିଲ୍ ଗୃହୀତ

ମୁମ୍ବାଇ,୧୧।୭

ମହାରାଷ୍ଟ୍ରରେ ସହରୀ ମାଓବାଦୀଙ୍କୁ ଦମନ କରିବା ଲକ୍ଷ୍ୟରେ ରାଜ୍ୟ ବିଧାନସଭାରେ ଗୁରୁବାର ଏକ ବିଲ୍ ଗୃହୀତ ହୋଇଛି। ଏବେ ଏହା ବିଧାନ ପରିଷଦରେ ଆଗତ ହେବ। ସହରୀ ମାଓବାଦୀଙ୍କୁ ଦମନ ପାଇଁ ସ୍ୱତନ୍ତ୍ର ଜନସୁରକ୍ଷା ଆଇନ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଝାଡ଼ଖଣ୍ଡ କାର୍ଯ୍ୟକାରୀ କରିଥିବାବେଳେ ମହାରାଷ୍ଟ୍ର ଏକ୍ଷେତ୍ରରେ ୫ମ ରାଜ୍ୟ ହେବାକୁ ଯାଉଛି। 'ମହାରାଷ୍ଟ୍ର ସ୍ୱତନ୍ତ୍ର ଜନସୁରକ୍ଷା ବିଲ୍' ଉପସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ କହିଛନ୍ତି, ସରକାର ବାମଦଳଗୁଡ଼ିକର ବିଚାରଧାରା କିମ୍ବା ସଂଗଠନ ବିରୋଧୀ ନ ଥିଲେ ଏବଂ ଭିନ୍ନ ମତକୁ ଚାପିଦେବାର ଉଦ୍ଦେଶ୍ୟ ନାହିଁ।

# ପରିଚୟ ପଚାରି ୯ ଯାତ୍ରୀଙ୍କୁ ହତ୍ୟା

## ପାକିସ୍ତାନୀ ସେନା ବିରୋଧରେ ବଲୁଚ୍ ବିଦ୍ରୋହୀଙ୍କ ଅପରେଶନ୍ ବାମ୍

### ୨୪ ଘଣ୍ଟାରେ ୫୦ ଆକ୍ରମଣ

କରାଚୀ,୧୧।୭



ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ଧର୍ମ ପଚାରି ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରିବା ଭଳି ପାକିସ୍ତାନର ବେଲୁଚିସ୍ତାନରେ ବଲୁଚ୍ ବିଦ୍ରୋହୀ ଏକ ବସ୍ ଭିତରୁ ଯାତ୍ରୀମାନଙ୍କୁ ପରିଚୟ ମାଗିବା ସହ ୯ ଜଣଙ୍କୁ ହତ୍ୟା କରିଛନ୍ତି। ପାକିସ୍ତାନୀ ସେନା ବିରୋଧରେ ବଲୁଚ୍ ଲିବରେଶନ୍ ଆର୍ମି (ବିଏଲ୍ଏ)ର ଏହା ହେଉଛି ୨୪ ଘଣ୍ଟା ମଧ୍ୟରେ ୫୦ତମ ଆକ୍ରମଣ। ପାକିସ୍ତାନଠାରୁ ଅଲଗା ହୋଇ ପୃଥକ୍ ରାଷ୍ଟ୍ର ଗଠନ ଦାବିରେ ସଂଗ୍ରାମ ଚଳାଇଥିବା ଏହି ବିଚ୍ଛିନ୍ନତାବାଦୀମାନେ 'ଅପରେଶନ୍ ବାମ୍' ନାମରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ସେମାନେ ଅନେକ ପାକିସ୍ତାନୀଙ୍କୁ ଅପହରଣ ସହ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ହତ୍ୟା କରିଥିବା ବିଏଲ୍ଏ ପକ୍ଷରୁ ଦାବି କରାଯାଇଛି। ଏତିକି ନୁହେଁ, ଗିଦରସ୍ଥିତ ଏକ ସେନା ଶିବିରକୁ ଟାର୍ଗେଟ କରି ୧୮ ପାକିସ୍ତାନୀ ସୈନ୍ୟଙ୍କୁ ମଧ୍ୟ ହତ୍ୟା କରିଥିବା ବିଦ୍ରୋହୀ ସଙ୍ଗଠନ କହିଛି।

ବଲୋଚ୍ ସଶସ୍ତ୍ର ଗୋଷ୍ଠୀ ନିଜ ପାରମ୍ପରିକ ଯୁଦ୍ଧକୌଶଳକୁ ଆହୁରି ସଙ୍ଗଠିତ କରି ସମ୍ପୃକ୍ତ ଅଞ୍ଚଳରେ ଆକ୍ରମଣ କରୁଛନ୍ତି। ଏହିକ୍ରମେ ସେମାନେ ଗୁରୁବାର ସନ୍ଧ୍ୟାରେ ଝୋବ୍ ଅଞ୍ଚଳରେ ଏକ ବସ୍‌ରୁ ୯ ଜଣ ପଞ୍ଜାବୀ ଯାତ୍ରୀଙ୍କୁ ଜବରଦସ୍ତ ଟାଣିଆଣି ଗୁଳିକରି ହତ୍ୟା କରିଛନ୍ତି। କ୍ୱେଟାରୁ ଲାହୋର ଯାଉଥିବା ଉକ୍ତ ବସ୍‌କୁ ଲୋରାଲାଇ-ଝୋବ୍ ଜାତୀୟ ରାଜପଥର ସୁର୍-ଡକାଇ ନିକଟରେ ଅଟକାଇ ଯାତ୍ରୀମାନଙ୍କୁ ପ୍ରଥମେ ପରିଚୟପତ୍ର ମାଗିଥିଲେ। ଆଇଡି ଯାଞ୍ଚ କରିବା ପରେ ଉଗ୍ରପନ୍ଥୀମାନେ ୯ ଯାତ୍ରୀଙ୍କୁ ଗୁଳି କରିଥିଲେ। ଉଗ୍ରପନ୍ଥୀମାନେ ପଞ୍ଜାବ ପ୍ରଦେଶର ଲୋକଙ୍କୁ ଏବଂ ବେଲୁଚିସ୍ତାନର ବିଭିନ୍ନ ରାଜପଥରେ ଚଳାଚଳ କରୁଥିବା ବସ୍‌କୁ ଟାର୍ଗେଟ କରିବା ଏହା ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ନିଖୋଜ ହୋଇଯାଇଥିବା ୨୦ ଜଣଙ୍କୁ ବିଏଲ୍ଏ ଅପହରଣ କରିନେଇଥିବା କୁହାଯାଉଛି। ୨୪ ଘଣ୍ଟା ଭିତରେ ସେମାନେ କେଚ୍, ଖରାନ୍, ଖୁଜ୍‌ଦାର, କଲାତ୍, ପଞ୍ଜଗୁର୍, ୱାଶୁକ୍, ମୁସାଖେଲ, ସିବି, ମସ୍ତୁଙ୍ଗ୍, ନସିରାବାଦ, କ୍ୱେଟା, ଚଗାଇ ଓ ଡେରା ବୁଗ୍‌ଟି ଅଞ୍ଚଳରେ ୫୦ ଥର ଆକ୍ରମଣ କରିଛନ୍ତି। ବେଲୁଚିସ୍ତାନ ପ୍ରାଦେଶିକ ସରକାର ଉକ୍ତ ପ୍ରଦେଶରେ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ଘଟଣାକୁ ସ୍ୱୀକାର କରିଛି। ଏହାର ମୁକାବିଲା ପାଇଁ ସୁରକ୍ଷା ଅପରେଶନ୍ ଜାରି ରହିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ଉଭୟ ପ୍ରାଦେଶିକ ଓ ପାକିସ୍ତାନର ଜାତୀୟ ସରକାର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରି ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଦେଶରେ ଅସ୍ଥିରତା ସୃଷ୍ଟି ପାଇଁ ବଲୁଚ୍ ଆତଙ୍କବାଦୀମାନେ ଆଇନବିରୋଧୀ କାର୍ଯ୍ୟ କରୁଥିବା ଜର୍ଦ୍ଦାରି କହିଛନ୍ତି।

# ନିରଙ୍କୁଶ କ୍ଷମତାକୁ ପୂର୍ବତନ ସିଜେଆଇଙ୍କ ବିରୋଧ

ନୂଆଦିଲ୍ଲୀ,୧୧।୭

### ଏକ ରାଷ୍ଟ୍ର, ଏକ ନିର୍ବାଚନ

ଏକ ରାଷ୍ଟ୍ର, ଏକ ନିର୍ବାଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିରଙ୍କୁଶ କ୍ଷମତା ଦେବା ଉଚିତ ନୁହେଁ ବୋଲି ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜେ.ଏସ୍. ଖେହର ଶୁକ୍ରବାର ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ଜଣାଇଛନ୍ତି। 'ଯାଞ୍ଚ ଓ ସନ୍ତୁଳନ ବ୍ୟବସ୍ଥା' ରହିବା ଆବଶ୍ୟକ ବୋଲି ସେମାନେ ପ୍ରସ୍ତାବ ଦେଇଛନ୍ତି। ସମ୍ବିଧାନର ୧୨୯ତମ ସଂଶୋଧନ ବିଲ୍, ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍, ୨୦୨୪ର ଯାଞ୍ଚ କରୁଥିବା ଜେପିସିର ବୈଠକରେ ଉଭୟ ପୂର୍ବତନ ସିଜେଆଇ ଏକସଙ୍ଗେ ନିର୍ବାଚନ ସମ୍ପର୍କରେ ସେମାନଙ୍କ ଟିପ୍ପଣୀ ଦେଇଛନ୍ତି। ଭାଜପା ଏମ୍‌ପି ପି.ପି. ଚୌଧରୀଙ୍କ ଅଧ୍ୟକ୍ଷତାରେ ଗଠିତ ଜେପିସି ବିଲ୍ ଉପରେ ଏହାର ସୁପାରିସ୍ ପ୍ରସ୍ତୁତ କରୁଥିବାବେଳେ ବିଚାରପତି ଓ ଆଇନ ବିଶେଷଜ୍ଞମାନଙ୍କ ମତାମତ ସଂଗ୍ରହ କରୁଛି। ପ୍ରସ୍ତାବିତ ସମ୍ବିଧାନ ସଂଶୋଧନ ଆଇନରେ ନିର୍ବାଚନ କମିଶନଙ୍କୁ ପର୍ଯ୍ୟାପ୍ତ କ୍ଷମତା ଉପରେ ପୂର୍ବତନ ସିଜେଆଇ ରଞ୍ଜନ ଗୋଗୋଇ ମଧ୍ୟ ପ୍ରଶ୍ନ କରିଥିଲେ।

ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏବଂ ଖେହର କହିଛନ୍ତି, ନିର୍ବାଚନ ପରିଚାଳନାରେ ନିରୀକ୍ଷଣ ବ୍ୟବସ୍ଥା ରହିବା ଆବଶ୍ୟକ। ସୁଶାସନ ପାଇଁ ନିର୍ବାଚିତ ସରକାରଙ୍କ ନିମନ୍ତେ ୫ ବର୍ଷ କାର୍ଯ୍ୟକାଳ ଗୁରୁତ୍ୱପୂର୍ଣ୍ଣ। କୌଣସି ପରିସ୍ଥିତିରେ ଏହି ସମୟସୀମାକୁ ହ୍ରାସ କରିବା ଉଚିତ ନୁହେଁ ବୋଲି ସେମାନଙ୍କ ମଧ୍ୟରୁ ଜଣେ ବିଚାରପତି କହିଛନ୍ତି।

# ୨୦୨୧ରୁ ବିପଦସଙ୍କୁଳ ଥିଲା ଗୁଜରାଟ ବ୍ରିଜ୍

ଭଦୋଦରା,୧୧।୭

- ମୃତ୍ୟୁସଂଖ୍ୟା ୨୦କୁ ବୃଦ୍ଧି
- ରାଜ୍ୟରେ ୪ ବର୍ଷରେ ଭୁଶୁଡ଼ିଲାଣି ୧୬ ସେତୁ

ଗୁଜରାଟର ଭଦୋଦରା ଜିଲା ମହିସାଗର ନଦୀ ଉପରେ ନିର୍ମିତ ଗମ୍ଭୀରା ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ଗୁରୁବାର ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଛି। ମଙ୍ଗଳବାର ସକାଳ ୭ଟାରେ ଏହି ଅଘଟଣ ଘଟିବା ପରେ ନଦୀରେ ଭାସିଯାଇଥିବା ୩ ଜଣଙ୍କୁ ଠାବ କରାଯାଇପାରି ନାହିଁ। ସେମାନଙ୍କ ସନ୍ଧାନରେ ବିପର୍ଯ୍ୟୟ ପ୍ରଶମନ ବଳ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍‌ର ୧୦ଟିମ୍ ନିୟୋଜିତ ରହିଥିବା ଭଦୋଦରା ଜିଲାପାଳ ଅନିଲ ଧାମେଲିଆ ସୂଚନା ଦେଇଛନ୍ତି।

୧୯୮୬ରେ ନିର୍ମିତ ଗମ୍ଭୀରା ବ୍ରିଜ୍ ୨୦୨୧ରୁ ବିପଦସଙ୍କୁଳ ଅବସ୍ଥାରେ ଥିଲା। ସେହି ସମୟରେ ଏହା ବ୍ୟବହାର ଅନୁପଯୋଗୀ ହୋଇଯାଇଥିଲା। ୨୦୨୨ ଅଗଷ୍ଟରେ ଭଦୋଦରା ଜିଲା ପଞ୍ଚାୟତର ସଦସ୍ୟ ହର୍ଷଦସିଂ ପରମାର ସଡ଼କ ଓ ଗୃହନିର୍ମାଣ ବିଭାଗକୁ ଏନେଇ ଅବଗତ କରାଇଥିଲେ। କିନ୍ତୁ ରାଜ୍ୟ ସରକାର ଏ ସମ୍ପର୍କିତ ରିପୋର୍ଟକୁ ଅଣଦେଖା କରିଥିଲେ ବୋଲି ପରମାର ଅଭିଯୋଗ ଆଣିଛନ୍ତି। ଇତିମଧ୍ୟରେ ସରକାରଙ୍କ ବେପରୁଆ ମନୋଭାବକୁ କଂଗ୍ରେସ ସମାଲୋଚନାକରି ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ଇସ୍ତଫା ଦାବି କରିଛି। ଗତ ୪ ବର୍ଷ ମଧ୍ୟରେ ଏପରି ୧୬ଟି ବ୍ରିଜ୍ ଭୁଶୁଡ଼ିଥିବା ବିରୋଧୀ ଦଳ ଅଭିଯୋଗ ଆଣିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ରାଜ୍ୟରେ ନେତୃତ୍ୱ ସଙ୍କଟ ରହିଛି। ଭାଜପା ଶାସନରେ ସବୁ କ୍ଷେତ୍ରରେ ଦୁର୍ନୀତି ଚାଲିଛି। ସମୟ ଆସିଲେ ଲୋକେ ଏହାର ଜବାବ ଦେବେ।




ପ୍ୟାରିସ୍‌ରେ ଏକ ଉତ୍ସବ ପାଳନ ଅବସରରେ ମୌଲିନ୍ ରଗ୍ କାବାରେଟ୍ ସମ୍ମୁଖରେ ଜଣେ ଫରାସୀ କାନ୍‌କାନ୍ ନୃତ୍ୟାଙ୍ଗନା ନୃତ୍ୟ ପରିବେଷଣ କରୁଛନ୍ତି।

# ଶିବସେନା ବିଧାୟକଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ

ମୁମ୍ବାଇ,୧୧।୭

### କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ମାଡ଼ ଘଟଣା

ମୁମ୍ବାଇର ଆକାଶବାଣୀ ଏମ୍‌ଏଲ୍‌ଏ ହଷ୍ଟେଲରେ ଜଣେ କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଶିବସେନା ବିଧାୟକ ସଞ୍ଜୟ ଗାଏକ୍ୱାଡ୍ ଚାପୁଡ଼ା ଓ ମୁଥ ମାରିବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ମାଡ଼ ମାରିବା ବେଳର ଭିଡିଓ ସାମ୍ନାକୁ ଆସିବା ପରେ ସଞ୍ଜୟଙ୍କ ନାଁରେ ମାମଲା ରୁଜୁ ହୋଇଛି। ମାଡ଼ ଖାଇଥିବା କ୍ୟାଣ୍ଟିନ କର୍ମଚାରୀ ମେରାଇନ୍ ଡ୍ରାଇଭ୍ ଥାନାରେ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତ ପରେ ପୋଲିସ ଅସଂଜ୍ଞେୟ ଅପରାଧ ମାମଲା ରୁଜୁ କରିଛି, ଯେଉଁଥିରେ ଅଦାଲତଙ୍କ ଅନୁମତି ବିନା ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବ ନାହିଁ। ଭିଡିଓରେ ଗାଏକ୍ୱାଡ୍ ନିମ୍ନମାନର ଖାଦ୍ୟ ପରିବେଷଣ ପାଇଁ କ୍ୟାଣ୍ଟିନ କର୍ମଚାରୀଙ୍କୁ ଗାଳିଦେବା ସହ ଜଣକୁ ମାଡ଼ ମାରୁଥିବା ଦେଖାଯାଇଛି।

# ନିମିଶା ପ୍ରିୟାଙ୍କୁ ବଞ୍ଚାଇବା ପାଇଁ କୂଟନୈତିକ ହସ୍ତକ୍ଷେପ: ୧୪ରେ ସୁପ୍ରିମକୋର୍ଟ ଶୁଣାଣି

ନୂଆଦିଲ୍ଲୀ,୧୧।୭



ନିମିଶା ପ୍ରିୟା

ୟେମେନ୍‌ରେ ହତ୍ୟା ଅଭିଯୋଗରେ ଫାଶୀ ଦଣ୍ଡାଦେଶ ପାଇଥିବା କେରଳ ନର୍ସ ନିମିଶା ପ୍ରିୟାଙ୍କ ମାମଲାରେ କୂଟନୈତିକ ହସ୍ତକ୍ଷେପ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯିବା ନେଇ ଦାଖଲ ଏକ ଆବେଦନର ଶୁଣାଣି ପାଇଁ ଗୁରୁବାର ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ନର୍ସ ପ୍ରିୟାଙ୍କୁ ଜୁଲାଇ ୧୬ରେ ମୃତ୍ୟୁଦଣ୍ଡ ଦିଆଯିବାକୁ ୟେମେନ୍ କୋର୍ଟ ଧାର୍ଯ୍ୟ କରିଥିବାବେଳେ ଆଇନଜୀବ ସୁଭାଷ ଚନ୍ଦ୍ରନ୍ କେଆର୍ ଆବେଦନ କରିଛନ୍ତି। ଜଷ୍ଟିସ୍ ସୁଧାଂଶୁ ଧୂଲିଆ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଆସନ୍ତା ୧୪ ତାରିଖରେ ଏହାର ଶୁଣାଣି କରିବେ। କେରଳର ପାଲାକ୍କାଡ ଜିଲା ନିବାସୀ ୩୮ ବର୍ଷୀୟା ନିମିଶା ୨୦୧୭ରେ ନିଜ ୟେମେନୀ ବିଜିନେସ୍ ପାର୍ଟନରଙ୍କୁ ହତ୍ୟା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ନିମିଶାଙ୍କୁ ଆଇନଗତ ସହାୟତା ପ୍ରଦାନ ପାଇଁ ଆଗେଇ ଆସିଥିବା ସଙ୍ଗଠନ 'ସେଭ୍ ନିମିଶା ପ୍ରିୟା-ଇଣ୍ଟରନ୍ୟାଶନାଲ ଆକ୍ସନ କାଉନ୍‌ସିଲ'ପକ୍ଷରୁ ଆବେଦନ କରାଯାଇଛି। ଇତିମଧ୍ୟରେ ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି ନିମିଶାଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତି ଲାଗି ଏହି ମାମଲାରେ ହସ୍ତକ୍ଷେପ କରିବାକୁ କେନ୍ଦ୍ରକୁ ଅନୁରୋଧ କରିଛନ୍ତି।

# କପିଲ ଶର୍ମାଙ୍କ କାଫେକୁ ଖଲିସ୍ତାନୀଙ୍କ ଗୁଳି

ସରେ,୧୧।୭(ପି.ଟି.)




କାନାଡାର ବ୍ରିଟିଶ୍ କଲମ୍ବିଆସ୍ଥିତ ସରେରେ ନୂଆକରି ଖୋଲାଯାଇଥିବା ଭାରତୀୟ କମେଡିଆନ୍ କପିଲ ଶର୍ମାଙ୍କ ଏକ ରେଷ୍ଟୁରାଣ୍ଟ ଉପରକୁ ଗୁରୁବାର ଗୁଳିମାଡ଼ ହୋଇଛି। ଅଜ୍ଞାତ ବନ୍ଧୁକଧାରୀମାନେ କପିଲ୍ସ କାଫେକୁ ୯ ରାଉଣ୍ଡ ଗୁଳି ଚଳାଇବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ସରେ ପୋଲିସ ସର୍ଭିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଆକ୍ରମଣ ପାଇଁ ଖଲିସ୍ତାନୀ ଆତଙ୍କବାଦୀ ହରଜିତ୍ ସିଂ ଲଡ୍ଡି ନିଜକୁ ଦାୟୀ କରିଛନ୍ତି।

ସ୍ଥାନୀୟ ସମୟ ରାତି ପ୍ରାୟ ୨ଟାରେ ସରେ ପୋଲିସ ନିକଟକୁ ଏନେଇ ଫୋନ୍ କଲ୍ ଯାଇଥିଲା। କୁହାଯାଇଥିଲା, ୧୨୦ ଷ୍ଟ୍ରିଟ୍‌ସ୍ଥିତ ୮୪୦୦ ବ୍ଲକ୍‌ରେ ଥିବା ଏକ ବ୍ୟବସାୟିକ ପ୍ରତିଷ୍ଠାନ ଉପରକୁ ଗୁଳିମାଡ଼ ହୋଇଛି। ପୋଲିସ ସେଠାରେ ପହଞ୍ଚି ଦେଖିଲାବେଳକୁ କପିଲ୍ସ କାଫେ ଉପରକୁ ଗୁଳିମାଡ଼ ହୋଇଥିଲା। ଏଥିରେ ରେଷ୍ଟୁରାଣ୍ଟର କିଛି ଅଂଶ ଭାଙ୍ଗିରୁଜି ଯାଇଥିଲା। ତା' ଭିତରେ କାଫେ କର୍ମଚାରୀମାନେ ଆତଙ୍କିତ ଅବସ୍ଥାରେ ରହିଥିଲେ। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଥିବାବେଳେ ଏକ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ସେଥିରେ କାଫେ ବାହାରେ ଥିବା ଏକ କାର୍‌ରୁ ଜଣେ ବ୍ୟକ୍ତି ଗୁଳି କରୁଥିବା ଦେଖିବାକୁ ମିଳିଛି। ସେପଟେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଥିବା ଖଲିସ୍ତାନୀ ଆତଙ୍କବାଦୀ ହରଜିତ୍ ସିଂ ଲଡ୍ଡି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛନ୍ତି। ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ ଗ୍ୟାଙ୍ଗ୍ ସହ ଜଡ଼ିତ ହରଜିତ୍ ଭାରତ ବିରୋଧୀ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମ୍ପୃକ୍ତ। ପଞ୍ଜାବ ସମେତ ଦେଶର ଅନେକ ସ୍ଥାନରେ ହୋଇଥିବା ଆକ୍ରମଣର ସେ ମାଷ୍ଟରମାଇଣ୍ଡ୍। ଏପରି କି ୨୦୨୪ ଏପ୍ରିଲରେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ନେତା ବିକାଶ ପ୍ରଭାକରଙ୍କ ହତ୍ୟା ଷଡ଼ଯନ୍ତ୍ର ମଧ୍ୟ ହରଜିତ୍ ରଚିଥିବା ଅଭିଯୋଗ ରହିଛି। ତାଙ୍କୁ ଧରାଇଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ ପାଇଁ ପୂର୍ବରୁ ଏନ୍‌ଆଇଏ ଘୋଷଣା କରିଛି।

# ଅପରେଶନ ସିନ୍ଦୂରରେ ଭାରତର କ୍ଷତି ସମ୍ପର୍କିତ ଫଟୋ ଦେଖାଅ



ଅଜିତ ଡୋଭାଲ

ନୂଆଦିଲ୍ଲୀ,୧୧।୭

### ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଅଜିତ ଡୋଭାଲଙ୍କ ଆହ୍ୱାନ

ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେଶନ ସିନ୍ଦୂର ସମ୍ପର୍କରେ ଅନ୍ତର୍ଜାତୀୟ ଗଣମାଧ୍ୟମ ବିଶେଷ କରି ନ୍ୟୁୟର୍କ ଟାଇମ୍ସ ପ୍ରକାଶ କରିଥିବା ଖବରକୁ ନେଇ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଶୁକ୍ରବାର କଡ଼ା ସମାଲୋଚନା କରିଛନ୍ତି। ଏହି ସମୟରେ ଭାରତର ହୋଇଥିବା କ୍ଷୟକ୍ଷତି ସମ୍ପର୍କିତ ଗୋଟିଏ ବି ଫଟୋ ଦେଖାଇବାକୁ ସେ ବିଦେଶୀ ଗଣମାଧ୍ୟମଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଆଇଆଇଟି ମାଡ୍ରାସ୍‌ର ୬୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଡୋଭାଲ କହିଥିଲେ, ଆମକୁ ଆମ ସ୍ୱଦେଶୀ ପ୍ରଯୁକ୍ତିର ବିକାଶ କରିବାକୁ ହେବ। ଅପରେଶନ ସିନ୍ଦୂରରେ ସ୍ୱଦେଶୀ ଅସ୍ତ୍ରର ସଫଳତାକୁ ନେଇ ଆମେ ପ୍ରକୃତରେ ଗର୍ବିତ। ଆମେ ପାକିସ୍ତାନର ୯ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିବା ଲାଗି ନିଷ୍ପତ୍ତି ନେଇଥିଲୁ, ଯାହା ସୀମାନ୍ତ ଅଞ୍ଚଳରେ ନ ଥିଲା। ଆମେ କୌଣସି ଟାର୍ଗେଟକୁ ହାତଛଡ଼ା କରିନାହୁଁ। ମାତ୍ର ୨୩ ମିନିଟ୍‌ରେ ଆମେ ଆତଙ୍କବାଦୀଙ୍କ ସମସ୍ତ ୯ଟି ଟାର୍ଗେଟକୁ ଧ୍ୱଂସ କରିଥିଲୁ ବୋଲି ଡୋଭାଲ କହିଛନ୍ତି।

## ଫୁରସତ୍

# ସନ୍ନିଙ୍କୁ ମାତ୍ର ୧୫ ମିନିଟ୍



ସନି ଦେଓଲ

ମୁମ୍ବାଇ

ଚର୍ଚ୍ଚାରେ ବଲିଉଡର ମୋଷ୍ଟ ଆୱେଟେଡ୍ ଫିଲ୍ମ 'ରାମାୟଣ'। ଫିଲ୍ମରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମା' ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ନଜର ଆସିବେ ୟଶ। ରାମ ଭକ୍ତ ହନୁମାନଙ୍କ ଭୂମିକାରେ ସନ୍ନି ଦେଓଲ ଅଭିନୟ କରୁଛନ୍ତି। ହେଲେ ସ୍କ୍ରିନ ଟାଇମ୍‌କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ, 'ରାମାୟଣ' ଦୁଇ ଭାଗରେ ପରଦାକୁ ଆସିବ। ସନ୍ନି ଉଭୟ ଭାଗର ଗୁରୁତ୍ୱପୂର୍ଣ୍ଣ ଅଂଶ। ମାତ୍ର ପ୍ରଥମ ଭାଗରେ କେବଳ ୧୫ ମିନିଟ ପାଇଁ ତାଙ୍କୁ ପରଦାରେ ଦେଖିବାକୁ ମିଳିବ। କଥିତ ଭାବେ କହିଲେ ହନୁମାନଙ୍କ ଏଣ୍ଟ୍ରି ସହ ଫିଲ୍ମ ସମାପ୍ତ ହେବ। ସେ ଭଗବାନ ରାମ-ଲକ୍ଷ୍ମଣଙ୍କୁ ମାତା ସୀତାଙ୍କୁ ରାବଣଙ୍କ କବଳରୁ ଉଦ୍ଧାର କରିବାକୁ ପ୍ରତିଶ୍ରୁତି ଦେବେ। ଫିଲ୍ମର ନିର୍ଦ୍ଦେଶନା ନୀତେଶ ତିୱାରୀ ଦେଇଥିବା ବେଳେ ଏହା ୨୦୨୬ ଦୀପାବଳିରେ ସିନେମାଘରେ ରିଲିଜ ହେବ। ସେହିଭଳି ଫିଲ୍ମର ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ରିଲିଜ କରାଯିବ। ନିକଟରେ ଏହାର ଟିଜର ଜାରି କରାଯାଇଥିଲା। ଏହାପରଠାରୁ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଛି। ସିନେମାରେ ଲକ୍ଷ୍ମଣ ଭୂମିକାରେ ଅଭିନେତା ରବି ଦୁବେ ନଜର ଆସୁଛନ୍ତି।

# ଅଭିନେତ୍ରୀ ଜେନ୍ ବିର୍କିନ୍‌ଙ୍କ ବ୍ୟାଗ୍ ୮୬ କୋଟିରେ ନିଲାମ



ପ୍ୟାରିସ୍

ବ୍ରିଟିଶ ଓ ଫ୍ରେଞ୍ଚ ଅଭିନେତ୍ରୀ ଜେନ୍ ବିର୍କିନ୍‌ଙ୍କ ଏକ ବ୍ୟାଗ୍ ଗୁରୁବାର ପ୍ୟାରିସ୍‌ର ସୋଥେବିସ୍ ଅକ୍ସନରେ ସର୍ବାଧିକ ୧୦.୧ ନିୟୁତ ଡଲାର (୮୬ କୋଟି ଟଙ୍କା)ରେ ନିଲାମ ହୋଇଛି। ଏହା ପୂର୍ବରୁ ନିଲାମ ହୋଇଥିବା ସମସ୍ତ ହ୍ୟାଣ୍ଡବ୍ୟାଗ୍‌ର ମୂଲ୍ୟଠାରୁ ଯଥେଷ୍ଟ ଅଧିକ। ଜେନ୍‌ଙ୍କ ଏହି ଅରିଜିନାଲ ହେରମେସ୍ ବିର୍କିନ ବ୍ୟାଗ୍ ସବୁଠୁ ଫେଶନେବଲ୍। ନିଲାମରେ ୯ ଜଣ ବିଡର ଭାଗ ନେଇଥିଲେ। ୧୦ ମିନିଟ୍‌ର ନିଲାମ ଡାକରା ମଧ୍ୟରେ ଜାପାନର ଏକ ଘରୋଇ ସଂଗ୍ରହକାରୀଙ୍କୁ ଉକ୍ତ ବ୍ୟାଗ୍ ବିକ୍ରି କରାଯାଇଥିବା ଅକ୍ସନ ହାଉସ୍ ପକ୍ଷରୁ କୁହାଯାଇଛି। ୧ ମିଲିୟନ ପାଉଣ୍ଡରୁ ନିଲାମ ଡାକରା ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ୨୦୨୧ରେ ହଂକଂର କ୍ରିଷ୍ଟିଠାରେ ହେର୍ମସ କେଲି-୨୮ ବ୍ୟାଗ୍ ୫,୧୩,୦୦୦ ଡଲାରରେ ବିକ୍ରି ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଭିଭାକୁ ପ୍ରଡକ୍ଟ ଅଫ୍ ଦ ଇୟର ପୁରସ୍କାର


ଭୁବନେଶ୍ୱର,୧୧ ।୭: ଆଭିଭା ଲାଇଫ୍ ଇନ୍ସ୍ୟୁରାନ୍ସ(ଆଭିଭା)କୁ ନିକଟରେ ଆଉ ଏକ ସମ୍ମାନ ଓ ସ୍ୱୀକୃତି ସହ ପ୍ରଡକ୍ଟ ଅଫ୍ ଦ ଇୟର ପୁରସ୍କାରରେ ପୁରସ୍କୃତ କରାଯାଇଛି। ବିଶେଷ କରି କମ୍ପାନୀକୁ ଦୁଇଟି ପ୍ରମୁଖ ବର୍ଗ ଯଥା ଲାଇଫ୍ ଇନ୍ସ୍ୟୁରାନ୍ସ-ରିଟାୟାରମେଣ୍ଟ ଇନ୍କମ ଓ ଲାଇଫ୍ ଇନ୍ସ୍ୟୁରାନ୍ସ-ୟୁଲିପ୍ (ୟୁଏଲ୍ଆଇପି) କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରଡକ୍ଟ ଅଫ୍ ଦ ଇୟର ୨୦୨୫ ଟାଇଟଲରେ ସମ୍ମାନିତ କରାଯାଇଛି।ଏ ସମ୍ପର୍କରେ ଆଭିଭା ଇଣ୍ଡିଆର ସିଇଓ ତଥା ଏମ୍‌ଡି ଅସିତ ରଥ କହିଛନ୍ତି, ଆଭିଭା ସିଗ୍ନେଚର ଇନ୍କ୍ରିଜିଂ ଇନ୍କମ ପ୍ଲାନ୍ ଓ ଆଭିଭା ସିଗ୍ନେଚର ଇନ୍ଭେଷ୍ଟମେଣ୍ଟ ପ୍ଲାନ୍‌କୁ ରିଟାୟାରମେଣ୍ଟ ପରେ ଆୟର ଏକ ନିର୍ଭରଯୋଗ୍ୟ ସ୍ରୋତ ସୃଷ୍ଟି କରିବା ହେଉ କିମ୍ବା ଭବିଷ୍ୟତ ପାଇଁ ଏକ ଶୃଙ୍ଖଳିତ ନିବେଶ ଅଭ୍ୟାସ ଗଠନ କରିବା,ଆମର ଗ୍ରାହକଙ୍କ ବାସ୍ତବ ଜୀବନର ଆବଶ୍ୟକତା ପୂରଣ କରିବା ପାଇଁ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଛି।


## ଜନ୍ମଦିନ ଶୁଭେଚ୍ଛା



ଆରାଧ୍ୟା ଆଦର୍ଶୀ ପ୍ରଧାନ
ବାଲିପାଟଣା, ମାର୍ଥାପୁର
ମା- ରଶ୍ମିତା ଭୂୟାଁ
ବାପା- ପୌରଷ ପ୍ରତୀକ ପ୍ରଧାନ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ- ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୬୪୭୧



# ବଜାରରେ ଭି-ଗାର୍ଡର ଏୟାରୱିଜ ସିରିଜ୍



'ଏୟାରୱିଜ ସିରିଜ'ର ଶୁଭାରମ୍ଭ ଅବସରରେ ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ମୁମ୍ବାଇ,୧୧।୭ (ଅଭୟ ଦାଶ): ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏବଂ ଶକ୍ତି-ଦକ୍ଷ ବିଏଲ୍‌ଡିସି ସିଲିଂ ଫ୍ୟାନ୍ 'ଏୟାରୱିଜ ସିରିଜ'ର ଶୁଭାରମ୍ଭ ନିକଟରେ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ସିରିଜରେ ଏୟାରୱିଜ ଲାଇଟ୍, ଏୟାରୱିଜ ପ୍ରାଇମ, ଏୟାରୱିଜ ପ୍ରସ୍ ଓ ଏୟାରୱିଜ ଏନ୍ ଭଳି ୪ଟି ମଡେଲ ସାମିଲ ରହିଛି। ସେହିଭଳି ଏହି ମଡେଲଗୁଡ଼ିକୁ ବିବିଧ ଜୀବନଶୈଳୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଏପରିକି ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ସହ ସୌନ୍ଦର୍ଯ୍ୟତାକୁ ଏକତ୍ରିତକରି ଏୟାର ୱିଜ୍ ଫ୍ୟାନ୍‌ଗୁଡ଼ିକ ୩୫ୱାଟ ପାୱାର ସହ ଏକ ମଜଭୁତ ମୋଟର ଦ୍ୱାରା ପରିଚାଳିତ ୩୬୦ ଆରପିଏମର ଟପ୍ ସ୍ପିଡ୍ ପ୍ରଦାନ ସହ ହାଇସ୍ପିଡ୍ ଏୟାରଫ୍ଲୋ ସହ ଉନ୍ନତ ଶକ୍ତି ଦକ୍ଷତା ଦେଇଥାଏ। ଏହି ନୂତନ ରେଞ୍ଜରେ ଏକ ଆଡଭାନ୍ସଡ ଡଷ୍ଟ-ରିପେଲେଣ୍ଟ କୋଟିଂ ରହିଛି। ଏ ସମ୍ପର୍କରେ ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏମ୍‌ଡି ମିଥୁନ ଚିତ୍ତିଲାପିଲ୍ଲୀ କହିଛନ୍ତି, ଏୟାରୱିଜ ବିଏଲ୍‌ଡିସି ଫ୍ୟାନ୍‌ର ଶୁଭାରମ୍ଭ ଆମର ଉପଭୋକ୍ତାଙ୍କ ପାଇଁ ଅଧିକ ଶକ୍ତି ଦକ୍ଷ ଘର ନିର୍ମାଣ କରିବା ଦିଗରେ ଭି-ଗାର୍ଡର ଯାତ୍ରା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍ଗକାରକୁ ଚିହ୍ନିତ କରୁଛି। ଏହି ଫ୍ୟାନ୍ ବର୍ଗ ଉଭୟ ଅଭିବୃଦ୍ଧି ଓ ଉଦ୍ଭାବନ ଦୃଷ୍ଟିରୁ ଆମର ବ୍ୟବସାୟ ପାଇଁ ଏକ ରଣନୈତିକ ପ୍ରମୁଖ ଭାବେ ବଜାୟ ରହିଛି।

# ମେ'ରେ ଜିଓର ୧.୫୪ ଲକ୍ଷ ନୂତନ ଗ୍ରାହକ




ଭୁବନେଶ୍ୱର,୧୧।୭: ରିଲାଏନ୍ସ ଜିଓର ମାସିକ ଗ୍ରାହକ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏପରିକି ଚଳିତ ବର୍ଷ ମେ'ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ବିଶେଷକରି ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ଓଡ଼ିଶାରେ ୧.୫୪ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ୨୦୨୫ ମେ'ମାସରେ ଯୋଡ଼ିଛି। ଏହି ମାସରେ ଯୋଡ଼ିହୋଇଥିବା ମୋଟ ନୂତନ ମୋବାଇଲ ଗ୍ରାହକଙ୍କ ମଧ୍ୟରୁ ୯୧%ରୁ ଅଧିକ ଜିଓ ନେଟ୍‌ୱର୍କରେ ସାମିଲ ହୋଇଛନ୍ତି। ଏଥିସହ ରାଜ୍ୟର ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୨୦୨୫ ମେ ଶେଷ ସୁଦ୍ଧା ୧.୬୨ କୋଟି ଅତିକ୍ରମ କରିଛି। ଓଡ଼ିଶାରେ ଜିଓ ୪୬%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ସେହିପରି ଅନ୍ୟ ଅପରେଟରମାନଙ୍କ ମଧ୍ୟରେ ଭୋଡାଫୋନ ଆଇଡିଆ ମେ' ମାସରେ ୧୮,୮୪୨ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଏୟାରଟେଲ୍ ମାତ୍ର ୩,୬୯୩ ମୋବାଇଲ ଗ୍ରାହକ ଯୋଡ଼ିଛି। ଏହି ମାସରେ ବିଏସ୍‌ଏନ୍‌ଏଲ୍ ୮,୦୦୦ରୁ ଅଧିକ ମୋବାଇଲ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡ଼ିଛି। ଏହି ତଥ୍ୟ ଅନୁଯାୟୀ ମେ'ରେ ୧.୭୮ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିହେବା ସହ ରାଜ୍ୟରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୨୦୨୫ ମେ ୩୧ ସୁଦ୍ଧା ୩.୫୨ କୋଟିଅତିକ୍ରମ କରିଛି। ଜାତୀୟସ୍ତରରେ ମଧ୍ୟ ଜିଓ ମେ' ମାସରେ ସର୍ବାଧିକ ୨୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଏହା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ପ୍ରାୟ ୧୦ଗୁଣ ଅଧିକ ରହିଛି। ରିଲାଏନ୍ସ ଜିଓ ଓଡ଼ିଶାରେ ୫ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ହାସଲ କରି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି।


# Classified Everyday
0674-2580101, 9692975378


REAL ESTATE
SALE

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ 9114705579. D-76288

Buy Or Sale Property: 8984071303 Wanted Yellow Zone Gharabari Land on Outright Basis, minimum 30' Road around Bhubaneswar for Simplex/ Duplex/ Apartment Projects for our Clients. Only Land Owner can Contact. D-1258

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ସ୍ଥିତିବାନ ଘରବାଡ଼ି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ 7978947520 D-76283

Duplex sale near AIIMS Hospital Bhubaneswar, apartment Sum Hospital. 9777433701. D-76285

Bhubaneswar Sum Hospital-2, ତ୍ରିନାଥବଜାର ନିକଟରେ ଘରବାଡ଼ି ପ୍ଲଟ୍ 1350sqft. ଏବଂ Cuttack Sri Sri University, ତ୍ରିଶୁଳିଆରେ 1900sqft.ରେ ଉପଲବ୍ଧ Whatsapp: 9437011506, 6371462496. D-1257

Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668. D-76287


FOR RENT

Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740. D-75391


Healthcare

Newly open Jyoti SPA positively health benefits (expert therapist). 8458067955. D-76927

LOST

ମଉଜା- ସିନ୍ଦୁରିଆ, କବଲା ନଂ.- 947/27.03.2002, କବଲା ନଂ.- 402 ଏବଂ 403/4.2.2000, କବଲା ନଂ.- 3129/13.07.1999, ପଟ୍ଟା ନଂ.- (R.O.R) 988/898 ଯାହାକି ରାହାସ ବିହାରି ସେଠୀଙ୍କ ନାମରେ ଅଛି। ଏସବୁ ଦସ୍ତାବିଜ ନୟାଗଡ଼ସ୍ଥିତ ପୁରୁଣା ବସଷ୍ଟାଣ୍ଡ ନିକଟରେ ହଜିଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ଦୟାକରି ଜଣାଇବାକୁ ଅନୁରୋଧ। Contact- ରାହାସ ବିହାରି ସେଠୀ, ମୋ- 9840609513, 8917242307. D-1254

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I, Pranab Bhusan Pattanaik, S/o- Late Anirudha Pattnaik, resident of Flat No.- J/212, Trident Galaxy Apartment, Kalinganagar, P.S.- Khandagiri, Bhubaneswar, Dist.- Khorda, PIN- 751003, Odisha declare by this affidavit No.- 77AA306781, dated- 30.06.2025. That now onwards I shall be known as Pranab Bhusan Pattnaik for all future purposes. D-1261

By virtue of an affidavit sworn before Executive Magistrate, Athagarh, dated- 10.07.2025, I Sumitra Moharana, W/o- Prasanna Kumar Moharana permanent resident of Vill- Malabiharpur, P.O.- Kadalibadi, P.S.- Banki, Dist.- Cuttack, PIN- 754029, Odisha declare that I have changed my name from Sumitra Maharana to Sumitra Moharana. My husband name Prasanna Moharana to Prasanna Kumar Moharana. Henceforth, I shall be known as Sumitra Moharana for all purposes.
Sumitra Moharana D-1255

I, JIBANANANDA MAHANTA, S/o- Ananta Charan Mahanta, At/ P.O.- Chauthia, P.S.- Baria, Dist.- Keonjhar- 758044 declare by affidavit No.- 8045, dt. 11.07.25 before Executive Magistrate, Cuttack. That I have changed my name JIBANANANDA ANANTA MAHANTA to JIBANANANDA MAHANTA. Henceforth, I shall be known as JIBANANANDA MAHANTA for all purposes. D-1262

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Boudh, No.-1014, date 10.07.25, I Arati Kumari Agrawala, W/o- Anand Kumar Agrawala, R/o. Village/P.O./P.S.- Brajarajnagar, Dist.- Jharsuguda declare that I have changed my name from Arati Kumari Ram to Arati Kumari Agrawala. Henceforth, I shall be known as Arati Kumari Agrawala for all purposes.
Arati Kumari Agrawala D-1252

I, Jibanananda Mahanta, S/o- Ananta Charan Mahanta, At/P.O.- Chauthia, P.S.- Baria, Dist.- Keonjhar-758044 declare by affidavit No.- 8044, dt. 11.07.25 before Executive Magistrate, Cuttack. That I have changed my son name SAI ANAND MAHANTA to SAI SHREYANSH. Henceforth, he will be known as SAI SHREYANSH for all purposes. D-1263

By virtue of an affidavit sworn before in the Court of Executive Magistrate, Nayagarh, dt. 09.07.2025, I, Sunil Kumar Das, Son of Ghanashyam Das, Village- Khamarisahi, P.O.- Similisahi, P.S./ Dist.- Nayagarh, PIN- 752070 declare that I have changed my son's name from Rajendra Das to Rajendra Kumar Das. Henceforth, he shall be known as Rajendra Kumar Das for all purposes. D-1253

By virtue of an affidavit sworn before Executive Magistrate, Nayagarh, dtd. 08.07.2025, I, Sapana Mohanty, W/o- Gangadhar Mohanty, At- Nuapalli, P.O.- Durdura, P.S./ Dist.- Nayagarh-752094 declare that I have changed my daughter's name from Sunita Mohanty to Swanita Mohanty. Henceforth, she shall be known as Swanita Mohanty for all purposes. D-1250

LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ରିଭିଜନାଲ୍ କୋର୍ଟ ନଂ.-୩, ଭୁବନେଶ୍ୱର ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର କେସ୍ ନଂ. ଓ.ଏସ୍. ଏସ୍. ୧୦୪୬/୨୦୨୩
ଲିଙ୍ଗରାଜ ନାୟକ ଓ ଅନ୍ୟାନ୍ୟ ....ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର ....ପ୍ରତିବାଦୀ
ନୋଟିସ ଅର୍ଡର ନଂ.୫, ରୁଲ୍-୨୦ ସି.ପି.ସି. ମୁତାବକ
୧. ବନ୍ଦନା ନାୟକ, ପିତା: ନରହରି ବିଶ୍ୱାଳ, ସ୍ଥାନ: ସାନ୍ତପଡ଼ା, ପୋ/ଥାନା: ସୋର, ଜିଲ୍ଲା: ବାଲେଶ୍ୱର, ୨. ଲକ୍ଷ୍ମୀଧର ନାୟକ, ପିତା: ପରମାନନ୍ଦ ନାୟକ, ସ୍ଥାନ: ପାଠପୁର, ପୋ/ଥାନା: ବାଙ୍କି, ଜିଲ୍ଲା: କଟକ, ୩. ଭ୍ରମର ନାୟକ, ପିତା: ବୁଧି ନାୟକ, ୪. ଦେବିଗାରୀ ସାହୁ, ପିତା: ମଣି ସାହୁ, ୫. ବୈରାଗୀ ସାହୁ, ପିତା: ମଣି ସାହୁ, ୬. ଶଙ୍କର ସାହୁ, ପିତା: ମଣି ସାହୁ, ୭. ଚକ୍ରଧର ସାହୁ, ପିତା: ମଣି ସାହୁ, ୮. ଲକ୍ଷ୍ମଣ ସାହୁ, ପିତା: ମଣି ସାହୁ କ୍ର.ନଂ.୩ ରୁ ୮ ସମସ୍ତଙ୍କ ଠିକଣା: ଗ୍ରା/ପୋ: ଗାଡ଼କଣ, ଥାନା: ମଞ୍ଚେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର ....ପ୍ରତିବାଦୀମାନେ
ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛି କି ଆପଣମାନଙ୍କ ନାମରେ ବାଦୀ ଶ୍ରୀ ଲିଙ୍ଗରାଜ ନାୟକ ଓ ଅନ୍ୟମାନେ ଆପଣଙ୍କୁ ପ୍ରତିବାଦୀ କରି ଉକ୍ତ ମକଦ୍ଦମା ଉକ୍ତ କୋର୍ଟରେ ଦାଖଲ କରିଅଛନ୍ତି। ଯାହାଦ୍ୱାରା ଆପଣମାନଙ୍କୁ ବାରମ୍ବାର ପୋଷ୍ଟାଲ ମାଧ୍ୟମରେ ନୋଟିସ ପଠାଯାଇଥିଲେ ମଧ୍ୟ ତାହା ପୁନଃ ଫେରିଆସୁଛି। ଯେଉଁଥିପାଇଁ ମକଦ୍ଦମା ଅଯଥା ଗଡ଼ୁଅଛି। ଶେଷରେ କୋର୍ଟ ଆପଣଙ୍କ ଅବଗତି ନିମନ୍ତେ ଏହି ବିଜ୍ଞାପନ ଦ୍ୱାରା ତା୨୨।୦୭।୨୫ରିଖକୁ ମକଦ୍ଦମାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଏଣୁ ଆପଣମାନେ କିମ୍ବା ଆପଣମାନଙ୍କ କ୍ଷମତାଧାରୀ ଅଧିବକ୍ତାଙ୍କ ଦ୍ୱାରା ଉକ୍ତ ମକଦ୍ଦମାକୁ ଉକ୍ତ ଦିନ ତଦ୍‌ବିର କରିବା ହେବେ। ଅନ୍ୟଥା କୋର୍ଟ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି କରି ନ୍ୟାୟ ପ୍ରଦାନ କରିବାକୁ ବାଧ୍ୟ ହେବେ।
ଜମିର ବିବରଣୀ:
ମୌଜା: ଗାଡ଼କଣ, ଥାନା: ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ସାବିକ ଖାତା ନଂ.-୧୨୬, ପ୍ଲଟ୍ ନଂ.-୧୨୬, ପ୍ଲଟ୍ ନଂ.- ୪୭୫୩, ଏରିଆ- ୦.୧୦ ଡିସିମିଲ (ସମୁଦାୟ ୦.୩୩୦ ଡିସିମିଲରୁ), ସାବିକ ଖାତା ନଂ.- ୧୨୬, ପ୍ଲଟ୍ ନଂ.- ୪୭୫୪, ଏରିଆ- ୦.୪୦ ଡିସିମିଲ (ସମୁଦାୟ ୦.୬୮୦ ଡିସିମିଲରୁ), ସମୁଦାୟ ଏରିଆ- ୦.୫୦ ଡିସିମିଲ।
ହାଲ୍ ଖାତା ନଂ.- ୩୮୭, ପ୍ଲଟ୍ ନଂ.- ୮୧୨୯, ଏରିଆ- ୦.୫୦ ଡିସିମିଲ, (ସମୁଦାୟ ଏରିଆ ୦.୨୧୫ ଡିସିମିଲରୁ)।
ଭୁବନେଶ୍ୱର
ତାରିଖ: ୨୮।୦୫।୨୫
ଅତିରିକ୍ତ ଆୟୁକ୍ତ ରିଭିଜନାଲ୍ କୋର୍ଟ-୩
ସ୍ୱା./- କୋର୍ଟ ଅଧିକାରୀ
ଧ-୧୬୪୬

ମନେ ପଡ଼ନ୍ତି

ଏକାଦଶାହ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରମାକାନ୍ତ ସାହୁ
ଜଗନ୍ନାଥ ପ୍ରସାଦ, ଖୟଲପୁର
ଆବିର୍ଭାବ : ୦୧.୧୦.୧୯୫୧
ତିରୋଧାନ : ୨୪.୦୭.୨୦୨୪
(ଶ୍ରାବଣ ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସ ହୋଇ ରହିଛି। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଆତ୍ମା ଅମର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୧୨୭୦

ଏକାଦଶାହ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରଜନୀକାନ୍ତ ସାହୁ
ଜଗନ୍ନାଥ ପ୍ରସାଦ, ଖୟଲପୁର
ଆବିର୍ଭାବ : ୦୨.୦୪.୧୯୬୩
ତିରୋଧାନ : ୨୪.୦୭.୨୦୨୪
(ଶ୍ରାବଣ ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସ ହୋଇ ରହିଛି। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଆତ୍ମା ଅମର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୧୨୭୦

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଭାତ କୁମାର ବେହେରା (ଶିକ୍ଷକ)
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଆବିର୍ଭାବ: ୮।୨।୧୯୮୨
ତିରୋଧାନ: ୨୫।୦୭।୨୦୧୫
ଧ-୧୨୬୮

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୧।୭: କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୮୯ (୬୮୯.୮୧) ପଏଣ୍ଟ ହ୍ରାସ ଘଟି ୮୨,୫୦୦ (୮୨,୫୦୦.୪୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦୫(୨୦୫.୪୦) ପଏଣ୍ଟ କମି ୨୫,୧୫୦ (୨୫,୧୪୯.୮୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ବାୟରର ନୂତନ ଉତ୍ପାଦ

ଭୁବନେଶ୍ୱର,୧୧।୭: ବାୟରର ନୂତନ ଉତ୍ପାଦ ତଥା ଅଭିନବ ଫଙ୍ଗିସାଇଡ୍ ଫେଲୁଜିଟ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାକୁ ଧାନ ଫସଲରେ ପତ୍ରଛତା ପୋଡ଼ା ରୋଗ (ସିଥ୍ ବ୍ଲାଇଟ) ବିରୋଧରେ ଗଛର ସମସ୍ତ ଅଂଶକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ଏହି ଉତ୍ପାଦକୁ ଦେଶ ତୁଲାଇରୁ ଦେଶର ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ଉପଲବ୍ଧ ହେବ। ଏପରିକି କୀଟ ଓ ରୋଗଗୁଡ଼ିକରେ ବଢ଼ୁଥିବା ବିପଦ ସହ କୃଷିକ୍ଷେତ୍ର ସଂଘର୍ଷ କରୁଥିବାବେଳେ ଏହାର ସମାଧାନ ପାଇଁ ଫେଲୁଜିଟ୍, ଫେନ୍‌ଫ୍ଲୁଫେନ ଓ ଟେବୁକୋନାଜୋଲକୁ ମିଶ୍ରଣ କରିଛି। ବାୟର କ୍ରପ୍ ସାଇନ୍ସ ଡିଭିଜନର କ୍ଲଷ୍ଟର କମର୍ସିଆଲ ଲିଡ୍ ମୋହନବାବୁ କହିଛନ୍ତି, ଫେଲୁଜିଟ୍ ହେଉଛି କୃଷକଙ୍କ ପାଇଁ ଏକ ଅତ୍ୟଧିକ ପ୍ରଭାବଶାଳୀ ସମାଧାନ। ଯାହା ସିଥ୍ ବ୍ଲାଇଟ ଉପରେ ଚମତ୍କାର ନିୟନ୍ତ୍ରଣ ପ୍ରଦାନ କରିଥାଏ। ବାୟରରେ ଆମେ କୃଷି ଅଭ୍ୟାସଗୁଡ଼ିକୁ ଶୃଙ୍ଖଳିତ କରିଥାଏ। ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଆମର ଉଦ୍ଭାବନ କୃଷକଙ୍କୁ କମ୍ ପ୍ରୟୋଗ ସହିତ ପ୍ରଭାବୀ ରୂପେ ରୋଗ ପ୍ରତିରୋଧ କରିବା, ନିଜର ସଂଶୋଧନକୁ ଉନ୍ନତ କରିବା ଏବଂ ବର୍ଦ୍ଧିତ କୃଷି ଆହ୍ୱାନ ମଧ୍ୟରେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ସଶକ୍ତ କରିଥାଏ।

# ଏଫ୍‌ଆଇଏମ୍‌ଏଏଫ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୧।୭: ଫ୍ରାଙ୍କଲିନ୍ ଟେମ୍ପଲେଟନ (ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ତଥା ବହୁଚର୍ଚ୍ଚିତ ଆସେଟ୍ ଆବଣ୍ଟନକାରୀ ଫଣ୍ଡ 'ଫ୍ରାଙ୍କଲିନ୍ ଇଣ୍ଡିଆ ମଲ୍ଟି ଆସେଟ ଆଲୋକେସନ ଫଣ୍ଡ (ଏଫ୍‌ଆଇଏମ୍‌ଏଏଫ୍)'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଗୁଣ୍ଡିତ ଭାବେ ପରିଚାଳିତ ଏହି ଫଣ୍ଡ ଦେବଟ୍, ମନି ମାର୍କେଟ ଇନ୍‌ଷ୍ଟ୍ରୁମେଣ୍ଟ ଏବଂ କମୋଡିଟିରେ ଆବଣ୍ଟନ ଦ୍ୱାରା ସମସ୍ତ ବ୍ୟୁଡ୍ ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ ବର୍ଗଗୁଡ଼ିକରେ ଅଭିବୃଦ୍ଧି ଏବଂ ମୂଲ୍ୟତ ରଣକୌଶଳର ସନ୍ନିଶ୍ରଣରେ ଇକ୍ୱିଟିଗୁଡ଼ିକରେ ନିବେଶ ଦ୍ୱାରା ଦୀର୍ଘସୂତ୍ରୀ ପୁଞ୍ଜି ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହି ନ୍ୟୁ ଫଣ୍ଡ ଅଫର ୨୦୨୫ ଜୁଲାଇ ୨୫ ରେ ବନ୍ଦ ହେବ। ଯେଉଁ ସମୟ ମଧ୍ୟରେ ୟୁନିଟ୍‌ଗୁଡ଼ିକ ପ୍ରତି ୟୁନିଟ୍ ପିଛା ୧୦ଟଙ୍କା ମୂଲ୍ୟରେ ଉପଲବ୍ଧ ହେବ। ଫ୍ରାଙ୍କଲିନ୍ ଟେମ୍ପଲେଟନ ଇଣ୍ଡିଆର ପ୍ରେସିଡେଣ୍ଟ ଅବିନାଶ ସତ୍ୱଲେକର କହିଛନ୍ତି, ଏହି ଫଣ୍ଡର ପ୍ରଚଳନ ବା ଶୁଭାରମ୍ଭରେ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମ ଗ୍ରାହକମାନଙ୍କର ଅଗ୍ରାଧିକାର ବିଷୟ, ଲକ୍ଷ୍ୟ ସମ୍ଭୁଦ୍ଧ ଏବଂ ଚାରାଉଲୁଛିଆରେ ବିଚାର ସମୟ ବ୍ୟାପୀ ଭଲ ଭାବେ ସେମାନଙ୍କର ଦୀର୍ଘ ସୂତ୍ରୀ ଆର୍ଥିକ ଲକ୍ଷ୍ୟଗୁଡ଼ିକ ମୁତାବକ ସମାଧାନ ଯୋଗାଇବେବାକୁ ଆମର ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି।

# ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା

■୨ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା
■ହତ୍ୟାର କାରଣ ଅସ୍ପଷ୍ଟ

ଗୁରୁଡ଼ିପାଲି,୧୧।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଗଜବନ୍ଧ ପଞ୍ଚାୟତର ସରପଞ୍ଚ ବାସନ୍ତୀ କ୍ଷେତ୍ରୀଙ୍କ ସ୍ୱାମୀ ତଥା ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଲ୍ଲଭ କ୍ଷେତ୍ରୀ(୪୮)ଙ୍କୁ ଗୁରୁବାର ରାତିରେ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଛି। ଏନେଇ ରାମପୁର ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ପୋଲିସ କେସ୍ ନଂ. ୯୮/୨୫ରେ ମାମଲା ରୁଜୁ କରି ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ ଓ ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଘଟଣା ସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ ରକ୍ତ ନମୁନା, ଚପଲ, ମାଟି ସଂଗ୍ରହ କରି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଘଟଣା ସ୍ଥଳରେ ସୋନପୁର ଏସ୍‌ଡିପିଓ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ରାମପୁର ଥାନା ଅଧିକାରୀ ପଦ୍ମିନୀ ମେହେର ଓ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ମୃତ ବଲ୍ଲଭ ଯେହେତୁ ଜଣେ ସରପଞ୍ଚ ଥିଲେ, ଜମିଜମା ମାମଲା କିମ୍ବା ରାଜନୈତିକ କାରଣରୁ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ଆରକ୍ଷୀ ଅଧୀକ୍ଷକ ନାଏକ କହିଛନ୍ତି।


ବଲ୍ଲଭ କ୍ଷେତ୍ରୀ

ପୋଲିସ ସୂଚନା ଅନୁଯାୟୀ, ବଲ୍ଲଭ ଗୁରୁବାର ରାତି ପ୍ରାୟ ୧୦ଟାରେ କୌଣସି କାମରେ ଘର ବାହାରକୁ ଯାଇଥିଲେ। କାମ ସାରି ଗଜବନ୍ଧ ଛକ ଆଡୁ ନିଜ ଗାଁ କେନାପାଲିକୁ ଫେରୁଥିଲେ। ପଣ୍ଡରାପାଲି ଗାଁ ନିକଟ କେନାଲ ରାସ୍ତାରେ ୪ରୁ ୫ ଜଣ ବାଇକ୍ ଯୋଗେ ଆସି ତାଙ୍କ ବାଇକ୍‌କୁ ଅଟକାଇଥିଲେ। ପରେ ଗୋଡ଼ାଇ ଗୋଡ଼ାଇ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ତାଙ୍କ ମୁଣ୍ଡ ଏବଂ ଡାହାଣ ହାତରେ ଗଭୀର ଆଘାତ ଲାଗିବାରୁ ରକ୍ତ ଜୁବୁଜୁବୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁଡ଼ିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସକାଳେ ରାମପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ମେହେର କହିଛନ୍ତି। ତେବେ ଜମିଜମା ନେଇ ଅନ୍ୟ ଏକ ପରିବାରଙ୍କ ସହ କିଛିଦିନ ତଳେ ଥାନାରେ ମାମଲା ହୋଇଥିବା ତାଙ୍କ ସାନ ଭାଇ ଲବ କ୍ଷେତ୍ରୀ କହିଛନ୍ତି। ବଲ୍ଲଭ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଗଜବନ୍ଧ ଗ୍ରାମପଞ୍ଚାୟତର ସରପଞ୍ଚ ଥିଲେ। ବର୍ତ୍ତମାନ ତାଙ୍କ ସ୍ତ୍ରୀ ବାସନ୍ତୀ କ୍ଷେତ୍ରୀ ଗଜବନ୍ଧ ଗ୍ରାମପଞ୍ଚାୟତର ସରପଞ୍ଚ ଅଛନ୍ତି। ମୃତ ବଲ୍ଲଭ ସରପଞ୍ଚ ଥିବାବେଳେ ଭଲ କାମ କରି ଥିବା ପଣ୍ଡରାପାଲି ଗ୍ରାମବାସୀ କହିଛନ୍ତି। ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ କେନାପାଲି ଗ୍ରାମକୁ ଯାଇ ମୃତ ବଲ୍ଲଭଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ବଲ୍ଲଭଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ରେଲ୍‌ୱେରେ ଚାକିରି ନାଁ'ରେ ୬୨ ଲକ୍ଷ ଠକେଇ

**ଅଭିଯୁକ୍ତ ଗିରଫ, ନକଲି ନିଯୁକ୍ତି ପତ୍ର ଜବତ**

ବ୍ରହ୍ମପୁର,୧୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ରେଲ୍‌ୱେରେ ଚାକିରି କରାଇଦେବା ନାଁ'ରେ ୫ ଯୁବକଙ୍କଠାରୁ ୬୨ ଲକ୍ଷ ୫୦ ହଜାର ଟଙ୍କା ଠକେଇର ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ବ୍ରହ୍ମପୁର ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କୁକୁଡ଼ାଖଣ୍ଡି ଶାନ୍ତିନଗରର ଏ. ବିଘ୍ନେଶ୍ୱର ରାଓ ଦୋରା(୫୦)। ପୋଲିସ ତାଙ୍କ ନିକଟରୁ ନକଲି ନିଯୁକ୍ତିପତ୍ର, ମେଡିକାଲ ପରୀକ୍ଷା ପାଇଁ ନକଲି କଲ୍‌ଲେଟର, ପୂର୍ବତଟ ରେଳବାଇ ଗ୍ରୁପ ସି (ଟିଟିଇ) ନିଯୁକ୍ତିପତ୍ର ଓ ମୋବାଇଲ ଫୋନ୍ ଜବତ କରିଛି। ମାମଲା ନଂ. ୩୦୩/୨୫ରେ ବିଘ୍ନେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଏହି ଠକେଇ ଘଟଣାର ଅନ୍ୟ ୨ ଅଭିଯୁକ୍ତ ସମରଜିତ ରାଉତ ଓରଫ ବସନ୍ତ ସିଂ ଏବଂ ଶୁଭଲକ୍ଷ୍ମୀ ରାଉତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

୨୦୨୩ ମାର୍ଚ୍ଚ ୧୮ରେ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରେ ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ. କୃଷ୍ଣଚନ୍ଦ୍ର ଦୋରା ଓ ତାଙ୍କ ସାଙ୍ଗଙ୍କ ସହ ବିଘ୍ନେଶ୍ୱରଙ୍କ ଭେଟ ହୋଇଥିଲା। ସେମାନେ ଚାକିରି ଖୋଜୁଥିବା ବିଘ୍ନେଶ୍ୱର ଜାଣିବା ପରେ ତାଙ୍କର ରେଳୱେର ଉଚ୍ଚ ଅଧିକାରୀଙ୍କ ସହ ଭଲ ସମ୍ପର୍କ ଅଛି, ସେଥିରେ ଚାକିରି ବୁଝିଦେବେ ବୋଲି କହିଥିଲେ। ଜଣ ପିଛା ୧୨ ଲକ୍ଷ ୫୦ ହଜାର ଟଙ୍କା ଦେଲେ ଗ୍ରୁପ ସି (ଟିଟିଇ)ରେ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଘ୍ନେଶ୍ୱରଙ୍କ କଥାରେ ଯୁବକମାନେ ଭରସା କରି ତାଙ୍କ ସହ ଭୁବନେଶ୍ୱର ଯାଇଥିଲେ। ବିଘ୍ନେଶ୍ୱର ଭୁବନେଶ୍ୱରରେ ସମରଜିତ ଓ ଶୁଭଲକ୍ଷ୍ମୀଙ୍କ ସହ ଚାକିରି ଆଶାୟୀମାନଙ୍କୁ ସାକ୍ଷାତ କରିଥିଲେ। ସମରଜିତ ନିଜକୁ ରେଳୱାଇ ୱାଚ ଆଣ୍ଡ ୱାର୍ଡ ଗାଇଡ଼ର ଟିଟିଇ ବୋଲି ପରିଚୟ ଦେଇଥିଲେ। ସେ ଅନେକ ନିଯୁକ୍ତିପତ୍ର, ରେଳ ବିଭାଗର ଜେନେରାଲ ମ୍ୟାନେଜର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଫଟୋ ଦେଖାଇଥିଲେ। ତେଣୁ ଯୁବକମାନଙ୍କ ବିଶ୍ୱାସ ହୋଇଥିଲା ଯେ ଟଙ୍କା ଦେଲେ ନିଯୁକ୍ତି ମିଳିଯିବ। ପରେ ବିଘ୍ନେଶ୍ୱରଙ୍କ ଉପସ୍ଥିତିରେ ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ୫ଜଣଙ୍କଠାରୁ ଜଣ ପିଛା ୧୨ଲକ୍ଷ ୫୦ ହଜାର ଟଙ୍କା ହିସାବରେ ମୋଟ ୬୨ଲକ୍ଷ ୫୦ ହଜାର ଟଙ୍କା ସମରଜିତ୍ ନେଇଥିଲେ। ପରେ ଯୁବକମାନେ ବିଘ୍ନେଶ୍ୱରଙ୍କ ସହ କଲିକତାର ସିଆଲଦାରେ ଥିବା ବି.ଆର. ସିଂ ହସ୍ପିଟାଲ ଯାଇ ମେଡିକାଲ ଟେଷ୍ଟ କରାଇ ଫେରିଥିଲେ। କିଛିଦିନ ପରେ ମେଲକୁ କଲଲେଟର, ଡକ୍ୟୁମେଣ୍ଟ ଭେରୀଫିକେଶନ ମେଡିକାଲ ଟେଷ୍ଟ ରିପୋର୍ଟ ଆସିଥିଲା। ୨ ସପ୍ତାହ ପରେ ସେମାନଙ୍କୁ ନିଯୁକ୍ତିପତ୍ର ମିଳିଥିଲା। ଯାଞ୍ଚ ପରେ ତାହା ନକଲି ବୋଲି ଜଣାପଡ଼ିଥିଲା। ଯୁବକମାନେ ବିଘ୍ନେଶ୍ୱର, ସମରଜିତ ଓ ଶୁଭଲକ୍ଷ୍ମୀଙ୍କୁ ସାକ୍ଷାତ ପାଇଁ ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିଲେ। ଚାକିରି ଆଶାୟୀ ଏସ . କୃଷ୍ଣଚନ୍ଦ୍ର ଦୋରା ସଦର ଥାନାରେ ଅଭିଯୋଗ କରିଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଅନୁଗୋଳ,୧୧।୭(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ନିଶା ଥାନା ଅଞ୍ଚଳର ସନାତନ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଶୁକ୍ରବାର ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୭ ମାର୍ଚ୍ଚ ୨୦୨୪ ମଧ୍ୟାହ୍ନରେ ନିଶା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅଭିଯୁକ୍ତ ସନାତନ ବଳାତ୍କାର କରିଥିବା ନେଇ ନାବାଳିକାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ସ୍ୱତନ୍ତ୍ର ଜଜ୍ ପୋକ୍‌ସୋ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ପୀଡିତାଙ୍କୁ ୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଅର୍ଥ ରାଶି ପ୍ରଦାନ କରିବା ପାଇଁ ଆଦେଶ ଦେଇଛନ୍ତି।

# ଭାଇଙ୍କ ତଣ୍ଟି କାଟି ହତ୍ୟାକଲେ ଭାଇ

ଭୋଗରାଇ, ୧୧।୭(ପ୍ରଦୀପ ଦାସ)

ରାତି ଅଧରେ ମଝିଆ ଭାଇଙ୍କୁ ଘରୁ ଡାକିନେଇ ଏକ ଧାରୁଆ ଅସ୍ତ୍ରରେ ତଣ୍ଟି କାଟି ବୀଭତ୍ସ ଭାବେ ହତ୍ୟା କରି ରାସ୍ତାରେ ଫିଙ୍ଗି ଦେଇଛନ୍ତି ବଡ଼ ଭାଇ। ହତ୍ୟା ପରେ ମାରିଛନ୍ତି ଚମ୍ପଟ। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ସୀମାନ୍ତ ଗାଁ ମାନକୁଣ୍ଡାରେ। ମୃତକ ହେଲେ ନିମାଇଁ ମଣ୍ଡଳ (୪୫)। ଖବର ପାଇ ଶୁକ୍ରବାର ସକାଳେ ଜଳେଶ୍ୱର ଏସ୍‌ଡିପିଓ ମାନସ କୁମାର ଦେଓ, ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳଙ୍କ ସହ ପୋଲିସ ବାହିନୀ ଓ ବାଲେଶ୍ୱର ସାଇଣ୍ଟିଫିକ୍ ଟିମ ପହଞ୍ଚି ଅଭିଯୁକ୍ତଙ୍କ ଘରେ ଛାନ୍‌ଭିନ୍ କରିବା ସହିତ ଘରେ ରୋଷେଇ କରୁଥିବା ଜଣେ ଅଳ୍ପ ବୟସ୍କା ମହିଳା ଓ ଆତ୍ମୀୟଙ୍କର ବୟାନ ରେକର୍ଡ କରିଛନ୍ତି।

# ୩ ଝାଡ଼ଖଣ୍ଡୀ ଲୁଟେରା, ୨ ଜୁଏଲେରି ଦୋକାନୀ ଗିରଫ

**୨୯ ଗ୍ରାମ୍ ସୁନା, ୩ କିଲୋ ରୁପା ଅଳଙ୍କାର ଜବତ**


ଗିରଫ ୫ ଅଭିଯୁକ୍ତ।

ବଡ଼ବିଲ,୧୧।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲାର ବିଭିନ୍ନ ଥାନାଞ୍ଚଳରେ ଲୁଟ୍‌ର ଆତଙ୍କ ଖେଳାଇଥିବା ଝାଡ଼ଖଣ୍ଡୀ ଲୁଟେରା ଗ୍ୟାଙ୍ଗ୍‌ର ୩ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୨୯.୫୩୦ ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାର ସହ ୩. ୬୮୧ କିଲୋ ରୁପା ଅଳଙ୍କାର ଜବତ କରିଥିବା ଜଣାପଡ଼ିଛି। ଚୋରି ଅଳଙ୍କାର କ୍ରୟ ଅଭିଯୋଗରେ ୨ ଜୁଏଲେରି ଦୋକାନୀଙ୍କୁ ଗିରଫ କରାଯାଇଛି। ୩ ଅଭିଯୁକ୍ତ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲା ମଝଗାଁ ଥାନା ଅନ୍ତର୍ଗତ ଗଡ଼କେଶନା ଗ୍ରାମର ରାଜେନ୍ଦ୍ର ପିଙ୍ଗୁଆ, ଗୁଡୁଗାଁ ଅଞ୍ଚଳର ଦୀପକ ଗୋପ, ଜଗନ୍ନାଥପୁର ଥାନା ଟୋନାଘାଟୁ ଫାଟକ ଅଞ୍ଚଳର ସରୋଜ କେଶରୀ ଓ ୨ ଜୁଏଲେରି ଦୋକାନୀ ହେଲେ ବାଗବେଡ଼ା ଥାନା ଅନ୍ତର୍ଗତ ନ୍ୟୁ ବସ୍ତିର ଶିବପ୍ରକାଶ ପ୍ରସାଦ ଓ ସୀତାଗୋଡ଼ା ଥାନା ବାଗୁନହାତୁ ଅଞ୍ଚଳର ରାଜେନ୍ଦ୍ର ପ୍ରସାଦ। ଏ ନେଇ ବଡ଼ବିଲ ଥାନା ପରିସରରେ ଶୁକ୍ରବାର ମଧ୍ୟାହ୍ନରେ ବଡ଼ବିଲ ସବ୍ ଡିଭିଜନାଲ ପୋଲିସ ଅଫିସର ଦେବେନ୍ଦ୍ର ପିଙ୍ଗୁଆ ଖବରଦାତା ସମ୍ମିଳନୀକରି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜିଲାର ବଡ଼ବିଲ, ଯୋଡ଼ା, ଚମ୍ପୁଆ ସମେତ ଅନ୍ୟ ଥାନା ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ୍ ଭୋର ଓ ସନ୍ଧ୍ୟା ସମୟରେ ବୟସ୍କା ଓ ମହିଳାଙ୍କୁ ଟାର୍ଗେଟ କରୁଥିଲେ। ଏ ନେଇ ବିଭିନ୍ନ ସମୟରେ ବଡ଼ବିଲ ଥାନାରେ ୫, ଯୋଡ଼ା ଥାନାରେ ୩ ଓ ଚମ୍ପୁଆ ଥାନାରେ ୧ ମାମଲା ରୁଜୁହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବଡ଼ବିଲ ଥାନା ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲା। ପୋଲିସ ୩ଜଣଙ୍କୁ ଧରିବାକୁ ସକ୍ଷମ ହୋଇଥିବା ବେଳେ ଦୁର୍ବୃତ୍ତମାନେ ଚୋରି ସୁନା ଓ ରୁପା ଅଳଙ୍କାର ବିକ୍ରି କରିଦେଇଥିବା ଜଣାପଡ଼ିଥିଲା। ଅଧିକ ତଦନ୍ତକରି ଚୋରି ଅଳଙ୍କାର କ୍ରୟ କରିଥିବା ଶିବଶକ୍ତି ଜୁଏଲେରି ଉପରେ ଚଢ଼ାଉକରି ଦୋକାନୀଙ୍କ ନିକଟରୁ ୨୯.୫୩୦ ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାର ସହ ୩ କିଲୋ ୬୮୧ଗ୍ରାମ ୨୭ ମିଲିଗ୍ରାମ ରୁପା ଅଳଙ୍କାର ଜବତ କରିଥିଲା। ଲୁଟ୍‌ରେ ବ୍ୟବହୃତ ବାଇକ୍ (ଜେଏଚ୍ ୦୫ ବିଏନ୍ ୯୨୬୬)କୁ ମଧ ପୋଲିସ ଜବତ କରିଛି। ଗିରଫ ସମସ୍ତ ୩ ଅଭିଯୁକ୍ତ ସମସ୍ତ ଘଟଣାରେ ସମ୍ପୃକ୍ତ ରହିଛନ୍ତି। ଅଭିଯୁକ୍ତ ରାଜେନ୍ଦ୍ର ଝାଡ଼ଖଣ୍ଡର ହାଟଗମ୍ହାରିଆ ଥାନା କେସ୍ ନଂ. ୨୩/୨୦୨୨ରେ ମଧ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି। ଘଟଣାରେ ଆଉ କିଏ ସମ୍ପୃକ୍ତ ଅଛନ୍ତି କି ନାହିଁ ତଦନ୍ତ ଜାରି ରହିଥିବା ପୋଲିସ କହିଛି।


ଜବତ ସୁନା, ରୁପା ଅଳଙ୍କାର।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
No.O-409
No.3656/RWDBNJ/Dated. 07.07.2025
**1ST CORRIGENDUM TO TENDER CALL NOTICE**
**IDENTIFICATION NO.01/RWDBNJ/2025-2026 T.O.LETTER NO. DATED**
The following modifications to the Online Tender/01/SERWBNJ/2025-26 are made under unavoidable circumstances.

| Procurement officer | Bid Identification No. | Availability of Tender on line for bidding From | Availability of Tender on line for bidding To | Last date & Time of Seeking Tender clarification | technical Bid opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office order | | | |
| Superintending Engineer, Rural Works Division, Bhanjanagar | Online Tender/01/ RWDBNJ/2025/26 | 07.07.2025 at 10.00 A.M. | 17.07.2025 to 3.00 P.M. | 15.07.2025 Upto 3.00 P.M. | 18.07.2025 at 12.30 Noon |
| | | As per **1st Corrigendum** | | | |
| | | 28.07.2025 at 10.00 A.M. | 07.08.2025 to 3.00 P.M. | 06.08.2025 Upto 3.00 P.M. | 08.08.2025 at 12.00 Noon |

All other terms and conditions of the said tender call notice shall remain unchanged.
Sd./- Executive Engineer
Rural Works Division, Bhanjanagar
OIPR-25174/11/0026/2526

**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
**NIT NO :- 03/OMC/CIVIL DIVISION, BHUBANESWAR/2025**
**No.CAD-1075** : Tender for the following work is invited offline through OMC website.

| Sl. No. | Name of the work | Estimated cost (in lakh) | Time period of the (in month) | Class of Contractor work | EMD Offline (In Rupees) | Cost of Bid document (Rs.) |
|---|---|---|---|---|---|---|
| 1 | Interior renovation work of Room no.104 in First Floor of OMC Head Office (Campus-I) at Unit IV, Bhubaneswar in the district of Khordha | 3.99 | 01 (one) | D & C | 3990/- | 2000/- + 18% GST |
| 2 | Providing Concertina wire Fencing to the top of Boundary Wall of OMC Colony-II at Unit-9, Bhubaneswar. | 2.05 | 01 (one) | D & C | 2050/- | 2000/- + 18% GST |

1. Available of Bid document in OMC website from dt.11.07.2025 to 21.07.2025 up to 5.00 PM.
2. Last date of offline submission of tender is dt. 21.07.2025 up to 5.00 PM in the office of DGM (Civil), OMC House, Bhubaneswar.
3. Date of opening of Technical Bid is dt. 22.07.2025 at 11.00 AM.

All other details can be seen from Bid document available at OMC website **https://omcltd.in**
Odisha Mining Corporation Ltd. reserves the right to reject any or all tenders without assigning any reason thereof.
**OIPR-30005/11/0221/2526** **Sd./- General Manager (Civil)**

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. : 0674-2395391, Fax No. : 0674-2395291, Website : www.oscsc.in
OSCSC-ESTT-ESTT-0021-2024 No.9279 Date: 05.07.2025
**Notice for Cancellation of Short Tender Call Notice**
**No.CAD-1069** : The Short Tender Call Notice vide No.6960 dated 20.05.2025 for supply of Office Article/Stationeries etc. for official use in OSCSC Ltd. Head Office is hereby cancelled due to the non-participation of any bidder.
Sd./- General Manager (Admn.)
OIPR-07002/11/0037/2526

**Request for Proposal (RFP) For Empanelment of Electrical Contractor (HT)**
**THE ODISHA AGRO INDUSTRIES CORPORATION LTD.**
(Govt. of Odisha Undertaking) Regd.HO:95-Satyanagar, Bhubaneswar-07
Tel:(0674)2570687,Email:oaicho@orissaagro.com Website : odishaagro.nic.in
**Request for Proposal (RFP)**
**No.CAD-1067** : Sealed RFP in prescribed format are invited from Electrical Licensed Contractor (H.T.) registered in ELBO, Bhubaneswar. For details, please visit our website: odishaagro.nic.in. The detail RFP documents will be available in the office of the undersigned from **dt.11.07.2025** to **dt.06.08.2025** up to 3.00 p.m. on payment of **Rs.10500/- +GST@18%** per set or else the documents can be downloaded from our website. If the documents downloaded be enclosed with a D.D. for **Rs.12,390/-** (Inclusive GST) in favor of "The Managing Director, OAIC Ltd." of any nationalized bank payable at Bhubaneswar. The last date of submission of quotation documents is **dt.06.08.2025** up to **5.00 p.m.** The undersigned reserves the right to accept/ reject any /all application(s) without assigning any reason thereof.
**OIPR-01047/11/0053/2526** **Sd./- MANAGING DIRECTOR**

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL**
No.1289/Dt.07.07.2025
**e-Procurement Notice**
**Bid Identification No.-DMID/01/2025-26**
**e-mail ID : eemidkl@gmail.com**
**No.A-388** : The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in Different Block of Dhenkanal District for the year 2025-26 under Critical & DPIW Scheme |
| No. of Works | : | **19 (Nineteen) only** |
| Estimated Cost | : | **Varies from 8.20 lakh to 17.00 lakh (Approximately)** |
| Cost of Tender Paper | : | 4000/- to 6000/- |
| Period of Completion | : | 03 (Three) Calendar months |
| Availability of bid documents for sale and receipt through on-line | : | From dt.11.07.2025, 10.00 A.M. to Dt.21.07.2025, up to 5.00 P.M. |
| Last date / time of receipt of bids in the portal | : | 21.07.2025 (5.00 P.M.) |
| Date of Technical bid opening through online | : | on Dt.22.07.2025 at 11.00 A.M. in the Office of the S.E, M.I. Division, Dhenkanal |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Dhenkanal, At/P.O/District - Dhenkanal Ph. No / Fax No. - 06762-224461, Email ID : eemidkl@gmail.com |
| Further details can be seen from the e-Procurement market place http://tendersorissa.gov.in | | |

Sd./- Superintending Engineer
M.I.Division, Dhenkanal
OIPR-32027/11/0016/2526

**GOVERNMENT OF ODISHA**
**COMMERCE & TRANSPORT (TRANSPORT) DEPARTMENT**
**Request For Proposal (RFP)**
**(Reference No. 8350)**
**Leasing of Land for Establishment of UAV (Drone) Testing, Training and Promotional Facility at Rangeilunda Airport, Gopalpur Odisha**
**No.JJ-29** : Government of Odisha, Commerce & Transport (Transport) Department invites Request For Proposal (RFP) for "Leasing of Land for Establishment of UAV (Drone) Testing, Training and Promotional Facility at Rangeilunda Airport, Gopalpur Odisha" complying to all the norms as prescribed by the DGCA Ministry of Civil Aviation, Government of India.
Eligible and interested UAV OEMs and RPTOs may download the Request for Proposal (RFP) document which contains the details of the requirement from the following website of Government of Odisha and submit their offer,
https://tendersodisha.gov.in/nicgep/app
https://ct.odisha.gov.in/tenders
Proposals complete in all respect should reach the undersigned latest by **03:00 PM** on **31.07.2025 ("Bid Due Date" or "BDD")**. Bids received after the above BDD shall be summarily rejected. The authority reserves the right to reject any or all the proposals without assigning any reason thereof.
Sd./- Special Secretary to Govt. & Director of Aviation, Commerce & Transport (Transport) Department
Government of Odisha
OIPR-38001/11/0038/2526

**OFFICE OF THE CHIEF ENGINEER & BASIN MANAGER, TEL BASIN**
At/P.O.: Bhawanipatna, Dist.: Kalahandi, Odisha
Tel. No.: 06670-230209, e-Mail: cetelbasinbhp@gmail.com
**Government of Odisha "e" Procurement Notice**
**CE&BM, TEL-EPC 01/2025-26**
**Bid Identification No.; CETEL-ODD-01/2025-26**
No. A-370: Online tenders are invited for EPC Contract for Construction of In-stream Storage Structures at Jamutpali across Ong river of State of Odisha including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Desing and Estimate of all components with operation and Maintenance of the project for a period of five years or five flood seasons whichever is more after successful commissioning of the project from perspective bidders.

| | | |
|---|---|---|
| 1 | Name of Work | "Construction of In-stream Storage Strcutrures at Jamutpali across Ong river of State of Odisha including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all components with operation and Maintenance of the project for a period of five years or five flood seasons whichever is more after successful commissioning of the project". |
| 2 | Approximate value of work put to tender | Rs.153,41,69,241.00/- |
| 3 | Period of Completion | 30 Calendar months including rainy season. |
| 4 | Date & time of availability of bid document in the portal | Dt.11.07.2025 from 10.00 A.M. to Dt.04.08.2025 upto 5.00 P.M. |
| 5 | Last date/time for receipt of bids in the portal | Dt.04.08.2025 upto 5.00 P.M. |
| 6 | Name & address of the officer inviting Bid | Chief Engineer & Basin Manager, Tel Basin, Bhawanipatna, e-Mail: cetelbasinbhp@gmail.com |

Further details can be seen from the e-procurement portal **"https://tendersodisha.gov.in"**.
Sd./- Chief Engineer & Basin Manager
Tel Basin, Bhawanipatna
OIPR-32317/11/0007/2526

See Career Appointment on every Wednesday & Saturday

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 4843 / P.S.C., Dt. 10.07.2025**
**1E-33-2025/26 (DR-III)**
**Recruitment to the Posts of SDIPRO (OIS-II), Group-B**
of Odisha Information Service Cadre under I & PR Department
(Advertisement No.05 of 2024-25)
**No.D-130** : In Continuation to this Office Notice No. 4798/PSC, dtd. 09.07.2025, it is for information of all shortlisted candidates that the **Document Verification and Viva Voce Test** for recruitment to the posts of **SDIPRO (OIS-II), Group-B** under Information & Public Relations Department, pursuant to Advertisement No. 05 of 2024- 25 will be held from **22.07.2025** to **24.07.2025** at the office of OPSC, 19, Dr. P.K. Parija Road, Cuttack-753001 as per programme detailed below.


**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of verification | Time of Viva Voce Test | ROLL NO. of candidates |
|---|---|---|---|
| 22.07.2025 | 08.30 A.M. | 10.30 A.M. | 100011, 100027, 100039, 100042, 100066, 100077, 100078, 100089, 100090, 100094, 100108, 100111, 100129, 100135, 100151, 100172, 100191, 100220, 100231 & 100242 = **20 Candidates** |
| | 12.30 P.M. | 02.30 P.M. | 100243, 100248, 100268, 100291, 100351, 100354, 100355, 100374, 100379, 100390, 100392, 100393, 100397 & 100401 = **14 Candidates** |
| 23.07.2025 | 08.30 A.M. | 10.30 A.M. | 100408, 100420, 100421, 100444, 100447, 100454, 100480, 100489, 100516, 100520, 100522, 100535, 100563, 100566, 100568, 100595, 100612, 100618, 100620 & 100626 = **20 Candidates** |
| | 12.30 P.M. | 02.30 P.M. | 100632, 100641, 100643, 100672, 100674, 100679, 100694, 100695, 100696, 100701, 100711, 100716, 100726 & 100730 = **14 Candidates** |
| 24.07.2025 | 08.30 A.M. | 10.30 A.M. | 100746, 100750, 100769, 100778, 100779, 100784, 100785, 100791, 100792, 100816, 100817, 100820, 100822, 100833, 100853, 100865, 100932, 100956, 100995, 101009 = **20 Candidates** |

**N.B.** - The candidates are advised to report at the office of the Commission **30 minutes before** the commencement of Document Verification in each time slot allotted in the scheduled programme.
It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfillment of terms & conditions laid down in the Advertisement.
**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 30.10.2024).**
1. Hard Copy of **Online Application form** (mentioning **Roll No.** at the **Top Right- hand Corner** of the 1st page in Application Form).
(Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc. through OPSC e-Chayan Portal via www.opscechayan.in)
2. Four (04) passport size photographs (Unsigned & Unattested) which has been uploaded with application form.
3. H.S.C. or equivalent Certificate in support of declaration of age.
4. Intermediate/ +2 Examination Certificate.
5. Bachelor's Degree Certificate.
6. Certificate of Post Graduate Diploma in Journalism & Mass Communication.
7. Degree Certificate in Journalism/ Mass Communication issued from recognized University.
8. Mark Sheets in support of all the Examinations including fail marks, if any, issued by the concerned Board / Council / University.
9. Certificate in support of adequate knowledge in Computer Application.
10. Required Odia Test Pass Certificate from the competent authority.
11. Caste Certificate **by birth** in support of claim as SEBC/ST/SC whichever applicable. (which has been uploaded with online Application Form)
12. Permanent Disability Certificate (indicating percentage of permanent disability i.e. 40% and more)
13. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service, wherever applicable.
14. Any proof of identity.
15. Any other documents as per **Para-09** of the **Advertisement**.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention on each copy of documents **"Submitted by me and Certified as genuine and has not been cancelled"** and put their **full signature and date** on the same.
**OIPR-12002/11/0267/2526** **Sd./- Secretary**

# ରୁଟ୍‌ଙ୍କ ଶତକ, ବୁମ୍‌ରାଙ୍କୁ ୫ ଉଇକେଟ



ଲର୍ଡ୍ସରେ ଶତକ ହାସଲ ପରେ ଇଂଲଣ୍ଡର ଜୋ ରୁଟ୍।

**ଲର୍ଡ୍ସ, ୧୧।୭**

ଏଠାରେ ଚାଲିଥିବା ତୃତୀୟ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିବସରେ ଇଂଲଣ୍ଡର ଜୋ ରୁଟ୍ ଓ ଭାରତର ଯଶପ୍ରୀତ୍ ବୁମ୍‌ରା ସମାନ ସମ୍ମାନ ଲାଭ କରିଛନ୍ତି। ରୁଟ୍ କ୍ୟାରିୟରର ୩୭ତମ ଶତକ ହାସଲ କରିଥିବାବେଳେ ବୁମ୍‌ରା ଲର୍ଡ୍ସରେ ପ୍ରଥମଥର ପାଇଁ ୫ ଉଇକେଟ ସଫଳତା ପାଇଛନ୍ତି। ରୁଟ୍‌ଙ୍କ ଶତକ ପରେ ଜେମି ସ୍ମିଥ ଓ ବ୍ରାଇଡନ କାର୍ସଙ୍କ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ପ୍ରଥମ ଇନିଂସରେ ୩୮୭ ରନ ସଂଗ୍ରହ କରିଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଭାରତ ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୮୦ ରନ ସଂଗ୍ରହ କରିଛି। ୨୦୨୧ ପରେ ପ୍ରଥମ ଟେଷ୍ଟ ଖେଳୁଥିବା ଜୋଫ୍ରା ଆର୍ଚର ଇଂଲଣ୍ଡକୁ ପ୍ରଥମ ସଫଳତା ଦେଇଛନ୍ତି। ଯଶସ୍ୱୀ ଜୟସ୍ୱାଲ (୧୩ ରନ)ଙ୍କୁ ସେ ଆଉଟ କରିଛନ୍ତି। କରୁଣ ନାୟାର ୪୦ ରନକରି ପ୍ୟାଭିଲିୟନ ଫେରିଛନ୍ତି।

### ଲର୍ଡ୍ସ ଟେଷ୍ଟ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୫୧/୪ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ପୂର୍ବ ସ୍କୋରରେ ଆଉ ମାତ୍ର ୯ ରନ ଯୋଗ କରିବାପରେ ବେନ୍ ଷ୍ଟୋକ୍ସଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ଯଶପ୍ରୀତ୍ ବୁମ୍‌ରା। ରୁଟ୍‌ଙ୍କ ସହ ୫ମ ଉଇକେଟରେ ୮୮ ରନର ଭାଗୀଦାରି ଗଢ଼ିବାପରେ ଷ୍ଟୋକ୍ସ ବ୍ୟକ୍ତିଗତ ୪୪ ରନକରି ବୋଲ୍ଡ ହୋଇଯାଇଥିଲେ। ୮୮ତମ ଓଭରରେ ଇଂଲଣ୍ଡକୁ ଡବଲ୍ ଝଟ୍‌କା ଦେଇଥିଲେ ବୁମ୍‌ରା। ସେ ଶତକ ହାସଲକାରୀ ରୁଟ୍ (୧୦୪) ଓ କ୍ରିସ୍ ୱୋକ୍ସ (୦)ଙ୍କୁ କ୍ରମାଗତ ୨ଟି ବଲ୍‌ରେ ଆଉଟ କରିବାରୁ ଇଂଲଣ୍ଡ ସ୍କୋର ୨୭୧/୭ ହୋଇଯାଇଥିଲା। ଉଇକେଟ କିପର ଜେମି ସ୍ମିଥ୍ ଓ ବ୍ରାଇଡନ କାର୍ସ ଅର୍ଦ୍ଧଶତକ ହାସଲ କରି ଇଂଲଣ୍ଡକୁ ସମ୍ମାନଜନକ ସ୍କୋର ଆଡ଼କୁ ନେଇଯାଇଥିଲେ।



୫ ଉଇକେଟ ସଫଳତାରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍‌ରା।

ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ସ୍ମିଥ୍ ୫୬ ବଲ୍‌ରୁ ୫୧ ରନ କରିବା ସହ ୮ମ ଉଇକେଟରେ ୮୪ ରନର ପାର୍ଟନରଶିପ୍ ଗଢ଼ି ଆଉଟ ହୋଇଥିଲେ। ୧୧୩ତମ ଓଭରର ତୃତୀୟ ବଲ୍‌ରେ କାର୍ସ (୫୬ ରନ)ଙ୍କୁ ଆଉଟ କରି ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ ମହମ୍ମଦ ସିରାଜ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୫, ନୀତୀଶ କୁମାର ରେଡ୍ଡୀ ଓ ମହମ୍ମଦ ସିରାଜ ୨ଟି ଲେଖାଏ ଏବଂ ରବୀନ୍ଦ୍ର ଜାଡେଜା ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚରେ ଭାରତୀୟ ଫିଲ୍ଡିଂ ଖରାପ ରହିଥିଲା। ଇଂଲଣ୍ଡ ପ୍ରଥମ ଇନିଂସରେ ଭାରତୀୟ ଫିଲ୍‌ଡରମାନେ ଅଧଡଜନରୁ ଊର୍ଦ୍ଧ୍ୱ କ୍ୟାଚ ଡ୍ରପ୍ କରିଥିଲେ। ଭାରତୀୟ ବୋଲରମାନେ ଅତିରିକ୍ତଭାବେ ୩୧ ରନ ବ୍ୟୟ କରିଥିଲେ। ରେକର୍ଡ ଅନୁସାରେ ଲର୍ଡ୍ସରେ ପ୍ରଥମ ଇନିଂସରେ ୩୫୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରି କୌଣସି ଦଳ ପରାଜିତ ହେବାରେ ମାତ୍ର ୨ଟି ଦୃଷ୍ଟାନ୍ତ ରହିଛି। ୧୯୩୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୪୨୫ ଓ ୨୦୦୪ରେ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ୩୮୬ ରନ କରିଥିଲେ ମଧ୍ୟ ପରାଜିତ ହୋଇଥିଲା। ଅନ୍ୟ ସବୁଥର ୩୫୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିବା ଦଳ ହିଁ ବିଜୟୀ ହୋଇଛି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/ଅଲ୍‌ଆଉଟ (ଜୋ ରୁଟ୍-୧୦୪, ବ୍ରାଇଡନ କାର୍ସ-୫୬, ଜେମି ସ୍ମିଥ-୫୧, ବେନ୍ ଷ୍ଟୋକ୍ସ-୪୪, ଓଲି ପୋପ୍-୪୪, ଯଶପ୍ରୀତ୍ ବୁମ୍‌ରା-୫/୭୪, ମହମ୍ମଦ ସିରାଜ-୨/୮୫, ନୀତୀଶ କୁମାର ରେଡ୍ଡୀ-୨/୬୨, ରବୀନ୍ଦ୍ର ଜାଡେଜା-୧/୨୯)।

## ଦ୍ରାବିଡ୍‌ଙ୍କୁ ଟପିଲେ ରୁଟ୍

ଭାରତ ବିପକ୍ଷ ଲର୍ଡ୍ସ ଟେଷ୍ଟରେ କ୍ୟାରିୟରର ୩୭ତମ ଶତକ ହାସଲ ସହ ଇଂଲଣ୍ଡର ଜୋ ରୁଟ୍ କେତେକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଟେଷ୍ଟ ଶତକ ରେକର୍ଡରେ ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ୍ ଓ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥଙ୍କୁ ପଛରେ ପକାଇଛନ୍ତି। ଉଭୟ ଦ୍ରାବିଡ୍ ଓ ସ୍ମିଥ ୩୬ଟି ଲେଖାଏ ଶତକ ହାସଲ କରିଥିଲେ। ଲର୍ଡ୍ସରେ ରୁଟ୍ ୧୯୯ ବଲ୍‌ରୁ ୧୦ ଚୌକା ସହାୟତାରେ ୧୦୪ ରନ୍ କରିଥିଲେ। ଟେଷ୍ଟରେ ସର୍ବାଧିକ ଶତକ ତାଲିକାରେ ଭାରତର ସଚିନ ତେନ୍ଦୁଲକର (୫୧ ଶତକ) ଶୀର୍ଷରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ଜ୍ୟାକ୍ସ କାଲିସ (୪୫), ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୪୧) ଓ ଶ୍ରୀଲଙ୍କାର କୁମାର ସଙ୍ଗକାରା (୩୮) ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷରେ ଏହାଥିଲା ରୁଟ୍‌ଙ୍କର ୧୧ଶ ଟେଷ୍ଟ ଶତକ। ଏହି ରେକର୍ଡ କରିବାରେ ସେ ସ୍ମିଥଙ୍କ ସହ ସମକକ୍ଷ ହୋଇଛନ୍ତି। ଏହି ସଫଳତା ପାଇଁ ସ୍ମିଥ ୪୬ଟି ଇନିଂସର ସହାୟତା ନେଇଥିବାବେଳେ ରୁଟ୍‌ଙ୍କୁ ୬୦ ଇନିଂସ ଖେଳିବାକୁ ପଡ଼ିଛି। ମାଇକେଲ ଭନ୍ (୨୦୦୪-୦୫), ସାର୍ ଜ୍ୟାକ୍ ମାଷ୍ଟର ହବ୍ସ (୧୯୧୨-୧୯୨୬)ଙ୍କ ପରେ ତୃତୀୟ ଇଂଲିଶ୍ କ୍ରିକେଟର ଭାବେ ରୁଟ୍ ଲର୍ଡ୍ସରେ ୩ ଶତକ ଅର୍ଜନ କରିଛନ୍ତି। ଅନ୍ୟ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ କେବଳ ଭାରତର ଦିଲୀପ ଭେଙ୍ଗସରକାର ସେଠାରେ ୧୯୭୯, ୧୯୮୨ ଓ ୧୯୮୬ରେ ୩ ଶତକ ହାସଲ କରିଥିଲେ।

## ଅଲ୍‌କାରାଜ ଫାଇନାଲରେ

**ଲଣ୍ଡନ, ୧୧।୭**

ସ୍ପେନର କାର୍ଲୋସ ଅଲ୍‌କରାଜ ୱିମ୍ବଲେଡନ ଟେନିସ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେଣ୍ଟର କୋର୍ଟରେ ଅନୁଷ୍ଠିତ ୪ସେଟ୍ ବିଶିଷ୍ଟ ପ୍ରଥମ ସେମିଫାଇନାଲରେ ସେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୬-୪, ୫-୭, ୬-୩, ୭-୬ (୮-୬)ରେ ହରାଇ ଦେଇଛନ୍ତି। ଏଠାରେ ଗତ ଦୁଇଥର ଚାମ୍ପିୟନଙ୍କ ଏହା କ୍ରମାଗତ ତୃତୀୟ ଫାଇନାଲ। ଫାଇନାଲରେ ସେ ନୋଭାକ୍ ଜୋକୋଭିଚ୍ କିମ୍ବା ଜାନିକ ସିନରଙ୍କୁ ଭେଟିବେ। ଜୋକୋଭିଚ୍ ଏପର୍ଯ୍ୟନ୍ତ ସୁଦ୍ଧା ତାଙ୍କ କ୍ୟାରିୟରରେ ୭ ଥର ୱିମ୍ବଲେଡନ ଚାମ୍ପିୟନ ହୋଇଥିବାବେଳେ ୨୪ ଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ନମ୍ବର ୱାନ ୩ଥର ଗ୍ରାଣ୍ଡସ୍ଲାମ ବିଜେତା ହୋଇଥିବା ବେଳେ ସେ ଏହି ସମସ୍ତ ଟାଇଟଲ ହାର୍ଡକୋର୍ଟରେ ଜିତିଛନ୍ତି।

## ଆଇଏସ୍‌ଏଲ୍ ୨୦୨୫-୨୬ ସିଜନ ସ୍ଥଗିତ


**ନୂଆଦିଲ୍ଲୀ, ୧୧।୭ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆୟୋଜକ ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ମଧ୍ୟରେ ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ) ନବୀକରଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଫଳତଃ ଇଭେଣ୍ଟର ଆୟୋଜକ ଶୁକ୍ରବାର ଆଇଏସ୍‌ଏଲ୍‌ର ୨୦୨୫-୨୬ ସଂସ୍କରଣକୁ ସ୍ଥଗିତ ଘୋଷଣା କରିଛନ୍ତି। ଦେଶର ଏହି ଶୀର୍ଷସ୍ତରୀୟ ଲିଗ୍ ସାଧାରଣତଃ ସେପ୍ଟେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ଇଭେଣ୍ଟର ଆୟୋଜକ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ ଏବଂ ଏଆଇଏଫ୍‌ଏଫ୍ ମଧ୍ୟରେ ହୋଇଥିବା ରାଜିନାମା ୨୦୨୫ ଡିସେମ୍ବର ୮ରେ ଶେଷ ହେଉଛି। ସେତେବେଳେ ଆଇଏସ୍‌ଏଲ୍ ତୃତୀୟ ମାସରେ ପହଞ୍ଚିଥିବ। ଡିସେମ୍ବର ପୂର୍ବରୁ ଯଦି ଚୁକ୍ତିର ନବୀକରଣ କରା ନ ଯାଏ ତେବେ ଏହା ଆଗକୁ ଯାଇପାରିବ ନାହିଁ। ଅର୍ଥାତ୍ ଟୁର୍ନାମେଣ୍ଟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଆମେ ୨୦୨୫ -୨୬ ସିଜନ ଆୟୋଜନ ପାଇଁ ଫଳପ୍ରଦ ଯୋଜନା ପ୍ରସ୍ତୁତ କରିବା ଅବା ଏହାର ବ୍ୟବସାୟୀକରଣ କରିବା ସମ୍ଭବପର ନୁହେଁ। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମେ ଟୁର୍ନାମେଣ୍ଟ ଆଗକୁ ବଢ଼ାଇବା ସ୍ଥିତିରେ ନାହୁଁ। ବର୍ତ୍ତମାନର ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟର ମିଆଦ ଶେଷ ପରେ ଚୁକ୍ତିନାମା ଢାଞ୍ଚାରେ ସ୍ପଷ୍ଟତା ନ ଆସିବା ପର୍ଯ୍ୟନ୍ତ ଆସନ୍ତା ଆଏସ୍‌ଏଲ୍‌ର ଆୟୋଜନ ସମ୍ଭବପର ନୁହେଁ। ଏହି ନିଷ୍ପତ୍ତି ଆମେ ହାଲ୍‌କା ଭାବେ ନୁହେଁ ସବୁ ଦୃଷ୍ଟିକୋଣରୁ ବିଚାର କରି ନେଇଛୁ ବୋଲି ଆଇଏସ୍‌ଏଲ୍ କ୍ଲବଗୁଡ଼ିକୁ ସମ୍ବୋଧିତ କରି ପ୍ରେରଣ କରାଯାଇଥିବା ଚିଠିରେ ଇଭେଣ୍ଟର ଆୟୋଜକ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ କହିଛି।

## ସିନିଆକୋଭା-ଭର୍ବିକଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

**ଲଣ୍ଡନ, ୧୧।୭ (ଏପି)**

କାଟରିନା ସିନିଆକୋଭା ଓ ସେମ୍ ଭର୍ବିକ୍ ୱିମ୍ବଲେଡନ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେମାନେ ଲୁଇସା ଷ୍ଟିଫିନି ଓ ଜୋ ସାଲିବୁରୀଙ୍କୁ ୭-୬ (୩), ୭-୬ (୩)ରେ ହରାଇ ଦେଇଛନ୍ତି। ଚେକ୍‌ରିପବ୍ଲିକର ସିନିଆକୋଭା ୧୦ଥର ମହିଳା ଡବଲ୍ସ ଚାମ୍ପିୟନ ହୋଇଥିବାବେଳେ ଡଚ୍ ଖେଳାଳି ଭର୍ବିକଙ୍କର ଏହା ହେଉଛି ପ୍ରଥମ ଗ୍ରାଣ୍ଡସ୍ଲାମ୍। ସିନିଆକୋଭା ଆହୁରି ମଧ୍ୟ ଦୁଇଥର ଅଲିମ୍ପିକ ଚାମ୍ପିୟନ। ଗତବର୍ଷ ପ୍ୟାରିସ ଗେମ୍ସରେ ଟୋମାସ ମ୍ୟାଚାକ୍‌ଙ୍କ ସହ ସେ ମିକ୍ସଡ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବାରବୋରା କ୍ରେଜିକୋଭାଙ୍କୁ ସାଥୀ କରି ସେ ୨୦୨୧ ଟୋକିଓ ଗେମ୍ସ ମହିଳା ଡବଲ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସିନିଆକୋଭା ତାଙ୍କର ୧୦ ମହିଳା ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ମଧ୍ୟରୁ ୭ଟି କ୍ରେଜିକୋଭାଙ୍କ ସହ ହାସଲ କରିଥିବାବେଳେ ଗତବର୍ଷ ଫ୍ରେଞ୍ଚ ଓପନରେ ଗୋଟିଏ କୋକୋ ଗଫ୍‌ଙ୍କ ସହ ଜିତିଛନ୍ତି।



ୱିମ୍ବଲେଡନ ଗ୍ରାଣ୍ଡସ୍ଲାମ ଟେନିସ ମିକ୍ସଡ ଡବଲ୍ସ ଟ୍ରଫି ସହ କାଟରିନା ସିନିଆକୋଭା ଓ ସେମ୍ ଭର୍ବିକ୍।

### ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

## ବିଦେଶରେ ତାଲିମ ନେବେ ନୀରଜ

**ନୂଆଦିଲ୍ଲୀ, ୧୧।୭ (ପି.ଟି.)**

ସେପ୍ଟେମ୍ବରରେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଗତଥରର ଜାଭେଲିନ୍ ଥ୍ରୋ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରାଙ୍କ ସମେତ ଏଥିରେ ଭାଗନେବାକୁଥିବା ଭାରତୀୟ ଆଥ୍‌ଲେଟମାନଙ୍କ ମଧ୍ୟରୁ ଅଧିକାଂଶ ୟୁରୋପ ଓ ଆମେରିକାରେ ଟ୍ରେନିଂ ନେବେ। ଦକ୍ଷତା ବିକାଶ ଓ ପଦକ ସମ୍ଭାବନା ବୃଦ୍ଧି ଲକ୍ଷ୍ୟ ରଖି ଏହି ଟ୍ରେନିଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହା କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି)ର ଅନୁମୋଦନ ଲାଭ କରିଛି। ଟ୍ରେନିଂ ଓ ପ୍ରତିଯୋଗିତା ପାଇଁ ୮୬ ଲକ୍ଷ ଟଙ୍କାର ଏହି ପ୍ରସ୍ତାବ ଦ୍ୱାରା ଆଥ୍‌ଲେଟମାନେ ବିଶେଷ ଭାବେ ଉପକୃତ ହେବେ। ଏହାର ସିଂହଭାଗ ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ହେବାକୁଥିବା ଟୋକିଓ ଇଭେଣ୍ଟ ଯେଉଁମାନେ ଯୋଗ୍ୟତା ଅର୍ଜନ କରିଛନ୍ତି ସେମାନଙ୍କ କ୍ଷେତ୍ରରେ ବ୍ୟୟ କରାଯିବ। ଭାରତ ସବୁଠାରୁ ବଡ଼ ପଦକ ଆଶା ଚୋପ୍ରାଙ୍କ ଉପରେ ରଖିଛି, ଯିଏକି ଏକ ମାତ୍ର ଭାରତୀୟ ଆଥ୍‌ଲେଟଭାବେ ବିଶ୍ୱଚାମ୍ପିୟନଶିପ୍‌ରେ ଦୁଇଟି ପଦକ ହାସଲ କରିପାରିଛନ୍ତି। ସେ ପ୍ରେଗ୍ ମାଇମବୁର୍କ ଓ ଚେକ୍ ରିପବ୍ଲିକରେ ୫୭ଦିନ ଧରି ଟ୍ରେନିଂ ନେବେ। ସେ ତାଙ୍କ ଫିଜିଓ ଇଶାନ ମାରୱାଙ୍କ ସହିତ ଶୁକ୍ରବାର ୟୁରୋପୀୟ ଦେଶକୁ ଯିବେ ଏବଂ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ଏ ବାବଦରେ ମୋଟ ୧୯ ଲକ୍ଷ ଟଙ୍କା ବ୍ୟୟ ହେବ। ୨୭ ବର୍ଷୀୟ ନୀରଜ ୨୦୨୩ରେ ସ୍ୱର୍ଣ୍ଣ ଜିତିବା ପୂର୍ବରୁ ୨୦୨୨ରେ ଏହି ବଡ଼ ସଂସ୍କରଣରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ ଭାବେ ପଦକ ହାସଲ କରିଥିଲେ ଅଞ୍ଜୁ ବବି ଜର୍ଜ (୨୦୦୩ ଲଙ୍ଗ୍ ଜମ୍ପରେ ବ୍ରୋଞ୍ଜ)। ଷ୍ଟିପଲଚେଜର ଅବିନାଶ ସାବ୍‌ଲେ ଓ ପାରୁଲ ଚୌଧାରୀ ଏବଂ ଲଙ୍ଗ ଡିଷ୍ଟାନ୍ସ ରନର ଗୁଲ୍‌ବୀର ସିଂ ଲସ୍‌ଏଞ୍ଜେଲ୍ସସ୍ଥିତ କଲୋରାଡୋ ସ୍ପ୍ରିଙ୍ଗଠାରେ ଜୁଲାଇ ୧୫ରୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଟ୍ରେନିଂ ନେବେ। ସରକାର ଏହି ୩ଜଣଙ୍କ ଟ୍ରେନିଂ ଖର୍ଚ୍ଚ ବାବଦରେ ମୋଟ ୪୧.୨୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏମାନେ ସମସ୍ତେ ହେଉଛନ୍ତି ଜାତୀୟ ରେକର୍ଡଧାରୀ ଏବଂ ଗତ ଏସିଆନ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି।

## ଶ୍ରଦ୍ଧାଞ୍ଜଳିଙ୍କୁ ଏଏଫ୍‌ସି 'ଏ' ଲାଇସେନ୍ସ

**ଭୁବନେଶ୍ୱର, ୧୧।୭**
**(ତପନ ସ୍ୱାଇଁ)**



ଓଡ଼ିଶା ଫୁଟବଲ ପାଇଁ ଶୁକ୍ରବାର ଆସିଛି ଏକ ବଡ଼ ଖୁସି ଖବର। ରାଜ୍ୟ ମହିଳା ଫୁଟବଲରେ ଅନେକ ପ୍ରଥମର ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏଏଫ୍‌ସି 'ଏ' ଲାଇସେନ୍ସ କୋଚ୍ ହୋଇଛନ୍ତି। ଏହି କୃତୀତ୍ୱ ଅର୍ଜନ କରିବାରେ ସେ ରାଜ୍ୟର ପ୍ରଥମ ମହିଳା କ୍ରୀଡ଼ାବିତ୍। ଓଡ଼ିଶା ମହିଳା ଫୁଟବଲକୁ ନିରନ୍ତର ଦିଗ୍‌ଦର୍ଶନ ଦେଇ ଆସିଥିବା ପ୍ରଖ୍ୟାତ କ୍ରୀଡ଼ାବିତ୍ ଶ୍ରଦ୍ଧାଞ୍ଜଳିଙ୍କୁ ତାଙ୍କର ଗୁଣାତ୍ମକ କୋଚିଂ ପାଇଁ ସର୍ବଭାରତୀୟ ଫୁଟବଲ ଫେଡେରେଶନ ପକ୍ଷରୁ ଏହି ସମ୍ମାନଜନକ ଲାଇସେନ୍ସ ପ୍ରଦାନ କରାଯାଇଛି। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ୨୦୧୪ରୁ ଏପର୍ଯ୍ୟନ୍ତ ଦୀର୍ଘ ୧୫ ବର୍ଷ ଧରି ନିରବଚ୍ଛିନ୍ନଭାବେ ଜାତୀୟ ଦଳର ବିଭିନ୍ନ ବର୍ଗରେ କୋଚ୍ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପନ୍ନକରି ପ୍ରଶଂସା ସାଉଁଟିଛନ୍ତି। ଏହା ବ୍ୟତୀତ ସେ ଅନେକଥର ଭାରତୀୟ ମହିଳା ଫୁଟବଲ ଦଳର ଚୟନକର୍ତ୍ତାଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ୨୦୦୫ରେ ଶ୍ରଦ୍ଧାଞ୍ଜଳି ଜାତୀୟ ମହିଳା ଫୁଟବଲ ଦଳର ଅଧିନାୟକ ନିଯୁକ୍ତ ହୋଇ ଓଡ଼ିଶା ପାଇଁ ଇତିହାସ ସୃଷ୍ଟି କରିଥିଲେ। ଖେଳ ଜୀବନରୁ ଆରମ୍ଭ କରି କୋଚ୍ ଏବଂ ଚୟନକର୍ତ୍ତାଭାବେ ସଫଳତାର ଶୀଢ଼ି ଚଢ଼ି ଚାଲିଥିବା ଶ୍ରଦ୍ଧାଞ୍ଜଳିଙ୍କ ନିକଟକୁ ଏବେ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ସେମିଫାଇନାଲରେ ଓଡ଼ିଶା

**ଭୁବନେଶ୍ୱର, ୧୧।୭ (ତପନ ସ୍ୱାଇଁ)**

### ଜାତୀୟ ସବ୍‌ଜୁନିୟର ମହିଳା ହକି

ରାଞ୍ଚିରେ ଚାଲିଥିବା ୧୫ଶ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୫-୦ ଗୋଲରେ ବିହାରକୁ ପରାସ୍ତ କରିଛି। ପୂରା ମ୍ୟାଚରେ ଓଡ଼ିଶା ଦଳ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଫଳରେ ମ୍ୟାଚଟି ଏକପାଖିଆ ହୋଇ ଯାଇଥିଲା। ଓଡ଼ିଶା ପକ୍ଷରୁ ଆଶିକା ସମଦ ୧୦ମ, ପ୍ରିୟଙ୍କା ମିଞ୍ଜ ୧୪, ଏଲିନା ବୁର ୨୬, ଗୀତା ଲାକ୍ରା ୩୩ ଓ ସ୍ୱିଟି କୁଜୁର ୩୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ଓଡ଼ିଶାର ପ୍ରିୟଙ୍କା ମିଞ୍ଜ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ହରିୟାଣା, ମିଜୋରାମ ଓ ଝାଡ଼ଖଣ୍ଡ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଓଡ଼ିଶା-ହରିୟାଣା ଓ ମିଜୋରାମ-ଝାଡ଼ଖଣ୍ଡ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।




ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ପ୍ରିୟଙ୍କା ମିଞ୍ଜ୍।

# ହେବା କି ନବୀନ କିଶୋରୀ


**ଅବଲୋକନ**



ବ୍ରଜମୋହନ ମିଶ୍ର

ଅନେକ ସମୟରେ ଗୋଟିଏ 'ଠିକ୍'କୁ 'ଭୁଲ୍' ବୁଝି ଅବା ତା'ର ଯାଥାର୍ଥ୍ୟ ହୃଦୟଙ୍ଗମ ନ କରି ଠିକ୍‌ର ତ କଳାହରଣ କରାଯାଏ, ତତ୍‌ସହିତ ସେଇ ମହନୀୟତାର ସୂର୍ଯ୍ୟସ୍ନାନ କରି ବଞ୍ଚିବାର ଆୟାମକୁ ସଶକ୍ତ ଓ ସମୃଦ୍ଧ କରାଯାଏ ନାହିଁ। ଏହା କ'ଣ କମ୍ ଦୁର୍ବିପାକର କଥା! 'ପରମ୍ପରା' ଏପରି ଏକ 'ଠିକ୍', ଯାହା ବହୁ 'ଭୁଲ୍' ବୁଝାମଣାର ଶିକାର ହୋଇଥାଏ। ଏହା ଯେ କସ୍ମିନ୍‌କାଳେ ଏକ ଅପଶକ୍ତି ତେଣୁ ଅନାବଶ୍ୟକ; ତାହା ଆଦୌ ନୁହଁ, ବରଂ ଯଥାର୍ଥ ଅବବୋଧ ପୂର୍ବକ ଏହାର ଆତ୍ମୀକରଣରେ ଜୀବନର ବହୁ ଗ୍ରନ୍ଥିମୋଚନ ସମ୍ଭବପର ହୁଏ। ପରମ୍ପରା ନାଁ ଶୁଣିଲେ ଅନେକେ ଘୃଣା କରନ୍ତି ଏବଂ ଏହା ବର୍ଜନୀୟ ବୋଲି ତତ୍‌କ୍ଷଣାତ୍ ମନ୍ତବ୍ୟ ଦେଇଥାନ୍ତି। ସେମାନେ ଧରି ନେଇଥାଆନ୍ତି ପରମ୍ପରାର ଅର୍ଥ ପୁରୁଣାକାଳିଆ, ଗତାନୁଗତିକତା; ଯାହାର ପ୍ରାସଙ୍ଗିକତା କିମ୍ବା ଉପଯୋଗିତା ନାହିଁ। ଏପରି 'ଭୁଲ୍' କରି ସେମାନେ ଏକ ମହାନ୍ ଶକ୍ତି ଉପରେ ଉପେକ୍ଷାକାରୀ ହେବା ଫଳରେ ତା'ର ଅମର୍ଯ୍ୟାଦା କରିବା ସଙ୍ଗେସଙ୍ଗେ ନିଜ ଅଜ୍ଞତାର ପରିଚୟ ଦେଇଥାନ୍ତି।

ପରମ୍ପରା କେବେ ବି ଏକ ଅନିଷ୍ଟକାରୀ ଶକ୍ତି ନୁହେଁ। ତା' ହୋଇଥିଲେ କବି ସମାଲୋଚକ ଏଲିଅଟ୍ କବିମାନଙ୍କୁ ପରମ୍ପରା ସଚେତନ ହୋଇ ସ୍ୱ କାବ୍ୟ ପରିପାଟୀକୁ ବିସ୍ତୃତ ଓ ବିଲକ୍ଷଣ କରିବାକୁ ଉଦ୍‌ବୋଧନ ଦେଇ ନ ଥାନ୍ତେ। ପରମ୍ପରାର ପ୍ରକୃତ ଅର୍ଥ (ଯାହା ସେ କହନ୍ତି) ''ଅତୀତର ସଞ୍ଚିତପ୍ରଜ୍ଞା''। ପ୍ରଜ୍ଞା, ଗଭୀର ଅବବୋଧ ଓ ଅନ୍ତର୍ଦୃଷ୍ଟିସମ୍ଭୂତ। ଏହା ବ୍ୟକ୍ତିର ସାତ୍ତ୍ୱିକତା ଯୋଗୁଁ ପ୍ରକାଶିତ ହୋଇଥାଏ। ଏକ ନିର୍ଭୁଲ୍, ନିର୍ଭେଜାଲ ଏବଂ ନିତିପର ଶକ୍ତି ରୂପରେ ଯୁଗପତ୍ ବୋଧଯୁକ୍ତ ଏବଂ ବୋଧଦାୟୀ। କେବଳ କବିର ଭାବ ପ୍ରକାଶ ସକାଶେ ଯେ ଏହା ଦରକାର ତାହା ନୁହେଁ, ଏହା ପ୍ରତ୍ୟେକ ବ୍ୟକ୍ତିର ଯଥାର୍ଥ ଅଭିବ୍ୟକ୍ତି ପାଇଁ ପ୍ରୟୋଜନ। ଉପନିଷଦୀୟ ପ୍ରଜ୍ଞାର ଏକ ନମୁନା 'ନ ବିତ୍ତେନ ତର୍ପଣୀୟୋ ମନୁଷ୍ୟଃ' (ଧନ ସମ୍ପତ୍ତି ମନୁଷ୍ୟକୁ ତୃପ୍ତି ଦେଇପାରିବ ନାହିଁ), ହେଲେ





ଯାକୁ ହସି ଫୁଟ୍‌କି ମାରିବାକୁ ବେଶ୍ କିଛି ଲୋକ ଅଛନ୍ତି। ଓଡ଼ିଆ ଧର୍ମଧାରାରେ ଶିଶୁ ଅନନ୍ତ(୧୪୮୬)ଙ୍କ 'ହେତୁଉଦୟ ଭାଗବତ'ର ପ୍ରଜ୍ଞା କେଡ଼େ ଶକ୍ତିଶାଳୀ, ସର୍ବକାଳ ସକାଶେ ଯାହା 'ମନ' କଥା କହେ! ସାମାନ୍ୟ ପ୍ରୟାସରେ ବେଶ୍ ଧରି ହୁଏ 'ମନ' କିପରି ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଏବଂ ତାହାର ଯଥାର୍ଥ ସଂସ୍କାରରେ ସଂସାରର ସର୍ବବିଧ ଶ୍ରେୟ ନିହିତ। ଯଦି ବ୍ୟକ୍ତି ଏହାର ସଖା ନ ହୋଇ ଦାସ ହୋଇଥାଏ, ତାହା ହେଲେ ସେ ତା' ଅଗ୍ରଗତିର ଦ୍ୱାର ସବୁ ବନ୍ଦ କରିଦିଏ। ମନର ଅମାପ କ୍ଷମତା ସମ୍ପର୍କରେ ଆଲ୍‌ଡସ୍‌ହକ୍ସଲେ ଏକ ଚମତ୍କାର ଦୃଷ୍ଟାନ୍ତ ଉପସ୍ଥାପନ କରନ୍ତି। ତାଙ୍କ ମତରେ ଅସ୍ତ୍ର ଯୁଦ୍ଧ କରେ ନାହିଁ, ଯୁଦ୍ଧ କରେ ମନ। ମନର ଅନିଚ୍ଛାରେ ଅସ୍ତ୍ର ଅଶକ୍ତ, ତେଣୁ ଅକାମୀ। ଏହା ଏକ ଅନୁଭୂତି, ଯାହା ସର୍ବକାଳୀନ ସତ୍ୟ। ଭିନ୍ନ ଭାବରେ ସେଇ ପ୍ରସଙ୍ଗର ଅବତାରଣା କରିଛନ୍ତି ଶିଶୁ ଅନନ୍ତ– ''ମନକୁ ସ୍ତିରୀବେଶ କରି / ହୋଇବୁ ନବୀନ କିଶୋରୀ''।

ବେଶ ହେବା ପାଇଁ ବ୍ୟକ୍ତି ଖୁବ୍ ଉଚ୍ଛନ୍ନ ହୁଏ। ଭଲ ବେଶ ପକାଇଲେ ଭଲ ବ୍ୟବହାର ମିଳେ ବୋଲି ଲୋକବଚନ ଅଛି– ଭେକ ଥିଲେ ଭିକ ମିଳେ। ଏହି ଭଲ ବେଶର ଅର୍ଥ ଏ ଦେହଟାକୁ ଯେତେ ସଜାଯାଇପାରେ। ଫଳରେ ତାହା ଏପରି ହୁଏ ଯେ ଅନ୍ୟମାନେ ସେ ଆଡ଼କୁ ନିଶ୍ଚୟ ଦୃଷ୍ଟି ଦେବେ। ପୃଥିବୀ ଇତିହାସରେ ଦେହ-ସଜାଣର କ'ଣ କମ୍ ଫେନିଳ

**ଜଗତେ ଆନନ୍ଦଯଜ୍ଞେ**

ଜଗତେ ଆନନ୍ଦଯଜ୍ଞେ ଆମାର ନିମନ୍ତ୍ରଣ।
ଧନ୍ୟ ହଲ, ଧନ୍ୟ ହଲ ମାନବ ଜୀବନ॥
ନୟନ ଆମାର ରୂପେର ପୁରେ
ସାଧ ମିଟାୟେ ବେଡ଼ାୟ ଘୁରେ,
ଶ୍ରବଣ ଆମାର ଗଭୀର ସୁରେ ହୟେଛେ ମଗନ॥
ତୋମାର ଯଜ୍ଞେ ଦିୟେଛ ଭାର,
ବାଜାଇ ଆମି ବାଁଶି–
ଗାନେ ଗାନେ ଗେଁଥେ ବେଡ଼ାଇ ପ୍ରାଣେର କାନ୍ନା ହାସି।
ଏଖନ ସମୟ ହୟେଛେ କି?
ସଭାୟ ଗିୟେ ତୋମାୟ ଦେଖି
ଜୟଧ୍ୱନି ଶୁନିୟେ ଯାବ ଏ ମୋର ନିବେଦନ॥
– ରବୀନ୍ଦ୍ରନାଥ ଠାକୁର



ବର୍ଣ୍ଣନା ଅଛି! ବିଶେଷକରି ଆମ ରୀତିଯୁଗ କାବ୍ୟମାନଙ୍କରେ ନାରୀର ଦେହସଜା କଥା କେତେ ଭଙ୍ଗୀରେ କୁହାଯାଇଛି। ରତି ପାଇଁ ଏ ପ୍ରକାର ଦେହ ପରିଚର୍ଯ୍ୟା ଅତ୍ୟନ୍ତ ଆବଶ୍ୟକ ବୋଲି ରୂପଶାସ୍ତ୍ରୀମାନେ କହିଛନ୍ତି। ହେଲେ ମଣିଷକୁ – ସେ ନାରୀ ହୁଅନ୍ତୁ କି ପୁରୁଷ– 'ନବୀନ କିଶୋରୀ' ହେବା ପାଇଁ ଯେଉଁ ଅଭିନବ ଆଧ୍ୟାତ୍ମିକ ଆହ୍ୱାନଟିଏ ଦିଆଯାଇଛି, ସେଥିରେ ଦେହ–ସଜାଣର ବର୍ଣ୍ଣନା ଥିଲେ ବି ଏହା ଯେ ତୁଚ୍ଛା, ତାହା ନୁହଁ। କିଶୋରୀ ତ ଦେହ ସଜାଏ ଆକର୍ଷଣୀୟ ଦେଖାଯିବା ପାଇଁ। ତା'ର ମନ ସେତେବେଳେ ପୁରୁଷକୁ ଆୟତ୍ତ କରିବାର ଅଭିପ୍ରାୟରେ ଥାଏ। ସେଇଥିପାଇଁ ସେ ଆଉ ନିଜ ଆୟତ୍ତରେ ନ ଥାଏ। ହେଲେ 'ନବୀନ କିଶୋରୀ' ଅବା ଭିନ୍ନ ଏକ ପ୍ରକାର କିଶୋରୀ ହେବାକୁ ହେଲେ ଦେହକୁ ନୁହେଁ ମନକୁ ସ୍ତ୍ରୀ ବେଶ (ଭାବ) ଧାରଣ କରିବାକୁ ପଡ଼ିବ ବୋଲି କବିଙ୍କ ମତ। କବି କୀଟ୍‌ସଙ୍କ ଲା ବେଲେ ଡାଁ ସଁ ମର୍ସି ପରି। ସେ ଅକପଟ ଭାବରେ ଏପରି ବେଶ ହେଲାପରେ ଭିନ୍ନ ଏକ ବର୍ଣ୍ଣବିଭାରେ ଝଟକିବ। ମନକୁ ସ୍ତ୍ରୀ ବେଶ ଅବା ସ୍ତ୍ରୀ ଭାବସମ୍ପନ୍ନ କଲେ ବ୍ୟକ୍ତି ଆଉ ବହିର୍ଗମନ କରିବାକୁ ମନ କରିବ ନାହିଁ। 'ନବୀନ କିଶୋରୀ' ହେବାର ଅର୍ଥ ଏକ ନାରୀଭାବ ବି ଏକ ଯଥାର୍ଥ ଯୋଗମୟ ଜୀବନଯାପନ ସକାଶେ ନିଜକୁ ପ୍ରସ୍ତୁତ ଏବଂ ଯୋଗ୍ୟ କରାଇବା।

ଏଇ ନାରୀ ବେଶର ଏକ ଆଖିଦୃଶିଆ ବର୍ଣ୍ଣନା ଦେଇ କବି ଅନନ୍ତ କହନ୍ତି, ''ଲଲାଟେ ସିନ୍ଦୂରର ଚିତା/ ରୂପେଣ ଜଗଜ୍ଜନହୀତା/ ହସ୍ତରେ ବଳୟ କଙ୍କଣ/ ପାଦେ ନୂପୁର ରୁଣଝୁଣ/ ନାସାରେ ଖଞ୍ଜିକୁ ବସଣୀ/ କଜ୍ଜ୍ୱଳ ନୟନରେ ପୁଣି/ ଗଳାରେ ମୁକୁତାର ହାର/ କର୍ଣ୍ଣତାଡ଼ିକି ହୀରାସାର/ କର୍ଣ୍ଣରେ କର୍ଣ୍ଣଫୁଲ ଦେଇ/ ବିଚିତ୍ର ରୂପ ମନମୋହି/ ପିନ୍ଧିବ କଳାମେଘ ଶାଢ଼ୀ/ ଲୋଟଣି ଛନ୍ଦେ ଜୁଡ଼ା ବାନ୍ଧି/ କର୍ପୂର ଚନ୍ଦନ ମିଶାଇ/ ସର୍ବାଙ୍ଗେ ଲେପନ ଯେ ହୋଇ/ ହସ୍ତରେ ମଞ୍ଜରୀ ଘେନିଣ/ ନବୀନ କିଶୋରୀ ହୋଇଣ/ ଏମନ୍ତେ ବେଶ ହୋଇ କରି/ ପ୍ରବେଶ ହୋଇବ ଅର୍ଗଳି''! ବ୍ୟକ୍ତି ଏପରି ଏକ ବେଶ ହେବାପରେ ସେହି 'ଅର୍ଗଳି'ରେ ଅର୍ଥାତ୍ ପରମାତ୍ମାଙ୍କ ପଥରେ ଯାତ୍ରୀ ହେବାକୁ ଯୋଗ୍ୟ ବା ସମର୍ଥ ହେବ। ଆପଣାର ଦେହ, ମନ, ପ୍ରାଣକୁ ଏପରି ନାରୀବେଶ (ନାରୀ ଭାବମୟ) କରିବା ସତ୍ତ୍ୱା ହିଁ ତେଣୁ ଜଗତକୁ କଦାଚ କହିବ ନାହିଁ, ''ଜନ୍ମ ଦୁଃଖଂ, ଜରା ଦୁଃଖଂ, ଜାୟା ଦୁଃଖଂ ପୁନଃପୁନଃ'' କି ''ଚିର ହାହାମୟ ଏ ଛାର ଜୀବନ/ ଜୀବନ ନୁହଇ ଜୀବନ୍ତ ମରଣ''। ଯେ ନିଜ ଜୀବନକୁ ଭଲ ପାଇପାରେ ନାହିଁ (ଅର୍ଥାତ୍ ଯେ ନିଜର ସଖା ହୋଇପାରେ ନାହିଁ), ସେ ଜଗତକୁ ଭଲପାଇ ପାରେ ନାହିଁ। ନିଜଠାରୁ ବିଯୁକ୍ତ ବ୍ୟକ୍ତି ସକଳ ଆଡ଼ମ୍ବର, ଆଟୋପ, ଅଭିମାନ ସହ ମାତ୍ର ପୁରୁଷଟିଏ ହିଁ ହୋଇ ରହିଯାଏ, ଯେ ଦାବି କରେ, ଅଧିକାର ପାଇଁ ହୁଙ୍କାର ଛାଡ଼େ– ''ମହୀମଣ୍ଡଳେ ନାହିଁ ଏମନ୍ତ ଜନ/ ମୋ' ଅଧିକାରେ ଯେହୁ କରିବ ରଣ''।

ଏ ହିଁ ଆଜିର କଳଙ୍କିତ କାରୁଣ୍ୟ–ମଣିଷର ପୁରୁଷପଣିଆର ଧ୍ୱାନ୍ତ ଧ୍ୱଜଭଙ୍ଗତା। ସେଇଥିପାଇଁ ତ ସଂସାର ସକାଶେ ମଣିଷ କ୍ରମେକ୍ରମେ ଅଯୋଗ୍ୟ ହେବାରେ ଲାଗିଛି। ଏ ପରିପ୍ରେକ୍ଷୀରେ କବି ଅନନ୍ତଙ୍କ (ସେଇ ଭାବରେ 'ପରମ୍ପରା'ର) ଏତାଦୃଶ ଆତ୍ମିକ ଉଚ୍ଚାରଣ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଲକ୍ଷ୍ୟଣୀୟ। ତେଣୁ ପରମ୍ପରା କେତେ ପ୍ରାସଙ୍ଗିକ! ଏବେ ଆମେ ସମସ୍ତେ 'ନବୀନ କିଶୋରୀ' ହେବାକୁ ସମ୍ମତ ହେବା। ତେଣୁ ସହଜ ଅବଶ୍ୟ ହେବା ଏବଂ ତା' ସହ ସମର୍ପିତ ବି ନିଶ୍ଚୟ ହେବା। ଏ ବେଶରେ ଅବା ଏ ଭାବରେ ଆମେ କେତେ ସୁନ୍ଦର ଦେଖାଯିବା କାରଣ ସତରେ ସୁନ୍ଦର ବି ହୋଇଥିବା। ଫଳରେ ଆମ ସୌନ୍ଦର୍ଯ୍ୟ, 'କିଶୋରୀ' ଯାଦୁକରୀ ସୌନ୍ଦର୍ଯ୍ୟ ହେବ ନାହିଁ, ତାହା ହେବ 'ନବୀନ କିଶୋରୀ'ର ଉନ୍ମୋଚକ ଶକ୍ତି ସଂହିତା, ଯାହା ଆମର ପ୍ରତି ଆସନ୍ତାକାଲିକୁ ପ୍ରତି ଆଜିଠାରୁ ଉନ୍ନତତର (କବି ଲଙ୍ଗ୍‌ଫେଲୋ) କରାଇବ। ''ଜଗତେ ଆନନ୍ଦ ଯଜ୍ଞେ ଆମାର ନିମନ୍ତ୍ରଣ/ ଧନ୍ୟ ହଲ, ଧନ୍ୟ ହଲ ମାନବ ଜୀବନ'' (ରବୀନ୍ଦ୍ରନାଥ ଠାକୁର)– ଏଇ ହେବ ନିଷ୍କର୍ଷ।

ଭଦ୍ରକ
ମୋ: ୮୦୧୮୦୮୭୮୩୧

**ପୁସ୍ତକ ପରିଚୟ**

## ଶାସ୍ତ୍ରୀୟ ଭାଷା ଓଡ଼ିଆ




**ଲେଖକ:** ଡ. ସୁବ୍ରତ କୁମାର ପୃଷ୍ଟି
**ପ୍ରକାଶକ:** ବି.କେ. ପବ୍ଲିକେଶନ୍ସ ପ୍ରା.ଲି., ଟଙ୍କପାଣି ରୋଡ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୪୯୯/–

ଆଲୋଚ୍ୟ ପୁସ୍ତକରେ ମୋଟ ୮ଟି ପ୍ରକରଣ ରହିଛି। ସେଗୁଡ଼ିକ ହେଲା– 'ଓଡ଼ିଆ ଓ ଓଡ଼ିଶା', 'ଓଡ଼ିଆ ଭାଷା', 'ଓଡ଼ିଆ ଲିପି', 'ଓଡ଼ିଶାର ପ୍ରାକ୍ ଇତିହାସ', 'ଓଡ଼ିଶାର ଇତିହାସ', 'ଓଡ଼ିଶାର ନୌବାଣିଜ୍ୟ ଇତିହାସ', 'ଓଡ଼ିଶା ଏବଂ ଓଡ଼ିଆ ସଂସ୍କୃତି' ଏବଂ 'ଓଡ଼ିଆ ସାହିତ୍ୟର କ୍ରମ ବିକାଶ'। ପ୍ରଥମ ପ୍ରକରଣରେ ଉଡ୍ରରୁ ଓଡ଼ିଶା ନାମର ଉଦ୍‌ଭବ, ସଂସ୍କୃତ, ବୌଦ୍ଧ ଓ ଜୈନ ସାହିତ୍ୟରେ କଳିଙ୍ଗ, ଉତ୍କଳ ଓ ଉଡ୍ର ପ୍ରସଙ୍ଗ, ପ୍ରତ୍ନତାତ୍ତ୍ୱିକ ତଥ୍ୟାନୁସାରେ ତଥା ବିଦେଶୀ ପରିବ୍ରାଜକଙ୍କ ବିବରଣୀରେ ଏହି ପ୍ରସଙ୍ଗର ଅବତାରଣା ଆଦି ଆଲୋଚିତ ହୋଇଛି। ଦ୍ୱିତୀୟ ପ୍ରକରଣରେ ପ୍ରାକୃତ ଓ ଓଡ଼ିଆ ଭାଷା, ଓଡ଼ିଶାରେ ପ୍ରାକୃତ ଭାଷାର ବିକାଶକ୍ରମ, ପାଲି ଭାଷା ଓ ଓଡ଼ିଆ ଭାଷା, ମାଗଧୀ ଓ ଓଡ଼ିଆ ଭାଷା, ଶିଳାଲେଖ ତଥା ତାଳପତ୍ରପୋଥିରେ ଓଡ଼ିଆ ଭାଷାର ଚର୍ଚ୍ଚା କରାଯାଇଛି। ତୃତୀୟ ପ୍ରକରଣରେ ଭାରତୀୟ ଲିପି, ଓଡ଼ିଆ ଲିପି, ବ୍ରାହ୍ମୀ ଲିପି, ଦ୍ରାବିଡ଼ ଲିପି ଆଦି ଲିପି ବିକାଶର ଇତିହାସ ସ୍ଥାନ ପାଇଛି। ଚତୁର୍ଥ ପ୍ରକରଣରେ ଓଡ଼ିଶାର ପ୍ରାକ୍ ଇତିହାସ, ପଞ୍ଚମରେ ଓଡ଼ିଶାର ଇତିହାସ, ଷଷ୍ଠରେ ଓଡ଼ିଶାର ନୌବାଣିଜ୍ୟ ଇତିହାସ, ସପ୍ତମରେ ଓଡ଼ିଶାର ବିବିଧ ସଂସ୍କୃତି ଯଥା: ଯୋଗିନୀ ସଂସ୍କୃତି, ଜଗନ୍ନାଥ ସଂସ୍କୃତି, ବିଭିନ୍ନ ଦାର୍ଶନିକ, କଳା ଓ ସ୍ଥାପତ୍ୟ ଶୈଳୀ; ସଂଗୀତ, ନୃତ୍ୟ ଓ ଲୋକନୃତ୍ୟର ବିବରଣ ପ୍ରଦତ୍ତ ହୋଇଛି। ଅଷ୍ଟମରେ ଭାରତର ସର୍ବପ୍ରାଚୀନ ଅକ୍ଷୁଣ୍ଣ ସାହିତ୍ୟ ଭାବେ ଓଡ଼ିଆ ସାହିତ୍ୟର ପ୍ରାମାଣିକତା ନାନା ତଥ୍ୟ ଭିତ୍ତିରେ ପ୍ରଦର୍ଶିତ ହୋଇଛି। ପୁସ୍ତକର ପ୍ରାରମ୍ଭରେ ଡ. ପୃଷ୍ଟି ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଦିଗରେ ତାଙ୍କର ଓ ଅନ୍ୟ ଭାଷାବିଦ୍‌ମାନଙ୍କର ଉତ୍ସର୍ଗୀକୃତ ଉଦ୍ୟମର ଉଲ୍ଲେଖ କରିଛନ୍ତି। ପୁସ୍ତକଟି ଓଡ଼ିଆ ଭାଷା ଓ ସାହିତ୍ୟର ସୁଦୀର୍ଘ ଇତିହାସ ସମ୍ବନ୍ଧରେ ଯେ ଏକ ପ୍ରାମାଣିକ ଗ୍ରନ୍ଥ, ଏଥିରେ ସନ୍ଦେହ ନାହିଁ।

## ଗୀତିକୁଞ୍ଜ




**କବି:** କୁଞ୍ଜବିହାରୀ ପାଢ଼ୀ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ–୫୦
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୭୦/–

ଆଲୋଚ୍ୟ ପୁସ୍ତକରେ ମୋଟ ୧୦୯ଟି ଗୀତ ସ୍ଥାନିତ। ଗ୍ରନ୍ଥାରମ୍ଭରେ ମତ ଦେଇ ବରିଷ୍ଠ ଗୀତିକବି ବିପିନ୍ ମହାନ୍ତି ଲେଖିଛନ୍ତି: ''ଭକ୍ତି ସଙ୍ଗୀତ ଓ ସୁଗମ ସଙ୍ଗୀତ– ଏହି ଦୁଇ ଭାଗରେ ଗୀତଗୁଡ଼ିକ ବିଭକ୍ତ ହୋଇଥିଲେ ହେଁ ପ୍ରେମ ହେଉଛି ମୁଖ୍ୟ ସ୍ୱର। ସେ ବିଭୁ ପ୍ରେମ ହେଉ ବା ପ୍ରକୃତି ପ୍ରେମ, ମାନବୀୟ ପ୍ରେମ ହେଉ ବା ସାମାଜିକ ପ୍ରେମ ସବୁ କବିତାରେ ପ୍ରେମର ସଂଜ୍ଞା ଭିନ୍ନ ହେଲେ ହେଁ ତାଙ୍କ ଭକ୍ତି ନୈବେଦ୍ୟ ବା ପ୍ରେମ ନିବେଦନର ସ୍ୱର ଓ ସ୍ୱାକ୍ଷର ସ୍ୱତନ୍ତ୍ରତା ବହନ କରେ।'' ପୁସ୍ତକରୁ କେତୋଟି ଉଦ୍ଧୃତି ନେବା– ୧. ''ତୁମ ପାଖେ ବସି ଗାଉଛି ଗୀତ/ ସେ ତ ଆଉ କେହି ନୁହେଁ ତୁମରି ଦାସ।'' (ଗୀତ ଗାଉଅଛି ତୁମରି ଦାସ), ୨. ''ବଡ଼ଦାଣ୍ଡେ ଠିଆହୋଇ ନୀଳଚକ୍ରକୁ ଅନାଇ/ କେତେ ଯେ ଗୁହାରି କରେ/ ଟିକେ ଦରଶନ ପାଇଁ/ କି ଦୋଷ କରିଛି ମୁହିଁ/ ସେ କଥା ତ ଜାଣେ ନାହିଁ/ ଦୟା ପରବଶ ହୋଇ/ ଦରଶନ ଦିଅ ମୋତେ।'' (ହେ ବଡ଼ଠାକୁର), ୩. ''ଗାଇବାକୁ ମନ ଥିଲେ ବି ମୋର/ ସୁଯୋଗ ତ ମିଳୁନାହିଁ/ ଏକା ଏକା ବସି ନିଜେ ଗାଉଥିଲେ/ ଶୁଣିବାକୁ ଶ୍ରୋତା ନାହିଁ।'' (ସୁଯୋଗ ତ ମିଳୁନାହିଁ), ୪. ''ହସ ହସ ମୁହଁ ତା'ର/ ସବୁବେଳେ ହସୁଥାଏ/ ମନର ଦୁଃଖକୁ କେବେ/ କାହାକୁ କହି ନ ଥାଏ।'' (ହସ ହସ ମୁହଁ ତା'ର)। ପୁସ୍ତକର ଦୁଇଟି ଭାଗରୁ ଦୁଇ ଦୁଇଟି କରି ଯେଉଁ ଚାରିଟି ନମୁନା ଏଠାରେ ଉଦ୍ଧୃତ ହେଲା– ଏହା ପ୍ରମାଣ କରେ ଗୀତ–ନିର୍ମାଣରେ କବିଙ୍କ ମୌଳିକତା। ଜୀବନାନୁଭବର ଏକ ସୂକ୍ଷ୍ମ ପ୍ରବାହ ପ୍ରାୟ ଗୀତରେ ସଂଜୀବିତ।

**କବିତା**

## ଶେଷ ପ୍ରାର୍ଥନା

**ଦେବଦର୍ଶନ ଦାଶ**

ସରିଥିଲା ଈଶ୍ୱର ସମର୍ପଣ
ପଦେ ଗୀତ ଗାଇବା ଆଗରୁ
ତୁମେ ଗଲ ସଭାସ୍ଥଳରୁ ସ୍ୱର୍ଗଧାମ।

ପାଇଥିବ ଈଶ୍ୱରଙ୍କ ଠିକଣା
ଆଉ ପଡ଼ି ନଥିବ ଖୋଜିବାକୁ
ଲୋଡ଼ା ପଡ଼ିବନି ପ୍ରାର୍ଥନାସଭା
ଆଉ ଆସିବେନି ଏକତ୍ର ବୈଷ୍ଣବ ଜନ।

ତୁମେ କହିଛ
ବାରୁଦଗନ୍ଧରେ ବିଜୟ ମିଳେନା
ମିଳେ ଆକୁଳ ପ୍ରାର୍ଥନାରେ
ତୁମେ କେମିତିକା ପୁରୁଷ!
ମହାଜାତିର ମହାନାୟକ
ବିନା ଅସ୍ତ୍ରରେ ବିଶ୍ୱବିଜୟୀ
ଏମିତି ଜିତାପଟ ଆଉ କାହାର କୁହ ତ?

ଯୋଉ ଦେଶକୁ ଗଲେ
ତୁମେ ନିମଗ୍ନଥିବ ଧ୍ୟାନରେ,
ନୀରବତା ହିଁ ତ ବିଜୟର ମନ୍ତ୍ର
ତୁମେ ଶିଖେଇଲ ସନ୍ଥ।

ହିମାଳୟ ଓ ତୁମେ ଅଚଳ ମହାମେରୁ
ଏ ଦେଶକୁ କରିଛ ତୀର୍ଥ
ତୁମେ ଗାନ୍ଧୀ, ସାବରମତୀର ସନ୍ଥ।

ସେଇ ଶେଷ ପ୍ରାର୍ଥନା
ସେଇଠୁ ଆରମ୍ଭ ହେଲା ରଘୁପତି ବନ୍ଦନା
ତୁମେ ରଘୁବରଙ୍କ ଦାସ, ଆଶ୍ରମ ଚାଟ
ପରାଧୀନ ଭାରତର ତୁଙ୍ଗ ବିକ୍ରମ
ଫିରିଙ୍ଗୀ ଅତ୍ୟାଚାରର
ନିଦହଜା ଦେବଦୂତ।

ପ୍ରାର୍ଥନା ଆଗରୁ ସରିଗଲା ସବୁ
ଆଲୁଅ ଲିଭିଗଲା
ତୁମେ ସେବେଠୁ ବସିଛ
ସବୁଘରର ପିଣ୍ଡାରେ, କାଠ ଚୌକିରେ।

ମୋ: ୭୦୦୮୬୧୫୦୯୪

## ସକାଳକୁ ଭେଟିବା ପାଇଁ

**ଶିବ ମିଶ୍ର**

ସେଇ ଭୋକିଲା ମଣିଷଟା
ଯାହାକୁ ନିଦ ହୁଏନି ରାତିସାରା,
ଅନ୍ଧାରରେ ଆଉଁଶୁଥାଏ ପେଟ,
ବାରମ୍ବାର ଲେଉଟାଉଥାଏ କଡ଼,
ତମେ ପଚାର ତାକୁ
କହିପାରିବ ସିଏ,
ସକାଳକୁ ଭେଟିବା ପାଇଁ
ପହଁରିବାକୁ ହୁଏ କେତେ ନଈ,
ଚଢ଼ିବାକୁ ହୁଏ ପୁଣି
କେତେ ଯେ ପାହାଡ଼!

ମୋ: ୯୮୫୩୦୭୦୦୧୮

## ମମତାର ଦେବୀଟିଏ

**ଅନସୂୟା ପଣ୍ଡା**

ମହିମିତ ଐଶ୍ୱର୍ଯ୍ୟର ଦେବୀଟିଏ
ଯେବେ ଚାହେଁ ନିଜକୁ ଢଳେଇପାରେ
ପରସ୍ତ ପରସ୍ତ କରି ସମୟର ଚଟାଣରେ
କିସ୍ତିକିସ୍ତି କରି ଚିତ୍ରିତ କରେ ଚରିତ୍ର
ମୁଠାଏ ମୁଠାଏ କରି ଫେଣ୍ଟେ ନିଜକୁ
ମଧୁମୟ ସଂସାରର ସଂଯୋଜନା ପାଇଁ
ନିଜ ମମତାର ସ୍ପର୍ଶ ଦେଇ।

ସେ ଯୋଗମାୟା ପରି ବିସ୍ତାରିପାରେ ଆପଣାକୁ
ସଙ୍କଳ୍ପର କବଚରେ ତପସ୍ୟାର ତପୋବନକୁ
ଲଢ଼ିପଡ଼େ ମୋହର ତ୍ରିଶୂଳ ଓ ଢାଲ ଧରି
ତା' କକ୍ଷପଥର ଅସୁରୀୟ ଶକ୍ତିକୁ ସଂହାରି
ତିଆରେ ମୋହର ଅଳକାପୁରୀ।

ସେବାର ସୁଗନ୍ଧରେ ବାସେ ଦେହ ଓ ଦେହଳୀ
ମମତାର ଆର୍ଦ୍ରତାରେ ଭରିଦିଏ
ଘରକୁ ମନ୍ଦିର କରି ପ୍ରେମର ବିଶାଳତାରେ
ବୈଦୁର୍ଯ୍ୟର ରଙ୍ଗଭରି ଶୃଙ୍ଖଳାର ଶୃଙ୍ଗାରରେ
ସଜାଏ ମନର ଚିତ୍ରପୁରୀ ଶୁଭ ଶଙ୍ଖନାଦେ।

ସକାଳ ଧୂପରେ ଖେଳିଯାଏ
ଧୂପକାଠିର ସୁଗନ୍ଧ ପରି
ସନ୍ଧ୍ୟା ଦୀପରେ ଆଶାର ପ୍ରଦୀପ ଜାଳି
ମନାସୁଥାଏ କଲ୍ୟାଣାର୍ଥେ
ସନ୍ତୋଷର ଦୁଇପାଦ ଧରା।

ମୋ: ୯୪୩୯୨୧୧୯୭୧

**ଗୀତି–କବିତା**

## ସାଜୁ ମୋ ପ୍ରୀତି ଇନ୍ଧନ

**ରାମଚନ୍ଦ୍ର ବେହେରା**

କାହିଁକି କେଜାଣି ଜୀବନରେ ବେଶୀ
ତୁମକୁ ମୁଁ ଭଲପାଏ
ପ୍ରତି ମୁହୂର୍ତ୍ତରେ ତୁମ ସହ
କଥା ହେବା ପାଇଁ ମନ କୁହେ।
ଚପଳା ପରାଏ ତୁମେ ଚାଲିଆସ
ଲୁଚିଯାଅ କିଛି କ୍ଷଣେ
ତୁମ ଆତ୍ମୀୟତା ଶିହରଣ ଜାଗେ
ମୋହରି କୋମଳ ପ୍ରାଣେ।

କେଉଁ ଭାବ ନେଇ ମନର କାହାଣୀ
ବର୍ଣ୍ଣନା କରିବି ମୁହିଁ
ତୁମ ସ୍ମିତ ହସ ମଧୁର ସ୍ୱଭାବ
ହୃଦୟକୁ ଯାଏ ଛୁଇଁ।

ତୁମ ଇସାରାରେ ମୋ ମନ ଗହୀର
ପଲ୍ଲବିତ ହୋଇ ହସେ
ପ୍ରଶ୍ୱାସରେ ତୁମ ଦେହର ସୁଗନ୍ଧ
ମଧୁ ମହମହ ବାସେ।

ବିଶ୍ୱାସ ଡୋରିରେ ସମ୍ପର୍କ ଯୋଡ଼ିବି
ବୋଳିଦେବି ପ୍ରେମ ରଂଗ
ବାହୁ ବନ୍ଧନରେ ଗଢ଼ିବି ସଂସାର
ନ ଛାଡ଼ିବି ତୁମ ସଂଗ।

ମୋ: ୭୩୫୫୬୩୪୩୪୬

**କାଳକାଳକୁ**

''ପ୍ରେମ, ପଇସା କି ପ୍ରସିଦ୍ଧି ନୁହେଁ, ଦେବ ତ ଦିଅ ସତ୍ୟ!''
–ହେନ୍‌ରୀ ଡେଭିଡ୍ ଥରୋ



**ହେନ୍‌ରୀ ଡେଭିଡ୍ ଥରୋଙ୍କ** ଜନ୍ମ ୧୨ ଜୁଲାଇ ୧୮୧୭ରେ ଓ ପରଲୋକ ୬ ମେ ୧୮୬୨ରେ ଆମେରିକାର ମାସାଚ୍ୟୁସେଟ୍‌ସରେ। ସେ ଏକାଧାରରେ କବି, ପ୍ରାବନ୍ଧିକ ଓ ଦାର୍ଶନିକ। 'ୱାଲ୍‌ଡେନ୍' ପୁସ୍ତକ ପାଇଁ ସେ ପ୍ରଖ୍ୟାତ, ଯହିଁରେ ଅଛି ପ୍ରାକୃତିକ ପରିବେଶରେ ସରଳ ଜୀବନଯାପନର ଉଜ୍ଜ୍ୱଳ ଉଦ୍ଭାସନ। ସାଧାରଣ ନାଗରିକ ରାଷ୍ଟ୍ରର ଅନୁଚିତ ବିଧିବ୍ୟବସ୍ଥାକୁ ଅମାନ୍ୟ କରିବା ସପକ୍ଷରେ ଯୁକ୍ତି ହେଉଛି ତାଙ୍କ ଅନ୍ୟତମ ପ୍ରସିଦ୍ଧ ପ୍ରବନ୍ଧଗ୍ରନ୍ଥ ''ସିଭିଲ୍ ଡିସୋବିଡିଏନ୍‌ସ''ର ପ୍ରସଙ୍ଗ। ଏହା ପ୍ରଥମେ 'ରେଜିଷ୍ଟାନ୍‌ସ ଟୁ ସିଭିଲ୍ ଗଭର୍ନମେଣ୍ଟ' ଶୀର୍ଷକରେ ପ୍ରକାଶ ପାଇଥିଲା। ଯକ୍ଷ୍ମା ରୋଗରେ ମାତ୍ର ୪୫ ବର୍ଷ ବୟସରେ ଏହି ପ୍ରତିଭାବାନ୍ ଲେଖକଙ୍କର ପରଲୋକ ଘଟିଲା। ସେ କହନ୍ତି: ''ବହି ବିଶ୍ୱର ସଂଚିତ ସମ୍ପତ୍ତି, ପିଢ଼ିପିଢ଼ି ଓ ରାଷ୍ଟ୍ରର ଯଥାର୍ଥ ଦାୟାଦ।''

**ଲଘୁଗଳ୍ପ**

# ଘରବାହୁଡ଼ା

**ପଦ୍ମାଳୟା ସାମଲ**

ରାତିରେ ନିଦ ଆସୁନଥିଲା ପ୍ରତୀକକୁ। ପ୍ରତି ଘଣ୍ଟାଏ ଅନ୍ତରରେ ଉଠି ବାଥ୍‌ରୁମ ଯାଇ ବୋତଲ ଖୋଲି ପାଣି ପିଉଥିଲା। ରାତି ପାହିଲେ ତାକୁ ଘର ଛାଡ଼ିବାକୁ ହେବ। ସୁଦୂର ମୁମ୍ବାଇ ସହର ଯାଇ ଭାବା ଅଟୋମିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଜୁନିୟର ସାଇଣ୍ଟିଷ୍ଟ ଭାବରେ ଜଏନ କରିବାକୁ ପଡ଼ିବ। ସକାଳ ସାତଟା ତିରିଶରେ ଭୁବନେଶ୍ୱରରୁ ଫ୍ଲାଇଟ୍ ଛାଡ଼ିବ। ଘଣ୍ଟାଏ ପୂର୍ବରୁ ତାକୁ ଏୟାରପୋର୍ଟରେ ପହଞ୍ଚିବାକୁ ହେବ। ମାଆଙ୍କ କଥା ଭାବି ଉଦାସ ଲାଗୁଛି।

ଗତକାଲି ପର୍ଯ୍ୟନ୍ତ ବାବାଙ୍କୁ ବୁଝେଇ ଚାଲିଥିଲା ପ୍ରତୀକ। ହେଲେ ବାବାଙ୍କର ଏକା ଜିଦ୍ ଓଡ଼ିଶା ସରକାରଙ୍କ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବୀରେ ଜଏନ କରିବା ଅପେକ୍ଷା ଭାବା ଅଟୋମିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ସାଇଣ୍ଟିଷ୍ଟ ଭାବରେ ଯୋଗଦେବା ଠିକ ହେବ। ଚାକିରିର ସୁବିଧା ସୁଯୋଗ ଏବଂ ପଦୋନ୍ନତି ଦୃଷ୍ଟିରୁ ଏ ଚାକିରିଟି ବହୁତ ଭଲ। ଜୀବନବାବୁ ପୁଅକୁ ବୁଝେଇ ଚାଲିଥିଲେ– ନିଜର ଭବିଷ୍ୟତକୁ ଆଗ ଦେଖିବାକୁ ପଡ଼େ। ମାଆର ଗୋଡ଼ ଭଲ ହୋଇଗଲାଣି। ଦୁଇଦିନ ହେଲା ସେ ଭଲରେ ଚଲାବୁଲା କରିପାରୁଛି। ଏ ବୟସରେ ଫ୍ରାକ୍‌ଚର ହେଲେ ଭଲ ହେବାକୁ ସମୟ ଲାଗେ। ଡାକ୍ତର କହିଛନ୍ତି ତୋ ମାଆ ଆଉ ତିନିମାସରେ ପୂରା ଦୌଡ଼ିବ। ସେଥିପାଇଁ ଚିନ୍ତା କରନା। ଦେଢ଼ମାସ ହେଲା ମାଆର ପାଖେ ପାଖେ ରହି ସେବା କରିଛୁ। ମୋର ଚାକିରି କାର୍ଯ୍ୟକାଳ ଆଉ ଦୁଇ ବର୍ଷ। ଯା ଭିତରେ ତତେ ସେଠାରେ ରହି ନିଜ ଗୋଡ଼ରେ ନିଜେ ଠିଆହେବାକୁ ପଡ଼ିବ। ବାବାଙ୍କ କଥା ଶୁଣି ନିଜକୁ ଯଥାସମ୍ଭବ ସମ୍ଭାଳି ନେଇ ଶାନ୍ତ ରହିବାକୁ ଚେଷ୍ଟା କରୁଥିଲା ପ୍ରତୀକ। ହେଲେ ସେ ଚାକିରିରେ ଜଏନ କରିବାର ଅନାଗ୍ରହ ତା' ମୁହଁରୁ ସ୍ପଷ୍ଟ ବାରିହୋଇ ପଡୁଥାଏ।

ପରଦିନ ସକାଳେ ନିର୍ଦ୍ଧାରିତ ସମୟରେ ଟ୍ୟାକ୍ସି ଆସି ପହଞ୍ଚିଲା ଗେଟ୍ ପାଖରେ। ହାତରେ ଟ୍ରଲିବ୍ୟାଗ୍ ଧରି ବିଦାୟ ନେବାକୁ ବାହାରିଲା ପ୍ରତୀକ। ସୁରେଖା ଚୁପ୍‌ଚାପ୍ କାନିରେ ଲୁହ ପୋଛି ପୁଅକୁ ବିଦାୟ ଦେଲେ। କ'ଣ କହିବାକୁ ଚାହୁଁଥିଲେ, ହେଲେ କହିପାରିଲେ ନାହିଁ। ଜୀବନବାବୁ ପିଠି ଥାପୁଡ଼େଇ ପୁଅକୁ ବିଦାୟ ଦେଲେ। ମାଆ ବାପାଙ୍କ ପାଦ ଛୁଇଁ ନମସ୍କାର ହେଲାବେଳକୁ ଅନ୍ତର ଭିତରୁ ବାହାରି ଆସୁଥିବା କୋହକୁ ଯଥାସମ୍ଭବ ଚପେଇ ଦେବାକୁ ଚେଷ୍ଟା କରୁଥାଏ ପ୍ରତୀକ। ଏକମୁହାଁ ହୋଇ ଘରୁ ବାହାରି ଟ୍ୟାକ୍ସିରେ ବସିପଡ଼ିଲା।

ଟ୍ୟାକ୍ସି ଭିତରେ ବସି ଅସହ୍ୟ ପୀଡ଼ାରେ ଛଟପଟ ହେଲା ପ୍ରତୀକ। ଘରୁ ବାହାରି ଆସିବାବେଳେ ମାଆର ଶୁଖିଲା ମୁହଁଟା ତା' ଆଖି ସାମ୍ନାରେ ଦିଶିଯାଉଥାଏ। ଏୟାରପୋର୍ଟ ଆଉ ମାତ୍ର କେଇ ମିନିଟର ରାସ୍ତା। ଏଣେ ଉଡ଼ାଣର ଅନ୍ତିମ ଡାକରା, ତେଣେ ମାଆ ମନର ଡାକରା। କିଛି କ୍ଷଣ ପାଇଁ ଗମ୍ଭୀର ହୋଇଗଲା ପ୍ରତୀକ। ତା'ପରେ ଦୃଢ଼ ନିଷ୍ପତ୍ତି ନେଲା ଘରକୁ ଫେରିଆସି ଏଇଠି ଚାକିରିରେ ଜଏନ କରିବ। ଡ୍ରାଇଭରକୁ କହିଲା, 'ଘରକୁ ଫେରିଯିବା, ଏଇଠୁ ଗାଡ଼ି ବୁଲାଅ।'



ଗେଟ୍ ସାମ୍ନାରେ ଟ୍ୟାକ୍ସିରୁ ପ୍ରତୀକ ଓହ୍ଲେଇବାର ଦେଖି ଆଶ୍ଚର୍ଯ୍ୟ ହେଲେ ଜୀବନବାବୁ ଏବଂ ସୁରେଖା। ଘର ଭିତରକୁ ଆସି ପ୍ରତୀକ ଦେଖିଲା ମାଆଙ୍କ ଆଖିରେ ଲୁହର ବନ୍ୟା ଏବଂ ବାବା ବୁଝେଇ ଚାଲିଥିଲେ ତାଙ୍କୁ। ଜୀବନବାବୁଙ୍କ ଉଦ୍ଦେଶ୍ୟରେ ପ୍ରତୀକ କହିଲା, ''ବାବା! ଜୀବନରେ ଅର୍ଥର ମୂଲ୍ୟ ବହୁତ, କିନ୍ତୁ ଅର୍ଥ ରୋଜଗାର ଜୀବନର ଲକ୍ଷ୍ୟ ନୁହେଁ। ପରିବାରର ଖୁସି ଓ ଶାନ୍ତି ମୋ' ପାଇଁ ଅଧିକ ଗୁରୁତ୍ୱ ରଖେ। ମୁଁ ଏଇଠି ତୁମ ପାଖରେ ରହି ଓଡ଼ିଶା ସରକାରଙ୍କ ଅଧୀନରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ପଦବୀରେ ଯୋଗଦେବି। ଏହା ମୋର ଶେଷ ନିଷ୍ପତ୍ତି।''

ପୁଅକୁ ପାଖରେ ପାଇ ସୁରେଖାଙ୍କ ଦେହରେ ଜୀବନ ପଶିଲା, ଯେମିତିକି ତା'ର ଫେରିବା ବାଟକୁ ସେ ଅନାଇ ରହିଥିଲେ। ଏକ ସ୍ନେହପ୍ରବଣ ଆବେଗରେ କୁଣ୍ଢାଇ ପକେଇ ତାକୁ ବୋକ ପରେ ବୋକ ଦେଇଚାଲିଲେ। ଅତି ପାଖରୁ ଏ ଦୃଶ୍ୟ ଦେଖି ନିଃଶବ୍ଦରେ ଜୀବନବାବୁଙ୍କର ଦୁଇଆଖି ସମ୍ପୂର୍ଣ୍ଣ ଓଦା ହୋଇଯାଇଥଲା ଲୁହରେ।

ମୋ: ୭୦୦୮୩୪୮୧୭୨

# କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ ଟୁର୍



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

## ■ ଭାଗନେବେ ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍
## ■ ବିଶ୍ୱସ୍ତରୀୟ କ୍ରୀଡ଼ା ଆୟୋଜନରେ ଓଡ଼ିଶା ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି: କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୧୧।୭ (ତପନ ସ୍ୱାଇଁ)**

ଓଡ଼ିଶାରେ ଆୟୋଜନ ହେବାକୁ ଯାଉଛି ଆଉ ଏକ ବିଶ୍ୱସ୍ତରୀୟ ଆଥ୍‌ଲେଟିକ୍ସ ଇଭେଣ୍ଟ। ୱାର୍ଲ୍ଡ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ ଟୁର (ବ୍ରୋଞ୍ଜ ଲେଭେଲ) ଆସନ୍ତା ଅଗଷ୍ଟ ୧୦ରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ। ଏଥିରେ ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ଭାରତ ସମେତ ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏତ୍‌ନାମ, କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଏବଂ ମାଳଦ୍ୱୀପ ଆଦି ୧୦ରୁ ଅଧିକ ଦେଶର ୧୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ। ‘‘ଓଡ଼ିଶାରେ ପ୍ରଥମ ଥର ପାଇଁ ୱାର୍ଲ୍ଡ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ ଟୁର୍ ଆୟୋଜନ ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବାଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଓ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି’’ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଓ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆର ଟେକ୍ନିକାଲ ଟିମ୍ କଳିଙ୍ଗ ଷ୍ଟାଡିୟମ ଅନୁଧ୍ୟାନ କରି କେତେକ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଛନ୍ତି। ତାହା କରାଯାଉଛି। ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ନିକଟ ଅତୀତରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ) ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବା ନେଇ ଆଶା ରହିଛି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ‘‘ୱାର୍ଲ୍ଡ ଆଥ୍‌ଲେଟିକ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ) ଆୟୋଜନ ପାଇଁ ଭାରତକୁ ଅଧିକାର ପ୍ରଦାନ କରାଯାଇଥିବାରୁ ଆମେ ଗର୍ବିତ। ପ୍ରତିଯୋଗିତାରେ ଭାରତ ସମେତ ବହୁ ଦେଶର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଓଡ଼ିଶାରେ ଏହି ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯିବ’’ ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ୍ ଅଫ ଇଣ୍ଡିଆର ମହାସଚିବ ସନ୍ଦୀପ ମେହତା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଥଲେଟିକ୍ସ ଫେଡେରେଶନ୍ ଅଫ ଇଣ୍ଡିଆର କୋଷାଧ୍ୟକ୍ଷ ବି.ଇ. ଷ୍ଟାନ୍‌ଲି ଜୋନ୍ସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ଏହି ପ୍ରତିଯୋଗିତା ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ କ୍ୱାଲିପାଇଂ ଇଭେଣ୍ଟ ଭାବେ ବିବେଚିତ ହେବ। ପ୍ରତିଯୋଗିତା ପାଇଁ ଏଣ୍ଟ୍ରିର ଶେଷ ତାରିଖ ଜୁଲାଇ ୧୫କୁ ଧାର୍ଯ୍ୟ କରାଯାଇଛି।




# ଟୁର୍ ଦି ଫ୍ରାନ୍ସରୁ ଓହରିଲେ କାଟାନେଓ

**ପୁର୍-ଡି-ବ୍ରିଟାନେ, ୧୧।୭ (ଏପି)**

ରେମ୍‌କୋ ଏଭେନିପୋଏଲଙ୍କ ସାଥୀ ରାଇଡର ତଥା ଟୁର୍ ଡି’ ଫ୍ରାନ୍ସର ଅନ୍ୟତମ ପ୍ରତିଯୋଗୀ ମାଟିଆ କାଟାନେଓ ଶୁକ୍ରବାର ରେସ୍‌ରୁ ଓହରିଯାଇଛନ୍ତି। ସେଣ୍ଟ ମାଲୋଠାରୁ ପୁର୍ ଡି’ ବ୍ରିଟାନେ ପର୍ଯ୍ୟନ୍ତ ୩ ସପ୍ତାହ ବିଶିଷ୍ଟ ଏହି ରେସ୍‌ର ୭ମ ଷ୍ଟେଜ୍‌ର ୭୦ କି.ମି (୪୩ ମାଇଲ)ରେସ୍ ଶେଷରେ କାଟାନୋଓ ପିଠିରେ ଯନ୍ତ୍ରଣା ଅନୁଭବ କରିବାରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିବା ଆୟୋଜକ କହିଛନ୍ତି। ଗତବର୍ଷ ଟୁର୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା ଇଭେନିପୋଏଲ ଶୁକ୍ରବାର ୧୯୭ କିଲୋମିଟର (୧୨୨ ମାଇଲ) ବିଶିଷ୍ଟ ଷ୍ଟେଜ୍‌ର ପୂର୍ବରୁ ଓଭରଅଲ ୩ୟ ସ୍ଥାନରେ ରହିଥିଲେ। ରେସ୍ ଲିଡର ମାଥ୍ୟୁ ଭାନ୍‌ଡର ପୋଏଲ୍‌ଙ୍କଠାରୁ ୪୩ ସେକେଣ୍ଡ ପଛରେ ରହିଥିଲେ। ୩ଥର ଟୁର୍ ଚାମ୍ପିୟନ ଟାଡେଜ ପୋଗାକାର ଭାନ୍‌ଡର ପୋଏଲଙ୍କଠାରୁ ଗୋଟିଏ ସେକେଣ୍ଡ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ